R.N.I. REGN. No. 65000/96 POSTAL REGN. No. OR/BN-32/12-14

ତ୍ରିଂଶତମ ବର୍ଷ
ସଂଖ୍ୟା : ୩୮
ତିଥି : ଅଷ୍ଟମୀ
୧୨ ନଭେମ୍ବର ୨୦୨୫, ବୁଧବାର
ଭୁବନେଶ୍ୱର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

# ସମୟ

SAMAYA

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

12 November 2025, Wednesday

29th ANNIVERSARY

Bhubaneswar | Balasore | Angul | Berhampur | Sambalpur




ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ

ସୁରଭି ୨୦୨୫



ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

## ରାଜ୍ୟସ୍ତରୀୟ ଶିଶୁ ମହୋତ୍ସବ ଉଦ୍‌ଘାଟନୀ ଉତ୍ସବ

**ମୁଖ୍ୟ ଅତିଥି**

ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ





**ଗରିମାମୟ ଉପସ୍ଥିତି**

ଶ୍ରୀ ନିତ୍ୟାନନ୍ଦ ଗଣ୍ଡ
ମନ୍ତ୍ରୀ, ବିଦ୍ୟାଳୟ ଓ ଗଣଶିକ୍ଷା, ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆ ବର୍ଗ କଲ୍ୟାଣ ଏବଂ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ

ଶ୍ରୀମତୀ ଅପରାଜିତା ଷଡ଼ଙ୍ଗୀ
ସାଂସଦ, ଭୁବନେଶ୍ୱର

ଶ୍ରୀ ଅନନ୍ତ ନାରାୟଣ ଜେନା
ବିଧାୟକ, ଭୁବନେଶ୍ୱର (ମଧ୍ୟ)

ଶ୍ରୀ ସୁଶାନ୍ତ କୁମାର ରାଉତ
ବିଧାୟକ, ଭୁବନେଶ୍ୱର (ଉତ୍ତର)

ଶ୍ରୀ ବାବୁ ସିଂ
ବିଧାୟକ, ଏକାମ୍ର, ଭୁବନେଶ୍ୱର

DSPL_344

୧୨ ନଭେମ୍ବର ୨୦୨୫
କ୍ୟାପିଟାଲ ହାଇସ୍କୁଲ, ୟୁନିଟ୍-୩, ଭୁବନେଶ୍ୱର

ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ, ଓଡ଼ିଶା ସରକାର



# ପ୍ରଥମାଷ୍ଟମୀ

ଓଡ଼ିଶାର ପୁରପଲ୍ଲୀରେ ପାଳନ ହୋଇଥାଏ ପ୍ରଥମାଷ୍ଟମୀ ପର୍ବ । ଯେଉଁ ପର୍ବରେ ଘରର ପ୍ରଥମାଙ୍କୁ ଶ୍ରଦ୍ଧାର ସହିତ ପୂଜା କରାଯିବା ସହିତ ସେମାନଙ୍କ ଦାୟିତ୍ୱ ସମ୍ପର୍କରେ ଅବଗତ କରାଯାଇଥାଏ । ଏହି ପର୍ବର ବିଶେଷତ୍ୱ ଖୁବ ସ୍ୱତନ୍ତ୍ର ।





ମାର୍ଗଶିରମାସ କୃଷ୍ଣ ପକ୍ଷର ଅଷ୍ଟମୀ ତିଥିରେ ପାଳନ କରାଯାଇଥାଏ ପ୍ରଥମାଷ୍ଟମୀ ପର୍ବ । ଏହା ଓଡ଼ିଶାର ଏକ ପାରମ୍ପରିକ ପର୍ବ, ଯାହା ସୌଭାଗିନୀ ଅଷ୍ଟମୀ, କାଳ ଭୈରବାଷ୍ଟମୀ ବା ପାପ-ନାଶିନୀ ଅଷ୍ଟମୀ ଭାବେ ମଧ୍ୟେ ନାମିତ । ଅତୀତରେ, ମାର୍ଗଶିର ମାସକୁ ବର୍ଷର ଆଦ୍ୟ ମାସ ବା ପ୍ରଥମ ମାସ ବୋଲି ଗଣନା କରାଯାଇ, ଏହି ମାସରୁ ବର୍ଷାରମ୍ଭ ହେଉଥିଲା । ତେଣୁ ବର୍ଷର ପ୍ରଥମ ମାସର ପ୍ରଥମ ଅଷ୍ଟମୀକୁ ପ୍ରଥମାଷ୍ଟମୀ ବୋଲି କୁହାଯାଇଅଛି । ଏ ଦିନ ବଂଶର ପ୍ରଥମ ଜାତ ସନ୍ତାନ (ପୁଅ ବା ଝିଅ)ଙ୍କୁ ନୂଆ ପୋଷାକ ପିନ୍ଧାଇ, ବନ୍ଦାପନା କରାଯାଏ । ଏହି ଦିନ ଲିଙ୍ଗରାଜ ମହାପ୍ରଭୁଙ୍କର ଏକ ଯାତ୍ରା ମଧ୍ୟ ପାଳନ କରାଯାଇଥାଏ ।

## ପରମ୍ପରା

ଏହିଦିନ ପରିବାରର ଜ୍ୟେଷ୍ଠ ସନ୍ତାନର ସୁଖ ସମୃଦ୍ଧି ଓ ଦୀର୍ଘଜୀବନ ପାଇଁ ପୂଜାବିଧି ଅନୁଷ୍ଠିତ ହୋଇଥାଏ । ଏହି ଦିନ ସେମାନଙ୍କର ଦୀର୍ଘଜୀବନ କାମନା କରି ମାଆମାନେ ଷଠୀ ଦେବୀଙ୍କର ପୂଜା ଅର୍ଚ୍ଚନା କରିଥାନ୍ତି । ପଞ୍ଚପଲ୍ଲବ ଓ ପଞ୍ଚଶସ୍ୟରେ କଳସପୂଜା ଓ ବରୁଣ ପୂଜା ହୋଇଥାଏ । ଓଡ଼ିଆ ପରମ୍ପରା ଅନୁଯାୟୀ ପ୍ରଥମାଷ୍ଟମୀ ଦିନ ଘରର ଜ୍ୟେଷ୍ଠ ସନ୍ତାନଙ୍କୁ ନୂତନ ବସ୍ତ୍ର ପିନ୍ଧାଇ ଦିଅଁଙ୍କ ଆଗରେ ପିଢ଼ା ଉପରେ ବସାଇ ଦୁଇ କାନରେ ଫୁଲ ଓ ମୁଣ୍ଡରେ ଚନ୍ଦନ ଲଗାଇ ଦୁବ, ବରକୋଳି ପତ୍ର ଓ ହଳଦୀମିଶା ଚାଉଳ ମିଶାଇ ସେଥିରେ ମା'ମାନେ ତାଙ୍କୁ ବନ୍ଦାପନା କରନ୍ତି । ବନ୍ଦାପନା ପରେ ଜ୍ୟେଷ୍ଠ ସନ୍ତାନ ଷଠୀ ଦେବୀଙ୍କୁ ମୁଣ୍ଡିଆ ମାରିବା ସହିତ ପିତାମାତାଙ୍କୁ ଓ ଗୁରୁଜନଙ୍କୁ ମୁଣ୍ଡିଆ ମାରି ଆଶୀର୍ବାଦ ଭିକ୍ଷା କରନ୍ତି । ପରିବାରର ଜ୍ୟେଷ୍ଠ ପୁତ୍ର ବା ଜ୍ୟେଷ୍ଠା କନ୍ୟାର ନବ ବସ୍ତ୍ର ପରିଧାନ ଓ ବନ୍ଦାପନା ହେବାର ଏହି ବିଶେଷ ବିଧିକୁ 'ପଢୁଆଁ ହେବା' କହିଥାନ୍ତି । 'ପଢୁଆଁ' ଶବ୍ଦଟି 'ପ୍ରଥମା'ର ଅପଭ୍ରଂଶ । ପରମ୍ପରା ଅନୁଯାୟୀ ଏହି ଦିନ ଜ୍ୟେଷ୍ଠ ସନ୍ତାନ ପିନ୍ଧୁଥିବା ନୂତନ ବସ୍ତ୍ର ମାମୁଁ ଘରୁ ଆସିଥାଏ । ଏହିଦିନ ମାମୁଁମାନେ ନୂଆଲୁଗା, ମିଷ୍ଟାନ୍ନ ଓ ଅନ୍ୟାନ୍ୟ ସାମଗ୍ରୀ ସହ ଭଣଜା ଭାଣିଜୀ ଘରକୁ ଯାଇ ପଢୁଆଁ କରନ୍ତି । ଏହିବିଧିରେ ସାମାଜିକ ଓ ପାରିବାରିକ ବନ୍ଧନ, ଶୃଙ୍ଖଳା ଓ ଆଦର୍ଶବୋଧ ଅତିମାତ୍ରାରେ ନିହିତ ରହିଛି । ଜ୍ୟେଷ୍ଠପୁତ୍ର, ପରିବାରରେ ପିତା ସମାନ । ପିତାଙ୍କ ଅନ୍ତେ କିମ୍ବା ପିତାଙ୍କ ଅକର୍ତ୍ତବ୍ୟରେ ଘର ଚଳାଇବା ଓ ଅନ୍ୟ ସନ୍ତାନ (ଭାଇ ଭଉଣୀ)ମାନଙ୍କୁ ପ୍ରତିପୋଷଣ କରିବା ଦାୟିତ୍ୱ ଜ୍ୟେଷ୍ଠ ପୁତ୍ର ଉପରେ ପଡ଼ିଥାଏ । ତେଣୁ ତାଙ୍କୁ ସମସ୍ତେ ସମ୍ମାନ ଜଣାଇବା ଉଦ୍ଦେଶ୍ୟରେ ପ୍ରଥମାଷ୍ଟମୀ ଓ ଜ୍ୟେଷ୍ଠ ପୂର୍ଣ୍ଣିମା ଦିନ ପ୍ରଥମ ସନ୍ତାନ ବା ଜ୍ୟେଷ୍ଠ ସନ୍ତାନଙ୍କୁ ପୂଜା ବନ୍ଦାପନା କରିବାର ବିଧି ଆମ ସମାଜରେ ପ୍ରଚଳିତ ।

## ଅଷ୍ଟମୀ ପିଠା

ଏଣ୍ଡୁରି ପିଠା ପ୍ରଥମାଷ୍ଟମୀର ବିଶେଷତ୍ୱ । ଏହି ପିଠା ପାଇଁ ହଳଦୀପତ୍ରର ବ୍ୟବହାର ମଧ୍ୟ ଅନ୍ୟ ଏକ ବିଶେଷତ୍ୱ । ଅନ୍ୟ କୌଣସି ପିଠାରେ ହଳଦୀ ପତ୍ର ବ୍ୟବହୃତ ହୁଏନାହିଁ । କେବଳ ପ୍ରଥମାଷ୍ଟମୀ ଉପଲକ୍ଷେ ଏଣ୍ଡୁରି ପିଠାରେ ହଳଦୀପତ୍ରର ବ୍ୟବହାର ପ୍ରସିଦ୍ଧ ।

## ଅନ୍ୟ ବୈଶିଷ୍ଟ୍ୟ

ଓଡ଼ିଶାରେ ପ୍ରଥମାଷ୍ଟମୀ ଦିନ ଭୁବନେଶ୍ୱର ଲିଙ୍ଗରାଜ ମହାପ୍ରଭୁଙ୍କର ମାମୁଁଘର ଯାତ୍ରା ହୋଇଥାଏ । ଲିଙ୍ଗରାଜ ମହାପ୍ରଭୁ ଏହିଦିନ ତାଙ୍କ ମାମୁଁଘର ରୂପେ ପରିଚିତ କପାଳିମଠ (ଲିଙ୍ଗରାଜ ମନ୍ଦିର ସଂଲଗ୍ନ)କୁ ଯାଆନ୍ତି ପଢୁଆଁ ହେବା ପାଇଁ । ଏହି ଦିନ ଶ୍ରୀମନ୍ଦିରରେ ମଧ୍ୟ ପ୍ରଥମାଷ୍ଟମୀ ନୀତି ସମାପନ ହୋଇଥାଏ ।

## ସୋସିଆଲ କୋଟ୍ସ



"ପୂଜାର ଜନ୍ମ ସମୟରେ ମୁଁ ଆର୍ଥିକ ସମସ୍ୟା ଦେଇ ଗତି କରୁଥିଲି । ବହୁତ କଷ୍ଟରେ ୧୫୦୦ ଟଙ୍କା ଯୋଗାଡ କରିଥିଲି । ପୂଜା ମୋ ପାଇଁ ବହୁତ ଲକି । ସେ ଆମ ଭାଗ୍ୟ ବଦଳାଇବାକୁ ଜନ୍ମ ହୋଇଥିଲା ।

ମହେଶ ଭଟ୍ଟ, ଫିଲ୍ମ ମେକର



"ଆମ ବିବାହ ବିଚ୍ଛେଦ ସମ୍ପୂର୍ଣ୍ଣଭାବେ ମୋ ସ୍ୱାମୀଙ୍କର ନିଷ୍ପତ୍ତି ଥିଲା । ସେ ଏହି ବିବାହକୁ ଆଗକୁ ନେବାକୁ ଚାହୁଁ ନଥିଲେ, ତେଣୁ ଡିଭର୍ସ ଫାଇଲ କରିଥିଲେ । ଏହା ତାଙ୍କର ବ୍ୟକ୍ତିଗତ ନିଷ୍ପତ୍ତି ଥିଲା ।

ପୂଜା ଭଟ୍ଟ, ଅଭିନେତ୍ରୀ



"ଡ୍ରିମ ଗର୍ଲ -୨ ପାଇଁ ଗୋବିନ୍ଦା ଓ କମଲ ହସନଙ୍କ ଠାରୁ ପ୍ରେରଣା ନେଇଛି । ଏହି ଫିଲ୍ମ ପାଇଁ ମୁଁ ବହୁତ ପରିଶ୍ରମ କରିଛି । ଏହି ଫିଲ୍ମରେ କରିଥିବା ଚରିତ୍ର ସବୁବେଳେ ମୋ ପାଇଁ ଖାସ ରହିବ ।

ଆୟୁଷ୍ମାନ ଖୁରାନା, ଅଭିନେତା

## ବିଶ୍ୱ ନିମୋନିଆ ଦିବସ

ପ୍ରତିବର୍ଷ ନଭେମ୍ବର ୧୨ ତାରିଖରେ ପାଳନ ହୋଇଥାଏ ବିଶ୍ୱ ନିମୋନିଆ ଦିବସ । ନିମୋନିଆ ସମ୍ପର୍କରେ ଲୋକଙ୍କୁ ସଚେତନ କରାଇବା ପାଇଁ ଏହି ଦିବସର ପାଳନ କରାଯାଇଥାଏ । ସୂଚନା ଅନୁସାରେ ନିମୋନିଆ ଏଭଳି ଏକ ସଂକ୍ରମଣ ଯେଉଁକାରଣରୁ ଅନେକ ଲୋକଙ୍କର ମୃତ୍ୟୁ ହେଉଛି । ବିଶେଷଭାବେ ଏହାର ଚିହ୍ନଟରେ ବିଳମ୍ବ ହୋଇଥାଏ ଯେଉଁ କାରଣରୁ ଏହା ଘାତକ ସାବସ୍ତ୍ୟ ହୋଇଥାଏ । ତେଣୁ ଲୋକଙ୍କୁ ଏହି ରୋଗ ସମ୍ପର୍କରେ ସଚେତନ ହେବାର ବିଶେଷ ଆବଶ୍ୟକତା ରହିଛି । ଏହି ସମସ୍ୟା ହେଲେ ରୋଗୀର ଥଣ୍ଡା, ଜ୍ୱର ସହିତ ଶ୍ୱାସକ୍ରିୟାରେ ସମସ୍ୟା ହୋଇଥାଏ । ଏଭଳି ଲକ୍ଷଣ ଦେଖିଲେ ତୁରନ୍ତ ଡାକ୍ତରଙ୍କ ପରାମର୍ଶ ନିଅନ୍ତୁ । ସଠିକ୍ ସମୟରେ ଚିହ୍ନଟ ଓ ଚିକିତ୍ସା ହୋଇପାରିଲେ ଏହି ରୋଗ ସହଜରେ ଭଲ ହୋଇଯାଇଥାଏ । ଏହି ଦିନ ବିଭିନ୍ନ ଅନୁଷ୍ଠାନ ତଥା ସ୍କୁଲ କଲେଜରେ ଲୋକଙ୍କୁ ନିମୋନିଆ ରୋଗ ସମ୍ପର୍କରେ ସଚେତନ କରାଯାଇଥାଏ ।

## ସଲମାନଙ୍କ ପକ୍ଷପାତିତା

ଟେଲିଭିଜନ ରିଆଲିଟି ଶୋ ବିଗବସର ହୋଷ୍ଟିଂ ପାଇଁ ସଲମାନ ସବୁବେଳେ ଖୁବ ପ୍ରଶଂସା ସାଉଁଟିଥାଆନ୍ତି । ହେଲେ ନିକଟରେ କିନ୍ତୁ ସଲମାନଙ୍କ ଉପରେ ପକ୍ଷପାତିତା ପାଇଁ ଅଭିଯୋଗ ଲାଗିଛି । ସୂଚନା ଅନୁସାରେ ଗତ ୱେକିଣ୍ଡବାରରେ ସଲମାନ ଫରହାନା ଭଟ୍ଟଙ୍କୁ ଖୁବ ଗାଳି କରିଥିଲେ । ଯାହାପରେ ତାଙ୍କ ପିଆର୍ ଟିମ ଏହି ଅଭିଯୋଗ ଆଣିଛି । ସଲମାନ ଶୋରେ ପକ୍ଷପାତିତା କରୁଥିବାନେଇ ସେମାନେ ଅଭିଯୋଗ ଆଣିଛନ୍ତି । ଏପରିକି ସେମାନେ ମେକର୍ସଙ୍କ ବିରୋଧରେ ମଧ୍ୟ ଅଭିଯୋଗ ଆଣିଛନ୍ତି । ଏନେଇ ଖୁବ ସୋସିଆଲ ମିଡିଆରେ ଟିମ୍ ଅନେକ ପୋଷ୍ଟ କରିଛି, ଯେଉଁଥିରେ ଏହି ଅଭିଯୋଗ ସବୁ ଦର୍ଶାଯାଇଛି । ସଲମାନଙ୍କୁ ଏହି ପୋଷ୍ଟରେ ଖୁବ କଟୁ ଶବ୍ଦରେ ସମାଲୋଚନା କରାଯାଇଛି । ତେବେ ଏନେଇ ସଲମାନଙ୍କ ଟିମ କିମ୍ବା ସଲମାନଙ୍କ ପକ୍ଷରୁ କୌଣସି ଉତ୍ତର ଦିଆଯାଇ ନାହିଁ ।





## ଉତ୍ତର କୋରିଆରେ ଗେମିଂ କାଫେ

ଉତ୍ତର କୋରିଆ ନିଜର ଭିନ୍ନ ନିୟମ ପାଇଁ ବିଶ୍ୱରେ ପରିଚିତ । ଏଠାରେ ଲୋକମାନଙ୍କର ଚଳଣି ଉପରେ ଅନେକ ପ୍ରକାର ପ୍ରତିବନ୍ଧକ ରହିଛି । ଏଠାର କଣ ଘଟୁଛି ବିଶ୍ୱର ଅନ୍ୟ ଦେଶ ଜାଣିବା ଖୁବ କଷ୍ଟକର ହୋଇଥାଏ । ହେଲେ ନିକଟରେ ମିଳିଥିବା ସୂଚନା ଅନୁସାରେ ଉତ୍ତର କୋରିଆରେ ପ୍ରଥମ ଥର ପାଇଁ କମ୍ପ୍ୟୁଟର ଗେମିଂର କାଫେ ଖୋଲାଯିବ । ଏହି କାଫେଟି ଉତ୍ତର କୋରିଆର ରାଜଧାନୀରେ ହିଁ ଖୋଲାଯିବ । ଏହି କାଫେ ସାହାଯ୍ୟରେ ଉତ୍ତର କୋରିଆର ଯୁବପିଢିଙ୍କ ପାଇଁ ଇଣ୍ଟରନେଟର ବ୍ୟବହାର ଓ ଟେକ୍ନୋଲୋଜିର ଉପଲବ୍ଧତାକୁ ଆହୁରି ସହଜ କରିବ । ଏହି ଗେମିଂ କାଫେର ନାଁ ପିସି ବ୍ୟାଙ୍ଗ ରଖାଯାଇଛି । ଯାହାର ଅର୍ଥ ଇଣ୍ଟରନେଟ କାଫେ । ତେବେ ଏହାକୁ ନିର୍ମାଣ କରିବା ପାଇଁ ଉନ୍ନତମାନର ଜ୍ଞାନକୌଶଳ ସହିତ ଖୁବ ସତର୍କତା ଅବଲମ୍ବନ କରାଯାଇଛି । ଏହି କାଫେରେ କେବଳ ଦେଶୀଖେଳ ନୁହେଁ ଏହାସହିତ ଫିଫା, କଲ ଅଫ ଡ୍ୟୁଟି, ଫାର କ୍ରାଏ ଓ ରେନ୍‌ବୋ ସିକ୍ସ ଭଳି ଖେଳ ମଧ୍ୟ ଖେଳାଯାଇ ପାରିବ ।



## ୨ ହଜାର ବର୍ଷ ତଳର ଫ୍ରିଜ !

ମାଟିତଳେ ଅନେକ ସମୟରେ ବିଭିନ୍ନ ପ୍ରକାରର ସାମଗ୍ରୀ ମିଳୁଛି ଯାହା ବହୁତ ପୁରୁଣା । ହେଲେ ବର୍ତ୍ତମାନ ଜର୍ମାନୀର ଏକ ସହରରେ ମାଟିତଳୁ ୨ହଜାର ବର୍ଷ ତଳର ଏକ ଫ୍ରିଜ ମିଳିଛି । ବାସ୍ତବରେ ଏହା ଆଜିକାଲି ବ୍ୟବହାର ହେଉଥିବା ଫ୍ରିଜ ନୁହେଁ ବରଂ ଏହା ଏକ ପ୍ରାଚୀନ ରୋମନ କୁଲିଂ ପିଟ । ଏହାକୁ ଖାଦ୍ୟ ପଦାର୍ଥକୁ ତାଜା ରଖିବାକୁ ବ୍ୟବହାର କରାଯାଉଥିଲା । ତେବେ ପୂର୍ବକାଳରେ ଏକ ବଡ ଗାତକୁ ଫ୍ରିଜ ଭଳି ବ୍ୟବହାର କରାଯାଉଥିଲା । ଯେଉଁଥିରେ ମାଟି, ପଥର, ବାଲି ପଶାଯାଇ ପରସ୍ତ ପରସ୍ତ କରାଯାଇଥାଏ । ଯାହାଫଳରେ ଏହି ସବୁ ପରସ୍ତ କାରଣରୁ ଥଣ୍ଡା ଦିନେ ଖାଦ୍ୟ ସତେଜ ରଖିବାକୁ କାମ ଆସିଥାଏ । ଖନନ କରୁଥିବା ଟିମକୁ ଲାଲ ରଙ୍ଗର ଏକ ବାସନର ଖଣ୍ଡ ମଧ୍ୟ ମିଳିଛି, ଯାହା ଖୁବ ଲଗଜୁରୀ ବାସନ । ତେଣୁ ସେତେବେଳେ ଲୋକମାନେ ଖୁବ ବିଳାସପୂର୍ଣ୍ଣ ଜୀବନ ବ୍ୟତିତ କରୁଥିଲେ ବୋଲି ଜଣା ପଡିଛି ।

## ଇତିହାସ

୧୮୯୬- ଭାରତୀୟ ପକ୍ଷୀ ବୈଜ୍ଞାନିକ ସଲିମ ଅଲ୍ଲୀଙ୍କ ଜନ୍ମ । ତାଙ୍କରି ସ୍ମୃତିରେ ଏହି ଦିନକୁ ଜାତୀୟ ପକ୍ଷୀ ଦିବସ ରୂପେ ପାଳନ କରାଯାଏ ।

୧୯୨୫- ଆମେରିକା ଏବଂ ଇଟାଲୀ ମଧ୍ୟରେ ଶାନ୍ତି ଚୁକ୍ତି ସ୍ୱାକ୍ଷରିତ ହେଲା ।

୧୯୩୬- କେରଳର ମନ୍ଦିର ସମସ୍ତ ହିନ୍ଦୁଙ୍କ ପାଇଁ ଖୋଲାଗଲା ।

୧୯୫୩- ଇସ୍ରାଏଲର ତତ୍କାଳୀନ ପ୍ରଧାନମନ୍ତ୍ରୀ ଡେଭିଡ୍ ବେନ୍ ଗୁରିୟନ୍ ତାଙ୍କ ପଦବୀରୁ ଇସ୍ତଫା ଦେଲେ ।

୧୯୬୩- ଜାପାନରେ ଟ୍ରେନ୍ ଦୁର୍ଘଟଣା କାରଣରୁ ୧୬୪ ଲୋକଙ୍କ ମୃତ୍ୟୁ ।

୨୦୦୯- ଭାରତରେ ପର୍ଯ୍ୟଟନକୁ ପ୍ରୋତ୍ସାହିତ କରିବା ଲାଗି କେନ୍ଦ୍ର ସରକାରଙ୍କର ଅତୁଲ୍ୟ ଭାରତ ଅଭିଯାନକୁ ୱାର୍ଲ୍ଡ ଟ୍ରାଭେଲ୍ ଆୱାର୍ଡ ପ୍ରଦାନ କରାଗଲା ।

R.N.I. REGN. No. 65000/96 POSTAL REGN. No. OR/BN-32/12-14

ତ୍ରିଂଶତମ ବର୍ଷ

ସଂଖ୍ୟା : ୩୮

ତିଥି : ଅଷ୍ଟମୀ

୧୨ ନଭେମ୍ବର ୨୦୨୫, ବୁଧବାର

ଭୁବନେଶ୍ୱର

ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

ସମୟ SAMAYA

# ସମୟ

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

12 November 2025, Wednesday

29th ANNIVERSARY

Bhubaneswar | Balasore | Angul | Berhampur | Sambalpur

## ପୁଣ୍ୟ ସ୍ମୃତିରେ...



## ଓଡ଼ିଶାର ମସଲା ସମ୍ରାଟ

# ଡ଼. ଶରତ କୁମାର ସାହୁ

## ପ୍ରତିଷ୍ଠାତା, ରୁଚି ଫୁଡ୍‌ଲାଇନ୍

### ୧୪.୦୬.୧୯୫୦ - ୦୨.୧୧.୨୦୨୫

ଆପଣଙ୍କ ମହତ କାର୍ଯ୍ୟ ପାଇଁ ଆପଣ ସଦା ସ୍ମରଣୀୟ ହୋଇ ରହିବେ । ଆପଣଙ୍କ ଦୂରଦୃଷ୍ଟି, ଏକନିଷ୍ଠ ଉଦ୍ୟମ, ଧୈର୍ଯ୍ୟ ଏବଂ ଶ୍ରଦ୍ଧାଶୀଳ ବ୍ୟବହାର ରୁଚି ପରିବାର ପାଇଁ ପ୍ରେରଣା ଓ ମାର୍ଗଦର୍ଶନ ହୋଇ ରହିବ ।

50 Saal Aapke Sehat Ke Saath ...

"Time Ki Bachat, Eat Fresh Fatafat"

## ଶାନ୍ତିଶୃଙ୍ଖଳା ସହ ବିପୁଳ ସଂଖ୍ୟାରେ ମତଦାନ ପାଇଁ
# ନୂଆପଡାବାସୀଙ୍କୁ ଧନ୍ୟବାଦ ଜଣାଇଲେ ବିଜେପି ରାଜ୍ୟ ସଭାପତି

ନୂଆପଡା / ଭୁବନେଶ୍ୱର, (ସବ୍ୟୁ): ଶାନ୍ତିପୂର୍ଣ୍ଣ ଭାବେ ନୂଆପଡା ଉପନିର୍ବାଚନ ଅନୁଷ୍ଠିତ ହୋଇଛି । ଭୋଟଦାନ ପ୍ରକ୍ରିୟା ସମାପ୍ତ ହୋଇଛି ଏବଂ ରାଜ୍ୟ ନିର୍ବାଚନ ଅଧିକାରୀଙ୍କ ସୁଚନା ଅନୁଯାୟୀ ସଂଧ୍ୟା ୫ଟା ସୁଦ୍ଧା ରେକର୍ଡ ସଂଖ୍ୟାରେ ୭୫.୩୭



ପ୍ରତିଶତ ଭୋଟଦାନ ହୋଇଛି। ଆଜି ନିର୍ବାଚନ ଯେଉଁ ଭାବେ ଶାନ୍ତିଶୃଙ୍ଖଳା ଓ ନିରପେକ୍ଷ ଭାବେ ସଂପାଦନା ହୋଇଛି ଏବଂ ଏଥିପାଇଁ ନୂଆପଡାବାସୀ ଯେଉଁ ସହଯୋଗ କରିଛନ୍ତି, ସେଥିପାଇଁ ସେମାନେ ଅଶେଷ ଅଶେଷ ଧନ୍ୟବାଦର ପାତ୍ର। ସଚେତନ ନାଗରିକ ଭାବେ ଗଣତନ୍ତ୍ରର ମହାନ ପର୍ବରେ ନିଜକୁ ସାମିଲ କରି ରେକର୍ଡ ପରିମାଣର ମତଦାନ କରିଥିବାରୁ ଅନେକ ଅନେକ ଶୁଭେଚ୍ଛା। ଏଥି ସହ ଶାନ୍ତିଶୃଙ୍ଖଳା ସହ ନିରପେକ୍ଷ ନିର୍ବାଚନ ପରିଚାଳନା ଦାୟୀତ୍ୱରେ ଥିବା ସମସ୍ତ ପୋଲିଂ ଅଫିସର, ପ୍ରିଜାଇଡିଂ ଅଫିସର, ନିର୍ବାଚନ ଅଧିକାରୀ, ସୁରକ୍ଷା ଦାୟୀତ୍ୱରେ ଥିବା ସମସ୍ତ ପୋଲିସକର୍ମୀ ଓ ଅଧିକାରୀ ଏବଂ ଗଣମାଧ୍ୟମକୁ ମଧ୍ୟ ଧନ୍ୟବାଦ ଜଣାଇଛନ୍ତି ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ। ରେକର୍ଡ ସଂଖ୍ୟାରେ ମତଦାନ ଏବଂ ବୁଥ ବାହୁଡା ମତରୁ ବିଜେପିର ବିପୁଳ ବିଜୟକୁ ସ୍ପଷ୍ଟ କରିଛି। ବିଜେପି ଆଦର୍ଶ ଓ ବିଚାରଧାରା ଆଧାରରେ ଏହି ନିର୍ବାଚନକୁ ଆମେ ଲଢିଛୁ ବୋଲି କହିବା ସହିତ ଏଥିପାଇଁ ଯୋଗଦାନ କରିଥିବା ହଜାର ହଜାର କାର୍ଯ୍ୟକର୍ତ୍ତାଙ୍କୁ ମଧ୍ୟ ରାଜ୍ୟ ସଭାପତି ଶ୍ରୀ ସାମଲ ଧନ୍ୟବାଦ ଜଣାଇଛନ୍ତି। ନିଜ ନିଶ୍ଚିତ ପରାଜୟକୁ ଦେଖି ବିରୋଧୀ ଦଳଗୁଡିକ ଭୟଭୀତ ହେବା ସହିତ ଭୋଟ ଚୋରୀର ମିଥ୍ୟା ଅଭିଯୋଗ କରୁଛନ୍ତି। ପରାଜୟର ସମୀକ୍ଷା ନକରି ମିଛଠାରେ ଅଭିଯୋଗ କରୁଛନ୍ତି। ବିଜେପି ଗତ ୮ ଟା ଉପନିର୍ବାଚନରୁ ୭ଟିରେ ପରାଜୟ କରିଥିଲା। ପରାଜୟ କାରଣର ସମୀକ୍ଷା କରିଥିଲା, ବିଧି ବ୍ୟବସ୍ଥା ଉପରେ ଦୋଷ ଲଦୁନଥିଲା। ଭୁଲ ତୃଟିକୁ ସୁଧାରି ଶେଷରେ ବିଜୟୀ ହେଲା। ପ୍ରଥମ ଥର ପାଇଁ ଓଡିଶାରେ ବିଜେପି ସରକାର ଗଢିଲା। ଅନ୍ୟପଟେ ଉଭୟ ବିଜେଡି ଓ କଂଗ୍ରେସ ଦଳ ଅନେକ ବର୍ଷ ଧରି ଶାସନରେ ରହିବା କାରଣରୁ କ୍ଷମତାର ହ୍ୟାଙ୍ଗ ଓଭର ଛାଡିପାରୁନାହାନ୍ତି । ପରାଜୟକୁ ସହ୍ୟ କରିପାରୁନାହାନ୍ତି। ଅଯଥାରେ ତଥ୍ୟବିହୀନ ଅଭିଯୋଗ କରି ବିଭ୍ରାନ୍ତ କରିବାର ଅପପ୍ରୟାସ ଜାରୀ ରଖିଛନ୍ତି ବୋଲି ଶ୍ରୀ ସାମଲ କହିଛନ୍ତି। ଏହି ଅବସରରେ ପୂର୍ବତନ ରାଜ୍ୟ ସଭାପତି ତଥା ବରିଷ୍ଠ ନେତା ବସନ୍ତ ପଣ୍ଡା, ବରିଷ୍ଠ ବିଧାୟକ ଜୟନାରାୟଣ ମିଶ୍ର, ବରିଷ୍ଠ ନେତା ପ୍ରସନ୍ନ ପାଢୀ, ରାଜ୍ୟ ସାଧାରଣ ସଂପାଦକ ବିରଂଚି ନାରାୟଣ ତ୍ରିପାଠୀ, ଜିଲ୍ଲା ସଭାପତି କମଳେଶ ଦିକ୍ଷିତ ପ୍ରମୁଖ ଉପସ୍ଥିତ ଥିଲେ।

# ଭୁବନେଶ୍ୱରରେ ସ୍ୱାମୀ ମାଧବାନନ୍ଦ ଜୀ ମହାରାଜ



ଭୁବନେଶ୍ୱର (ସବ୍ୟୁ): ଭାରତ ସେବାଶ୍ରମ ସଙ୍ଘ ଏକ ଅନ୍ତର୍ଜାତୀୟ ପଞ୍ଜିକୃତ ସେବା ପ୍ରତିଷ୍ଠାନ ଯାହାକୁ ସ୍ୱାମୀ ପ୍ରଣବାନନ୍ଦ ପ୍ରତିଷ୍ଠା କରିଛନ୍ତି। ଏହି ପ୍ରତିଷ୍ଠାନର ବର୍ତ୍ତମାନ ଅଧକ୍ଷ୍ୟ ଶ୍ରୀମଦ ସ୍ୱାମୀ ମାଧବାନନ୍ଦ ଜୀ ମହାରାଜ ବୟସ ୯୯ ଅନେଶତ। ବୁଧବାର ସନ୍ଧ୍ୟା ସମୟରେ ଭାରତ ସେବାଶ୍ରମ ସଙ୍ଘ ୩୪,ଉଦୟ ଗିରି ବିହାର, ପାତ୍ରପଡା, ଭୁବନେଶ୍ୱର ରେ ପଦାର୍ପଣ କରିବେ। ତାଙ୍କ ସାଥିରେ ସଙ୍ଘର ଯୁଗ୍ମ ସମ୍ପାଦକ ସ୍ୱାମୀ ଧାନେଶାନନ୍ଦ ଜୀ ମହାରାଜ ମଧ୍ୟ ପଦାର୍ପଣ କରିବେ। ଗୋଟିଏ ଦିନ ରହି ପରଦିନ ପୁରୀ ଭାରତ ସେବାଶ୍ରମ ସଂଘର ଶତ ବର୍ଷ ଅନୁଷ୍ଠାନ ରେ ଯୋଗ ଦେବେ। ଭୁବନେଶ୍ୱର ଭକ୍ତ ଶିଷ୍ୟମାନେ ସ୍ୱାମୀ ଜୀ ଙ୍କୁ ଆସି ଦର୍ଶନ କରିପାରିବେ।

# ଆତଙ୍କବାଦୀ ଅବଦୁର୍ ରହେମାନ୍‌ର ଜାମିନ୍ ଖାରଜ କଲେ ହାଇକୋର୍ଟ

କଟକ,(ସବ୍ୟୁ) : ଅଲ୍‌କଏଦା ଆତଙ୍କବାଦୀ ସଙ୍ଗଠନ ସହ ଲିଙ୍କ୍ ଥିବା ଅଭିଯୋଗରେ ପ୍ରଥମେ ଦିଲ୍ଲୀ ପୁଲିସ୍ ଦ୍ୱାରା ଗିରଫ ହୋଇଥିବା ଆତଙ୍କବାଦୀ ଅବଦୁର ରହେମାନ୍‌ର ଜାମିନ୍ ଆବେଦନକୁ ହାଇକୋର୍ଟ ଆଜି ଖାରଜ କରି ଦେଇଛନ୍ତି। ଏହି ଘଟଣାରେ ଦିଲ୍ଲୀ କୋର୍ଟ ଅବଦୁର୍ ରହେମାନକୁ ୭ବର୍ଷ ୫ମାସ ଜେଲ୍‌ଦଣ୍ଡରେ ଦଣ୍ଡିତ କରିଛନ୍ତି। ଏହି ଆଧାରରେ ହାଇକୋର୍ଟର ବିଚାରପତି ଜଷ୍ଟିସ୍ ଗୌରୀଶଙ୍କର ଶତପଥୀ ଅବଦୁର୍ ରହେମାନ୍‌ର ଜାମିନ୍ ଆବେଦନକୁ ଖାରଜ କରି ଦେଇଛନ୍ତି।

ସାଲେପୁରର ପଶ୍ଚିମକଚ୍ଛରେ ଅବଦୁର ରହେମାନ୍ ଏକ ମଦ୍ରାସା ଚଳାଉଥିଲା। ଏଥିସହ ତା'ର ଆଙ୍କବବାଦୀ ସଙ୍ଗଠନ ସହ ସେ ସମ୍ପର୍କରେ ରହୁଥିବା ନେଇ ଦିଲ୍ଲୀ ପୁଲିସ୍ ଖବର ପାଇଁ ତା'ର ଘରେ ପହଞ୍ଚିଥିଲେ। ୨୦୧୫ ମସିହା ଡିସେମ୍ବରରେ ଅବଦୁର ରହେମାନ୍‌କୁ ଗିରଫ କରି ସେମାନେ ଦିଲ୍ଲୀ ନେଇ ଯାଇଥିଲେ। ସେଠାରେ ତଦନ୍ତ ଚାଲୁଥିଲାବେଳେ ଓଡ଼ିଶା ପୁଲିସ୍ ଅବଦୁର୍ ରହେମାନ୍ ବିରୋଧରେ ମାମଲା ରୁଜୁ କରି ଓଡ଼ିଶା ଆଣିଥିଲା। ପରେ ଏହି ମାମଲାର ତଦନ୍ତ ଭାର କ୍ରାଇମ୍‌ବ୍ରାଞ୍ଚ୍ ନେଇଥିଲା ।

ଏହି ମାମଲାରେ ଜାମିନ୍ ପ୍ରାର୍ଥନା କରି ଅବଦୁର ରହେମନ୍ ହାଇକୋର୍ଟକୁ ଆସିଥିଲା। ଅବଦୁର୍ ରହେମାନ୍ ବିରୋଧରେ ଦିଲ୍ଲୀ ପୁଲିସ୍ ଯେଉଁ ମାମଲା ରୁଜୁ କରିଥିଲା ସେଥିରେ ତାକୁ ୭ବର୍ଷ ୫ମାସ ଜେଲ୍‌ଦଣ୍ଡରେ ଦଣ୍ଡିତ କରାଯାଇଛି ବୋଲି କ୍ରାଇମ ବ୍ରାଞ୍ଚ ପକ୍ଷରୁ ଅଦାଲତଙ୍କୁ ଅବଗତ କରାଯାଇଥିଲା। ଏଥିସହ ସେ ଜଣେ କୁଖ୍ୟାତ ଆତଙ୍କବାଦୀ ହୋଇଥିବାରୁ ତାକୁ ଜାମିନ୍‌ରେ ନ ଛାଡ଼ିବା ଲାଗି ହାଇକୋର୍ଟଙ୍କୁ ପ୍ରାର୍ଥନା କରାଯାଇଥିଲା । ହାଇକୋର୍ଟ ଏହି ଯୁକ୍ତିକୁ ଗ୍ରହଣ କରି ଅବଦୁର୍ ରହେମାନ୍‌ର ଜାମିନ୍ ଆବେଦନ ପିଟିସନ୍‌କୁ ଖାରଜ କରି ଦେଇଛନ୍ତି।

# ନିଆଁରେ ପୋଡ଼ି ହୋଇ ଦ୍ୱିତୀୟ ଶ୍ରେଣୀ ଛାତ୍ରୀ ଗୁରୁତର

କେନ୍ଦୁଝର, (ଜିପ୍ର): କେନ୍ଦୁଝର ଜିଲା ପାଟଣା ବ୍ଲକ ଡୁମୁରିଆ ସ୍ଥିତ ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଆବାସିକ ଛାତ୍ରାବାସର ଜଣେ ୨ୟ ଶ୍ରେଣୀ ଛାତ୍ରୀ ସୋମବାର ରାତିରେ ନିଆଁ ପୁଇଁ ହେଉଥିବା ବେଳେ ପୋଡ଼ି ହୋଇ ଗୁରୁତର ହୋଇଛନ୍ତି। ଗୁରୁତର ଛାତ୍ରୀ ଜଣଙ୍କ ହେଉଛନ୍ତି ତୁରୁମୁଙ୍ଗା ଥାନା ସାନ ଗମ୍ଭାରିଆ ଗ୍ରାମର ଜୟନ୍ତି ମୁଣ୍ଡା । ତାଙ୍କୁ କେନ୍ଦୁଝର ଜିଲା ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି । ଶୀତ ଦାଉରୁ ରକ୍ଷା ପାଇବା ପାଇଁ ସାଙ୍ଗମାନଙ୍କ ସହ ନିଆଁରେ ସେକି ହେଉଥିବା ବେଳେ ସାର୍ଟରେ ନିଆଁ ଲାଗି ଅଣ୍ଟା ଠାରୁ ତଳକୁ ପୋଡ଼ି ଯାଇଛି । ଏନେଇ ବିଦ୍ୟାଳୟର ପ୍ରଧାନଶିକ୍ଷକ ଅନନ୍ତ ଚରଣ ମୁର୍ମୁଙ୍କୁ ଫୋନ କରିଥିଲେ ହେଁ ସେ ଫୋନ ଉଠାଇନଥିଲେ ।

## ଗ୍ରାମୀଣ ଓଡ଼ିଶାରେ 'ପ୍ରୋଜେକ୍ଟ ସମ୍ପର୍କ' ମାଧ୍ୟମରେ
# ସୁସ୍ଥ ଜୀବନଶୈଳୀକୁ ପ୍ରୋତ୍ସାହିତ କରୁଛି ବେଦାନ୍ତ ଆଲୁମିନିୟମ୍

ଭୁବନେଶ୍ୱର, (ସବ୍ୟୁ): ଭାରତର ସର୍ବବୃହତ ଆଲୁମିନିୟମ ଉତ୍ପାଦକ ବେଦାନ୍ତ ଆଲୁମିନିୟମ ଏହାର ସାମୁଦାୟିକ ବିକାଶ ପଦକ୍ଷେପ, ପ୍ରୋଜେକ୍ଟ ସମ୍ପର୍କ ମାଧ୍ୟମରେ ସ୍ୱାସ୍ଥ୍ୟ, ପୁଷ୍ଟି ଏବଂ ସ୍ଥାୟୀତ୍ୱର ସଂସ୍କୃତିକୁ ପ୍ରୋତ୍ସାହିତ କରୁଛି। କାର୍ଯ୍ୟକ୍ରମର ଏକ ଅଂଶ ଭାବରେ, କମ୍ପାନୀ ବଞ୍ଜାରୀ, କୁଡାଲୋଇ ଏବଂ ପିପଲିମାଲ ଗ୍ରାମରୁ ୧,୦୦୦ରୁ ଅଧିକ ମହିଳାଙ୍କୁ ରୋଷେଇ ଘର ଉଦ୍ୟାନ ଗ୍ରହଣ କରିବା ଏବଂ ଜୈବିକ ଘରେ ଉତ୍ପାଦିତ ଖାଦ୍ୟ ଅଭ୍ୟାସ ଗ୍ରହଣ କରିବା ପାଇଁ ସଶକ୍ତ କରିଛି। ପ୍ରତ୍ୟେକ ଅଂଶଗ୍ରହଣକାରୀଙ୍କୁ ଜୈବିକ ସାର ସହିତ ୧୦ ପ୍ରକାରର ପନିପରିବା ବିହନ ଥିବା ଏକ ରୋଷେଇ ଘର ଉଦ୍ୟାନ କିଟ୍ ମିଳିଥିଲା। ମୋଟ ୧୦,୦୦୦ରୁ ଅଧିକ ବିହନ ପ୍ୟାକେଟ ମହିଳା ଏବଂ ଅଙ୍ଗନୱାଡି କର୍ମୀଙ୍କୁ ବଣ୍ଟନ କରାଯାଇଥିଲା। ପ୍ରଭାବଶାଳୀ କାର୍ଯ୍ୟାନ୍ୱୟନ ସୁନିଶ୍ଚିତ କରିବା ପାଇଁ,





ରୋପଣ, କମ୍ପୋଷ୍ଟ ଏବଂ ଉଦ୍ୟାନ ରକ୍ଷଣାବେକ୍ଷଣ ପାଇଁ ସରଳ କୌଶଳ ପ୍ରଦର୍ଶନ କରିବା ପାଇଁ ଆଦାନପ୍ରଦାନ ଅଧିବେଶନ କରାଯାଇଥିଲା। ଏହି ଅଧିବେଶନଗୁଡ଼ିକ ଅଂଶଗ୍ରହଣକାରୀମାନଙ୍କୁ ସେମାନଙ୍କ ପଛପଟକୁ ସବୁଜ ସ୍ଥାନରେ ପରିଣତ କରିବାକୁ ଏବଂ ସେମାନଙ୍କ ପରିବାରର ପୁଷ୍ଟିକର ଗ୍ରହଣକୁ ଉନ୍ନତ କରିବାକୁ ଉତ୍ସାହିତ କରିଥିଲା।

ବେଦାନ୍ତ ଆଲୁମିନିୟମର ସିଇଓ ରାଜୀବ କୁମାର କହିଛନ୍ତି, "ବେଦାନ୍ତ ଆଲୁମିନିୟମରେ, ଆମେ ବିଶ୍ୱାସ କରୁଛୁ ଯେ ସ୍ଥାୟୀ ବିକାଶ ସମ୍ପ୍ରଦାୟକୁ ସଶକ୍ତ କରିବା ସହିତ ଆରମ୍ଭ ହୁଏ। ପ୍ରୋଜେକ୍ଟ ସମ୍ପର୍କ ମାଧ୍ୟମରେ, ଆମେ ଗ୍ରାମୀଣ ଓଡ଼ିଶାର ମହିଳାମାନଙ୍କୁ ରୋଷେଇ ଘର ଉଦ୍ୟାନ ଚାଷ କରି ସେମାନଙ୍କ ପରିବାରର ପୁଷ୍ଟି ଏବଂ କଲ୍ୟାଣର ଦାୟିତ୍ୱ ନେବାକୁ ସକ୍ଷମ କରୁଛୁ। ଏହା ଆମର କାର୍ଯ୍ୟ ପାଇଁ ସ୍ଥିର ସମ୍ପ୍ରଦାୟ ଗଠନ ପ୍ରତି ଆମର ପ୍ରତିବଦ୍ଧତାର ପ୍ରତିଫଳନ। ଶିକ୍ଷା, ସ୍ୱାସ୍ଥ୍ୟସେବା, ସ୍ଥାୟୀ ଜୀବିକା, ଗ୍ରାମୀଣ ଭିତ୍ତିଭୂମି ଏବଂ ତୃଣମୂଳ କ୍ରୀଡା ଏବଂ ସଂସ୍କୃତିକୁ ନେଇ ସାମାଜିକ ପ୍ରଭାବ ପଦକ୍ଷେପ ମାଧ୍ୟମରେ ଓଡ଼ିଶାରେ ପରିବର୍ତ୍ତନ ଆଣିବା ପାଇଁ ବେଦାନ୍ତ ଆଲୁମିନିୟମ ପ୍ରତିବଦ୍ଧ।

# ଭାରତ ମସଲା ପକ୍ଷରୁ ୫ମ ଦିନର ଲକି ଡ୍ର, ଭାଗ୍ୟଶାଳୀ ବିଜେତା ପାଇଲେ ଆକର୍ଷଣୀୟ ପୁରସ୍କାର



କଟକ,(ସବ୍ୟୁ): ଭାରତ ମସଲା ପକ୍ଷରୁ ପ୍ରତିଦିନ ଉଠାଯାଇଥିବା ଲକି ଡ୍ର କାର୍ଯ୍ୟକ୍ରମର ଆଜି ଥିଲା ପଞ୍ଚମ ଦିବସ। ଆୟୋଜିତ ୫ମ ଦିନର ଲକି ଡ୍ର ଭାଗ୍ୟଶାଳୀ ବିଜେତା ମାନଙ୍କର ଭାଗ୍ୟର କୁପନ ଗୁଡିକୁ ସର୍ବସମ୍ମୁଖରେ ଉଠାଣ କରାଯାଇଥିଲା। ଏଥିରେ ପ୍ରଥମ ବିଜେତା ଜଣକ ହେଇଛନ୍ତି ଜଗତପୁର କଟକର ଲୋକନାଥ ସେଠୀ ଯିଏକି ମୁଖ୍ୟ ଅତିଥି ଭାରତ ମସଲାର ଅଧ୍ୟକ୍ଷ ସୁରେନ୍ଦ୍ର ପଣ୍ଡାଙ୍କ ଠାରୁ ପୁରସ୍କାର ସ୍ୱରୂପ ମାଇକ୍ରୋ ଓଭାନ୍ ଗ୍ରହଣ କରିଥିଲେ। ସେହିପରି ୨ୟ ବିଜେତା ଯାଜପୁରର ସୌମ୍ୟରଞ୍ଜନ ମଲ୍ଲିକଙ୍କୁ ରେସିଙ୍ଗ ବାଇ ସାଇକେଲ। ୩ୟ ବିଜେତା ଚୌଦ୍ୱାର ନୂଆସାହି କଟକର ରବୀନ୍ଦ୍ରନାଥ ସାହୁଙ୍କୁ ବାଉଲ୍ ସେଟ୍, ସ୍ୱାନ୍ତନା ମୂଳକ ବିଜେତା କଟକ ଶିଖରପୁରର ବଳଦେବ ସିଂ ଙ୍କୁ ଫ୍ରାଇଂ ପାନ୍ ମୁଖ୍ୟ ଅତିଥି ଶ୍ରୀଯୁକ୍ତ ପଣ୍ଡା ପୁରସ୍କାର ସ୍ୱରୂପ ପ୍ରଦାନ କରିଥିଲେ। ଆଜିର ଏହି କାର୍ଯ୍ୟକ୍ରମରେ ନିର୍ଦ୍ଦେଶକ ଶ୍ରୀମନ୍ତ କୁମାର ପଣ୍ଡା ,ଦିଗନ୍ତ କୁମାର ପଣ୍ଡା, ଆଶୁତୋଷ ପଣ୍ଡା,ଏସଏନ ମିଲେନିୟମ, ଜିଏମ୍ ଅଶ୍ୱିନୀ କୁମାର ଦାସ, ଜିଏମ୍ ପ୍ରଡକ୍ସନ ନବକୃଷ୍ଣ ପ୍ରଧାନଙ୍କ ସମେତ ଭାରତ ମସଲା କମ୍ପାନୀର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।

# ୧୫ଲକ୍ଷ ଠକେଇ, ଅଭିଯୁକ୍ତ ଗିରଫ

ଭୁବନେଶ୍ୱର, (ସବ୍ୟୁ) : ଜମି ବିକ୍ରି କରିବା ପ୍ରତିଶ୍ରୁତି ଦେଇ ଅଭିଯୁକ୍ତ ମନୋରଞ୍ଜନ ପଟ୍ଟନାୟକ (୫୭) ନର ବାହାଦୂର ଥାପାଙ୍କ ଠାରୁ ୧୯ଲକ୍ଷ ଟଙ୍କା ନେଇଥିଲା । ଜମି ଦେବାରେ ବିଳମ୍ବ ହେବାରୁ ବାହାଦୂର ଟଙ୍କା ଫେରାଇବାକୁ ଜିଦ୍ ଧରିଥିଲା । ସେ ମାତ୍ର ୪ଲକ୍ଷ ୫୦ ହଜାର ଟଙ୍କା ଫେରାଇବା ପରେ ଅବଶିଷ୍ଟ ଟଙ୍କା ଦେଇନଥିଲା । ଉପାୟଶୂନ୍ୟ ହୋଇ ନୂଆପଲ୍ଲୀ ଥାନାରେ ନର ବାହାଦୁର ଥାପା ଏତଲା କରିଥିଲେ । ତାଙ୍କ ଏତଲା ଆଧାରରେ ପୋଲିସ ମନୋରଞ୍ଜନକୁ ଗିରଫ କରି ମଙ୍ଗଳବାର କୋର୍ଟଚାଲାଣ କରିଛି ।

ବର୍ଷକ ତଳେ ଅଭିଯୋଗକାରୀ ମାଧବ ନାମକ ଜଣେ ଦଲାଲଙ୍କ ମାଧ୍ୟମରେ ଅଭିଯୁକ୍ତ ମନୋରଞ୍ଜନ ସହ ଚିହ୍ନା ହୋଇଥିଲେ । ଅଭିଯୁକ୍ତ ତାଙ୍କ ଭଉଣୀ ଦେବସ୍ମିତା ମିଶ୍ରଙ୍କ ନାମରେ ଥିବା ଗିରିଙ୍ଗାପୁରସ୍ଥିତ ଜମି ବିକ୍ରି କରିବାକୁ ପ୍ରସ୍ତାବ ଦେଇଥିଲା । ୨୦୨୪ ମସିହା ଫେବ୍ରୁଆରୀ ୧୨ ତାରିଖରେ ଦେବସ୍ମିତା ଏବଂ ଅଭିଯୋଗକାରୀଙ୍କ ସ୍ତ୍ରୀ ଇରା ଥାପାଙ୍କ ମଧ୍ୟରେ ଏକ ଚୁକ୍ତିନାମା ହୋଇଥିଲା । ଏହା ପରେ ଅଭିଯୋଗକାରୀ ତାଙ୍କ ବ୍ୟାଙ୍କ ଖାତାରୁ ଅଭିଯୁକ୍ତଙ୍କ ଖାତାକୁ ୧୯ଲକ୍ଷ ଟଙ୍କା ସ୍ଥାନାନ୍ତର କରିଥିଲେ ।

ଟଙ୍କା ପାଇବା ପରେ ଅଭିଯୁକ୍ତ ଜମିର ଦଖଲ ଦେଲାନାହିଁ । ଟଙ୍କା ଫେରସ୍ତ କରିବାରେ ମଧ୍ୟ ଅସମର୍ଥ ହେଲା । ବାରମ୍ବାର ଅନୁରୋଧ କରିବା ପରେ ୪ଲକ୍ଷ ୫୦ ହଜାର ଟଙ୍କା କରିଥିଲା । ଅବଶିଷ୍ଟ ଟଙ୍କ ଆତ୍ମସାତ୍ କରିଦେଇ ଅଭିଯୋଗକାରୀର କଥାକୁ କାନରେ ପକାଇ ନଥିଲା । ଟଙ୍କା ଫେରସ୍ତ ପାଇଁ ଦୌଡି ଦୌଡି ବାହାଦୂର ନିରାଶ ହେବା ପରେ ବାଧ୍ୟ ହୋଇ ନୂଆପଡା ଥାନାରେ ଏତଲା କରିଥିଲା । ତଦନ୍ତ ସମୟରେ ପୋଲିସ ଜାଣିବାକୁ ପାଇଥିଲା ଯେ, ଜାଲିଆତି ଉପାୟରେ ନିଜକୁ ଜମି ମାଲିକର ପରିଚୟ ଦେଇ ତାଙ୍କ ଭଉଣୀଙ୍କ ନାମ ବ୍ୟବହାର କରି ମିଛ ବିକ୍ରି ପ୍ରତିଶ୍ରୁତି ଦେଇ ଟଙ୍କା ନେଇଯାଇଥିଲା । ପୋଲସିସ ତଦନ୍ତରୁ ଅଭିଯୁକ୍ତର ଠକେଇ ରହସ୍ୟ ଜାରିବା ପରେ ତା'କୁ ଗିରଫ କରି କୋର୍ଟଚାଲାଣ କରିବା ପରେ ଜାମିନ ନାମଞ୍ଜୁର ହୋଇଯିବାରୁ ତାକୁ ଜେଲ୍ ହାଜତ ପଠାଇ ଦିଆଯାଇଛି । ଏହି ମାମଲାର ତଦନ୍ତ ଜାରି ରହିଥିବା ପୋଲିସ କହିଛି ।

# ବିଏସ୍‌ଇ୫୦୦ ଏନହାନ୍ସଡ୍ ଭାଲ୍ୟୁ ୫୦ ଇଣ୍ଡେକ୍ସ ଫଣ୍ଡର ଶୁଭାରମ୍ଭ

ଭୁବନେଶ୍ୱର, (ସବ୍ୟୁ) : ଆଇସିଆଇସିଆଇ ପ୍ରୁଡେନ୍ସିଆଲ୍ ଲାଇଫ୍ ଇନସ୍ୟୁରାନ୍ସ ଏହାର ୟୁନିଟ୍ ଲିଙ୍କ୍ଡ ବୀମା ଯୋଜନା (ୟୁଏଲଆଇପି) ପାଇଁ ଏକ ନୂତନ ପାଣ୍ଠି, ଆଇସିଆଇସିଆଇ ପ୍ରୁଡେନ୍ସିଆଲ୍ ଲାଇଫ୍ ବିଏସଇ ୫୦୦ ଏନହାନ୍ସଡ୍ ଭାଲ୍ୟୁ ୫୦ ଇଣ୍ଡେକ୍ସ ଫଣ୍ଡର ଶୁଭାରମ୍ଭ କରିଛି। ଏହି ଫଣ୍ଡ ଗ୍ରାହକମାନଙ୍କୁ ଭାରତର ଅର୍ଥନୈତିକ ଅଭିବୃଦ୍ଧି କାହାଣୀରେ ଅଂଶଗ୍ରହଣ କରିବା ପାଇଁ ଏକ ପ୍ଲାଟଫର୍ମ ପ୍ରଦାନ କରିବାକୁ ଲକ୍ଷ୍ୟ ରଖିଛି ଯାହା ମୌଳିକ ଭାବରେ ଶକ୍ତିଶାଳୀ କିନ୍ତୁ ବର୍ତ୍ତମାନ ଏହାର ପ୍ରକୃତ ସମ୍ଭାବନାଠାରୁ କମ୍ ମୂଲ୍ୟ ପ୍ରଦାନ କରୁଥିବା ଷ୍ଟକ୍ ଉପରେ ଧ୍ୟାନ କେନ୍ଦ୍ରିତ କରୁଛି। ଗ୍ରାହକମାନଙ୍କ ପାଇଁ ନିବେଶ ପାଇଁ ଖୋଲା ଥିବା ଏହି ନୂତନ ପାଣ୍ଠି, ବିଏସଇ ୫୦୦ ଏନହାନ୍ସଡ୍ ଭାଲ୍ୟୁ ୫୦ ଇଣ୍ଡେକ୍ସକୁ ପ୍ରତିଫଳିତ କରିବ, ଯେଉଁଥିରେ ୫୦ଟି କମ୍ପାନୀ ସାମିଲ ଅଛନ୍ତି ଯେଉଁମାନେ ମୂଲ୍ୟ-ଆଧାରିତ ନିବେଶ ପାରାମିଟର ଯେପରିକି ଆୟ, ବୁକ ମୂଲ୍ୟ ଏବଂ ମୂଲ୍ୟ ତୁଳନାରେ ବିକ୍ରୟ ଉପରେ ଚୟନ କରାଯାଇଛି।

# ଏଭଳି ଟଙ୍କାବଣ୍ଟା ନିର୍ବାଚନ ଜୀବନରେ ଦେଖି ନଥିଲୁ : କଂଗ୍ରେସ

ଭୁବନେଶ୍ୱର, (ସବ୍ୟୁ): ନୂଆପଡା ଉପନିର୍ବାଚନ ଭୋଟ ଗ୍ରହଣରେ ନିର୍ବାଚନ ଆଦର୍ଶ ଆଚରଣ ବିଧିର ଉଲଂଘନକୁ ନେଇ କଂଗ୍ରେସ ଭବନଠାରେ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା । ବିଜେପି କିଭଳି ଉଲଂଘନ କରୁଛି ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀକାନ୍ତ ଜେନା ବିସ୍ତୃତ ଭାବେ ପ୍ରକାଶ କରିଛନ୍ତି ।

କଂଗ୍ରେସ ପକ୍ଷରୁ କୁହାଯାଇଛି ଯେ ଆମେ ଅନେକ ର୍ନିବାଚନ ଦେଖିଛୁ । କିନ୍ତୁ ନୂଆପଡା ଭଳି ଟଙ୍କାବଣ୍ଟା ନିର୍ବାଚନ ଦେଖି ନଥିଲୁ । ନିର୍ବାଚନ ଆଦର୍ଶ ଆଚରଣ ବିଧିକୁ ସମ୍ପୂର୍ଣ୍ଣ ଉଲଂଘନ କରି ଶାସକ ଦଳ ଗାଁ , ସହର ସବୁଠି ଖୋଲାଖୋଲି ଟଙ୍କା ବାଣ୍ଟୁଛି । ଏ ବିଷୟକୁ ନେଇ ଅନେକ ଥର ରାଜ୍ୟ ନିର୍ବାଚନ ଅଧିକାରୀଙ୍କୁ ବାରମ୍ବାର ଅଭିଯୋଗ କରିଥିଲେ ମଧ୍ୟ ଅଧିକାରୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁ ନାହାନ୍ତି । ସ୍ୱଚ୍ଛ ଅବାଧ ନିର୍ବାଚନ ପ୍ରକ୍ରିୟା ସମ୍ପୂର୍ଣ୍ଣ ନଷ୍ଟ ହୋଇ ଯାଇଛି । ପୁଲିଙ୍ଗ ଅଫିସର ଭୋଟ ବେଳେ ସରକାରୀ ଦଳକୁ ସାହାଯ୍ୟ କରି ନିଲମ୍ବିତ ହେଉଛନ୍ତି । ଷ୍ଟ୍ରଙ୍ଗରୁମ ଯେଉଁଠି ଭୋଟ ସରିଲା ପରେ ଇଭିଏମ ମେସିନ ରଖାଯାଏ ସେଇଠି ୨୪ ଘଣ୍ଟିଆ ବିଦ୍ୟୁତ ସରବରାହ ଅଛି ନା ନାହିଁ ସନ୍ଦେହ । ପର୍ଯ୍ୟାପ୍ତ ସିସିଟିଭି ଖଞ୍ଜା ଯାଇଛି କି ବୋଲି ପ୍ରଶ୍ନ ପଚାରିଛି କଂଗ୍ରେସ ।

ଭୋଟ ଦାନର ୨ ଦିନ ପୂର୍ବରୁ ପ୍ରବଳ ଟଙ୍କା ବଣ୍ଟନ ଶାସକ ଦଳ କରୁଛି ତାହା ମଧ୍ୟ ଖୋଲାଖୋଲି ହେଉଛି । ବିରୋଧୀ ଦଳଙ୍କ ଗାଡି ଚେକ ହେଉଛି କିନ୍ତୁ ଶାସକ ଦଳର ଟଙ୍କା ବୋହୁଥିବା ଗାଡିକୁ ଚେକ କରା ଯାଉନି । ଏପରି ପ୍ରତୀତ ହେଉଛି ଯେଭଳି ର୍ନିବାଚନ କମିଶନ ଆଚରଣ ବିଧି ଉଲଂଘନ ପାଇଁ ପ୍ରୋତ୍ସାହନ ଦେଉଛି ।କିନ୍ତୁ ଯେତେ ବାଧାବିଘ୍ନ ଘଟିଲେ ମଧ୍ୟ କଂଗ୍ରେସ ପ୍ରାର୍ଥୀ ଘାସିରାମ ମାଝୀ ଜିତିବେ । ଭୋଟ ଜାଲିଆତି ଓ ଲୋକଙ୍କୁ ଟଙ୍କା ବଣ୍ଟନ ନିର୍ବାଚନକୁ ପ୍ରଭାବିତ କରିବା ଆଶଙ୍କା ଅଛି ତେଣୁ ଏସବୁ ଉପରେ ତୁରନ୍ତ ରୋକ ଲଗାଯାଇ ର୍ନିବାଚନ ଅଧିକାରୀ ନିରପେକ୍ଷ ଅବାଧ ର୍ନିବାଚନ ପରିଚାଳନା କରନ୍ତୁ ବୋଲି ଗଣମାଧ୍ୟମ ଜରିଆରେ ଅଧିକାରୀଙ୍କୁ ଜଣାଇଥିଲେ । ତଯଦି ସ୍ୱଚ୍ଛ ଏବଂ ଅବାଧ ନିର୍ବାଚନ ହୁଏ ତେବେ କଂଗ୍ରେସ ପ୍ରାର୍ଥୀ ଘାସିରାମ ମାଝୀ ୧୫ ରୁ ୨୦ ହଜାର ଭୋଟରେ ବିଜୟ ଲାଭ କରିବେ ବୋଲି ଶ୍ରୀ ଜେନା ଦୃଢୋକ୍ତି ପ୍ରକାଶ କରିଥିଲେ ।ଏହି ସାମ୍ବାଦିକ ସମ୍ମୀଳନୀରେ ବରିଷ୍ଠ ମୁଖପାତ୍ର ରଜନୀ କୁମାର ମହାନ୍ତି ଓ ଖୋର୍ଦ୍ଧା ଜିଲ୍ଲା କଂଗ୍ରେସ ସଭାପତି ରାଜୀବ ପଟ୍ଟନାୟକ ଉପସ୍ଥିତ ଥିଲେ ।

## ସହଦେବ ନାୟକ ହତ୍ୟା ମାମଲା
# ମୁଖ୍ୟ ଅଭିଯୁକ୍ତ ସହଯୋଗୀ ସୁଲେଇ ଗିରଫ

ଭୁବନେଶ୍ୱର, (ସବ୍ୟୁ) : ସହଦେବ ନାୟକ ହତ୍ୟା ମାମଲାରେ ୮ଜଣ ଗିରଫ ହୋଇଥିବା ବେଳେ ନବମ ଅଭିଯୁକ୍ତ ସୁଲେଇ ନାୟକକୁ ମଞ୍ଚେଶ୍ୱର ଥାନା ପୋଲିସ ମଙ୍ଗଳବାର ଦେବରାଇ କଲେଜ ପାଖରୁ ଗିରଫ କରିଛି । ଗିରଫ ସୁଲେଇ ମୁଖ୍ୟ ଅଭିଯୁକ୍ତ ରମା ନାୟକର ସହଯୋଗୀ ବୋଲି ପୋଲିସ କହିଛି । ଚଳିତବର୍ଷ ଜାନୁଆରୀ ୮ ତାରିଖରେ ସହଦେବ ନାୟକକୁ ବ୍ରାଉନସୁଗର କାରବାର ଶତ୍ରୁତାକୁ ନେଇ ରମା ନାୟକ ନେତୃତ୍ୱରେ ହତ୍ୟା କରାଯାଇଥିଲା । ମଞ୍ଚେଶ୍ୱର ଥାନା ଅନ୍ତର୍ଗତ ରସୁଲଗଡ ଓଭରବ୍ରିଜ୍ ନିକଟ ଜାତୀୟ ରାଜପଥରେ ସହଦେବ ଯାଉଥିବା ବେଳେ ତାକୁ ବୀଭତ୍ସ ଭାବେ କଟୁରୀରେ ହାଣି ହତ୍ୟା କରିଥିଲେ ଅଭିଯୁକ୍ତ । ସହଦେବ ଓ ଅଭିଯୁକ୍ତମାନଙ୍କ ଘର କ୍ୟାପିଟାଲ ଥାନା ଅନ୍ତର୍ଗତ କେଦାରପଲ୍ଲୀ ବସ୍ତିରେ । ବ୍ରାଉନସୁଗର କାରବାରକୁ ନେଇ ସହଦେବ ପୋଲିସକୁ ଖବର ଦେବାରୁ ରମା ୨/୩ଥର ଗିରଫ ହୋଇଥିଲା । ସେଥିପାଇଁ ସେହି ବସ୍ତିରେ ବ୍ରାଉନସୁଗର କାରବାର କରୁଥିବା ଅଭିଯୁକ୍ତମାନେ ସହଦେବକୁ ଟାର୍ଗେଟ କରି ଜାନୁଆରୀ ୮ ତାରିଖ ସକାଳ ସମୟରେ ହତ୍ୟା କରିଥିଲେ । ହତ୍ୟାକାଣ୍ଡ ପରେ ମଞ୍ଚେଶ୍ୱର ଥାନା ପୋଲିସ ସ୍ପେଶାଲ ସ୍କ୍ୱାର୍ଡ ସହାୟତାରେ ନୟାଗଡ ଓ ଅନ୍ୟ କେତେକ ସ୍ଥାନରେ ଚଢାଉ କରି ଜଣଙ୍କୁ ଗିରଫ କରିଥିଲେ । ୧୨ଜଣଙ୍କ ନାଁରେ ଏତଲା ହୋଇଥିବା ବେଳେ ନବମ ଅଭିଯୁକ୍ତ ଭାବେ ସୁଲେଇ ନାୟକକୁ ଦେବରାଇ କଲେଜ ପାଖରୁ ମଞ୍ଚେଶ୍ୱର ଥାନା ପୋଲିସ ଗିରଫ କରି ଜେରା କରୁଛି । ଏହି ମାମଲାରେ ଆହୁରି ୩ଜଣ ଅଭିଯୁକ୍ତ ଫେରାର୍ ଅଛନ୍ତି । ତଦନ୍ତ ଜାରି ରହିଥିବାରୁ ସେମାନେ ନିକଟ ଭବିଷ୍ୟତରେ ଗିରଫ ହେବେ ବୋଲି ପୋଲିସ କହିଛି ।

# କଟକ ସାରସ୍ୱତ ସଂଘର ପଦ୍ମରାଗ ଜୟନ୍ତୀ ଉଦ୍‌ଯାପନ ଉତ୍ସବ

ଭୁବନେଶ୍ୱର (ସବ୍ୟୁ): ସଦ୍‌ଗୁରୁ ସ୍ୱାମୀ ନିଗମାନନ୍ଦ ସରସ୍ୱତୀ ଦେବଙ୍କ ନୀଳାଚଳ ସାରସ୍ୱତ ସଂଘର ଶାଖା-କଟକ ସାରସ୍ୱତ ସଂଘର ପଦ୍ମରାଗ ଜୟନ୍ତୀ ମହୋତ୍ସବ, କଟକ ନିଗମ ସ୍ମୃତି କୁଟୀର, ଯୋବ୍ରାଠାରେ ମହା ସମାରୋହରେ ପାଳିତ ହୋଇଯାଇଛି। ଏହି ଉତ୍ସବ ୬ତାରିଖ ଠାରୁ ୯ ତାରିଖ ଚାରିଦିନ ଧରି ପାଳିତ ହୋଇଥିଲା। ଏହି ଉତ୍ସବରେ ରାଜ୍ୟ ତଥା ରାଜ୍ୟ ବାହାରୁ ଏକ ହଜାରରୁ ଉର୍ଦ୍ଧ୍ୱ ଯୋଗ ଦେଇଥିଲେ । ୬ତାରିଖ ଅଧିବାସ ପରେ ୭ତାରିଖ ଦନି ପ୍ରାତଃରେ ଠାକରୁ ଙ୍କ ଷୋଡଶ ଉପଚାର ପଜା ସହିତ ମଙ୍ଗଳ ଆରତୀ ନିବେଦନ



କରାଯାଇଥିଲା। ଏହାପରେ ପ୍ରାର୍ଥନା ସଭା ଓ ଆଲୋଚନା ସଭା ଅନୁଷ୍ଠିତ ହୋଇଥିଲା। ଠାକୁରଙ୍କ ଉଦ୍ଦେଶ୍ୟ ସନାତନ ଧର୍ମ ପ୍ରଚାର ସତ୍‌ଶିକ୍ଷା ବିସ୍ତାର ଓ ଶିବ ଜ୍ଞାନେ ଜୀବ ସେବା। ଏହି ଲକ୍ଷ୍ୟ ପୁରଣ ପାଇଁ ପ୍ରଥମ ଦିନ ଆଦର୍ଶ ଗୃହସ୍ଥ ଜୀବନ ଗଠନ, ଦ୍ୱିତୀୟ ଦିନ ସଂଘ ଶକ୍ତିର ପ୍ରତିଷ୍ଠା ଓ ତୃତୀୟ ଦିନ ଭାବ ବିନିମୟ ସମ୍ପର୍କରେ ଆଲୋଚନା କରାଯାଇଥିଲା । ଏହି ତିନିଦିନ ଧରି ଓଡ଼ିଶାର ବିଭିନ୍ନ ଆଧ୍ୟାତ୍ମିକ ଅନୁଷ୍ଠାନର ବହୁ ମାନ୍ୟଗଣ୍ୟ ସନ୍ଥ ଯୋଗଦେଇ ଏ ସଂପର୍କରେ ସନାତନି ସାରଗର୍ଭକ ଅଭିଭାଷଣ ରଖିଥିଲେ। ପ୍ରଥମ ଦିନ- ଆଲୋଚନାରେ ସ୍ୱାମୀ ଶିବଚିଦାନନ୍ଦ ମହାରାଜ, ଡିଭାଇନ୍ ସୋସାଇଟି, ଡଃ ସଂଗ୍ରାମ ଆଚାର୍ଯ୍ୟ, ଅଧ୍ୟକ୍ଷ -ଶ୍ରୀଚୌତନ୍ୟ ଆଶ୍ରମ, କୀର୍ତନ ବିହାରୀ ପାତ୍ର, ଶ୍ରୀ ଶକ୍ତିଚୈତନ୍ୟ ବ୍ରହ୍ମଚାରୀ ଏବଂ ସ୍ୱାମୀ ଓଁକାରନାଥ ସରସ୍ୱତୀ ଏବଂ ଅନ୍ୟ ଗଣ୍ୟମାନ୍ୟ ବ୍ୟକ୍ତି ଯୋଗଦେଇ ଶ୍ରୀଶ୍ରୀଠାକରୁ ଙ୍କ ଆଦର୍ଶ ଗୃହସ୍ଥ ଜୀବନ ବିଷୟକ ଆଲୋଚନାରେ ଭାଗ ନେଇଥିଲେ। ଏହାପରେ ଦ୍ୱିତୀୟ ଓ ତୃତୀୟ ଦିନର ଆଲୋଚନାରେ ନିଗମ ଦର୍ଶନ ଏବଂ ଶ୍ରୀଶ୍ରୀଠାକୁରଙ୍କ ସଂଘ ଶକ୍ତିର ପ୍ରତିଷ୍ଠା ବିଷୟକ ଆଲୋଚନା ହୋଇଥିଲା । ନୀଳାଚଳ ସାରସ୍ୱତ ସଂଘ ପୁରୀର ପରିଚାଳନା ମଣ୍ଡଳୀର ବରିଷ୍ଠ ସଦସ୍ୟ କମ୍ଭୁଚରଣ ଧର ସଭାପତିତ୍ୱ କରିଥିଲେ। କେନ୍ଦ୍ର ପରିଚାଳନା ମଣ୍ଡଳୀ ସଦସ୍ୟ କୀତର୍ନ ଚନ୍ଦ୍ର ପାତ୍ର, ଡ.ରବୀନ୍ଦ୍ର କୁମାର ପରିଡା, ଡ. ସଂଗ୍ରାମ କେଶରୀ ମଲ୍ଲିକ ଯୋଗଦେଇ ଠାକରୁଙ୍କ ଆଦର୍ଶ ଓ ଉଦ୍ଦେଶ୍ୟ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଏହି ଉତ୍ସବର ଦ୍ୱିତୀୟ ସଂଧ୍ୟାରେ ଆନନ୍ଦ ସଭାକାର୍ଯ୍ୟ କ୍ରମ ଅନୁଷ୍ଠିତ ହୋଇଥିଲା। ଶେଷ ଦିବସରେ ଯୋବ୍ରା ଦୁର୍ଗାପୂଜା କମିଟି ସଦସ୍ୟ ଯୋଗଦେଇ ନିଜର ଭାବ ବ୍ୟକ୍ତ କରିଥିଲେ। କଟକର ପୂର୍ବତନ ବିଧାୟକ ପ୍ରଭାତ ବିଶ୍ୱାଳ ଭକ୍ତମାନଙ୍କୁ ଉଦ୍‌ବୋଧିତ କରିଥିଲେ। ଏହି ଉପଲକ୍ଷେ ଏକ ସ୍ମରଣିକା ପ୍ରକାଶିତ ହୋଇଥିଲା।

# ପାଣ୍ଡରାରେ ୧ ଏକରରୁ ଜବରଦଖଲ ହଟିଲା

ଭୁବନେଶ୍ୱର(ସବ୍ୟୁ): ପାଣ୍ଡରା ମୌଜା ଅନ୍ତର୍ଗତ ପ୍ଲଟ ନମ୍ବର-୩୮୯୧ ଓ ୩୯୯୯ ଥିବା ସରକାରୀ ଜମିରୁ ଜବରଦଖଲ ଉଚ୍ଛେଦ କରିଛି ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ(ବିଡିଏ) । ପ୍ରାୟ ଏକ ଏକର ଜମିକୁ ଜବରଦଖଲମୁକ୍ତ କରାଯାଇଥିଲା । ମଙ୍ଗଳବାର



ଉଚ୍ଛେଦରେ ୮ଟି ଟିଣ/ଆଜବେଷ୍ଟସ ଦୋକାନ, ୧୦ ଟି ଆଜବେଷ୍ଟସ ଘର, ୮ଟି ଶୌଚାଳୟ, ଗୋଟିଏ ଗେଟ୍, ଗୋଟିଏ ପାଣି ଟାଙ୍କି ଓ ପ୍ରାୟ ୨୦୦ ଫୁଟ ଲମ୍ବର ପାଚେରୀ ଭାଙ୍ଗି ଦିଆଯାଇଥିଲା । ସମୟଅଭାବରୁ ଉଚ୍ଛେଦ ଆଂଶିକ ଭାବରେ କରାଯାଇଥିଲା । ଉଚ୍ଛେଦ ଅଭିଯାନ ସମୟରେ ପ୍ରାୟ ୨ ଏକର ୭୮୦ ଡିସିମିଲରୁ ୧ଏକର ସରକାରୀ ଜମି ଜବରଦଖଲମୁକ୍ତ କରାଯାଇଥିଲା । ଉଚ୍ଛେଦ ସମୟରେ ବିଡିଏ ଏନଫୋର୍ସମେଣ୍ଟ ଅଫିସର(ଓଏସଡି) ଦେବରାଜ ସେଠୀ, ବିଡିଏ ଲିଆସନ ଅଫିସର ଶୁଭ୍ରାଂଶୁ ଶେଖର ମହାନ୍ତି, ଜିଏର ଉପ-ନିର୍ଦ୍ଦେଶକ (ସର୍ଭେ ଏବଂ ଏନଫୋର୍ସମେଣ୍ଟ) ଅମୀୟ କୁମାର ଦାସ ପ୍ରମୁଖ ଉପସ୍ଥିତ ଥିବା ବେଳେ ବିଡିଏ ଏନଫୋର୍ସମେଣ୍ଟ ସ୍କ୍ୱାଡ୍ ଟିମ ୧, ୨, ୩, ୪, ୫ ଏବଂ ୬ ଉଚ୍ଛେଦ କରିଥିଲେ ।

# ଓଡ଼ିଶା ମହାନଦୀ ବୋଇତ ଦୌଡ଼ ପ୍ରତିଯୋଗିତାର ଶୁଭାରମ୍ଭ

କଟକ, (ସବ୍ୟୁ): ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ମଙ୍ଗଳବାର ମହାନଦୀ ବୋଇତା ଦୌଡ଼ ପ୍ରତିଯୋଗିତା ୨୦୨୫କୁ ପତାକା ଦେଖାଇ ଶୁଭାରମ୍ଭ କରିବା ସହିତ ମହାନଦୀର ଶାନ୍ତ ଜଳରାଶି ଆନନ୍ଦ ଏବଂ ତାଳପୂର୍ଣ୍ଣ ଢୋଲବାଦ୍ୟରେ ପ୍ରତିଧ୍ୱନିତ ହୋଇଥିଲା, ଯାହା ଓଡ଼ିଶାର ଗଭୀର ସାମୁଦ୍ରିକ ପରମ୍ପରା ଏବଂ ବାଲିଯାତ୍ରାର ଐତିହାସିକ ଆତ୍ମାକୁ ପାଳନ କରୁଥିବା ଏକ ରୋମାଞ୍ଚକର ଦୁଇ ଦିନିଆ ବୋଇତ ଦୌଡ଼ ପ୍ରତିଯୋଗିତା ଆରମ୍ଭ । ପର୍ଯ୍ୟଟନ ବିଭାଗ ଦ୍ୱାରା, କଟକ ଜିଲ୍ଲା ପ୍ରଶାସନ ସହିତ ମିଳିତ ଭାବରେ ଆୟୋଜିତ, ଏହି କାର୍ଯ୍ୟକ୍ରମ ଗଡ଼ଗଡିଆ ଘାଟ ଏବଂ ସିଲଭର ସିଟି ବୋଟ୍ କ୍ଲବ୍ ମଧ୍ୟରେ ଏକ ସ୍ପନ୍ଦନଶୀଳ ସଙ୍ଗମରେ କ୍ରୀଡା, ସଂସ୍କୃତି ଏବଂ ଐତିହ୍ୟକୁ ଏକତ୍ରିତ କରିଥିଲା । ଏହି ଦୌଡ଼ ପ୍ରତିଯୋଗିତା ବାଲିଯାତ୍ରା ଉତ୍ସବର ଏକ ପ୍ରମୁଖ ଆକର୍ଷଣ, ସମୁଦ୍ର ସହିତ ଓଡ଼ିଶାର ପୁରୁଣା ସମ୍ପର୍କ ଏବଂ ଏହାର ସ୍ଥାୟୀ ସାମୁଦ୍ରିକ ଐତିହ୍ୟର ପ୍ରତୀକ ।

ମହାନ ପତାକା ପ୍ରଦର୍ଶନ ପରେ, ନଦୀକୂଳରେ ଏକ ଚମତ୍କାର ଫ୍ଲାଏ ଡଙ୍ଗା ପ୍ରଦର୍ଶନୀ ଦେଖାଗଲା, ଯାହା ଚମତ୍କାର ଗଠନ ଏବଂ ଗତି ପ୍ରଦର୍ଶନ ସହିତ ଦର୍ଶକଙ୍କୁ ମୋହିତ କରିଥିଲା । ସାରା ଭାରତରୁ ମୋଟ ୧୫ ଟି ଦଳ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ । ଏହି ଅବସରରେ ଭାଷଣ ଦେଇ ଉପ-ମୁଖ୍ୟମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡା କହିଛନ୍ତି "ମହାନଦୀ ବୋଇତ ଦୌଡ଼ ଏକ ପ୍ରତିଯୋଗିତା ଅପେକ୍ଷା ଅଧିକ - ଏହା ଆମ ପୂର୍ବପୁରୁଷଙ୍କ ସାହସ ଏବଂ ଉଦ୍ୟୋଗ ପ୍ରତି ଏକ ଶ୍ରଦ୍ଧାଞ୍ଜଳି ଯେଉଁମାନେ ସମୁଦ୍ରରେ ନୌଚାଳନ କରିଥିଲେ ଏବଂ ଓଡ଼ିଶାର ନୌବାଣିଜ୍ୟ ଐତିହ୍ୟକୁ ନିର୍ମାଣ କରିଥିଲେ । ଏହି କାର୍ଯ୍ୟକ୍ରମ ଆମର ଗୌରବମୟ ଅତୀତକୁ ଆଜିର ଏକ ସ୍ପନ୍ଦନଶୀଳ, ଯୁବ ଓଡ଼ିଶାର ଆକାଂକ୍ଷା ସହିତ ସଂଯୋଗ କରେ । ଏହି ଉତ୍ସବରେ ଅଖିଳ ଚନ୍ଦ୍ର ନାୟକ,ବିଧାୟକ ତେଲକୋଇ; ସୌଭିକ୍ ବିଶ୍ୱାଲ୍, ବିଧାୟକ, ଚୌଦ୍ୱାର; ବଲୱନ୍ତ ସିଂହ, କମିଶନର-କମ୍-ସଚିବ, ପର୍ଯ୍ୟଟନ; ଉମାଶଙ୍କର ଦାସ, ଡି.ଆଇ.ଜି. ହୋମଗାର୍ଡ ଏବଂ ଅଗ୍ନିଶମ ସେବା; ଦୀପଙ୍କର ମହାପାତ୍ର, ପର୍ଯ୍ୟଟନ ନିର୍ଦ୍ଦେଶକ; ଦତ୍ତାତ୍ରୟ ବି. ସିନ୍ଦେ, ଜିଲ୍ଲାପାଳ, କଟକ; ଖିଲାରି ଋଷିକେଶ ଜ୍ଞାନଦେଓ, ଡିସିପି କଟକ; ଏବଂ ଶ୍ରୀମତୀ କିରଣଦୀପ କୌର ସହୋତା, କମିଶନର, ସିଏମସି ଉପସ୍ଥିତ ଥିଲେ ।

R.N.I. REGN. No. 65000/96 POSTAL REGN. No. OR/BN-32/12-14

12 November 2025, Wednesday

ତ୍ରିଂଶତମ ବର୍ଷ

ସଂଖ୍ୟା : ୩୮

ତିଥି : ଅଷ୍ଟମୀ

୧୨ ନଭେମ୍ବର ୨୦୨୫, ବୁଧବାର

ଭୁବନେଶ୍ୱର

ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

ସମୟ SAMAYA

# ସମୟ

29th ANNIVERSARY

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Bhubaneswar | Balasore | Angul | Berhampur | Sambalpur

# ଦିଲ୍ଲୀ ବିସ୍ଫୋରଣରେ ଏନ୍‌ଆଇଏ ତଦନ୍ତ ନିର୍ଦ୍ଦେଶ

ନୂଆଦିଲ୍ଲୀ, ୧୧।୧୧ : ଦିଲ୍ଲୀର ଲାଲ୍‌କିଲ୍ଲା ନିକଟରେ ଗତକାଲି ହୋଇଥିବା ଭୟାବହ ବିସ୍ଫୋରଣର ତଦନ୍ତ ରାଷ୍ଟ୍ରୀୟ ତଦନ୍ତକାରୀ ଏଜେନ୍ସି ଏନ୍‌ଆଇଏ କରିବ। ଗୃହ ମନ୍ତ୍ରଣାଳୟ ପକ୍ଷରୁ ଏହି ନିଷ୍ପତ୍ତି ନିଆଯାଇଛି। ସେହିଭଳି ଦିଲ୍ଲୀ ବିସ୍ଫୋରଣ ପଛରେ ଆତ୍ମଘାତୀ ବୋମାଧାରୀଙ୍କ ହାତ ଥିବା ଜଣାପଡ଼ିଛି। ଏହି ଘଟଣାରେ ସମ୍ପୃକ୍ତ ସନ୍ଦେହ କରାଯାଉଥିବା ଡ. ଉମାର ନବୀ ଯେ କି ଏହି ବିସ୍ଫୋରଣରେ ମୃତ୍ୟୁବରଣ କରିଛନ୍ତି, ତାଙ୍କ ସମ୍ପର୍କରେ ଖୋଳତାଡ ଚାଲିଛି। ତେବେ ପ୍ରାରମ୍ଭିକ ତଦନ୍ତରେ ଘଟଣା ଆତ୍ମଘାତୀ ବିସ୍ଫୋରଣ ନୁହେଁ ବୋଲି ଏକ ସୂତ୍ରରୁ ସୂଚନା ମିଳିଛି। ଅଭିଯୁକ୍ତ ଜଣକ ଭୟଭୀତ ହୋଇ ବିସ୍ଫୋରକ ସାମଗ୍ରୀକୁ ତାଙ୍କ ଗାଡ଼ିରେ ଅନ୍ୟତ୍ର ନେଇଯିବାକୁ ଉଦ୍ୟମ କରୁଥିଲେ। ତେବେ ଏହି ସମୟରେ ହଠାତ୍ ବିସ୍ଫୋରଣ ଘଟିଲା। ସମ୍ପୃକ୍ତ ଡାକ୍ତର ମଧ୍ୟ ମୃତ୍ୟୁବରଣ କରିଛନ୍ତି। ଫରିଦାବାଦରେ ୨୯୦୦ କେଜି ବୋମା ତିଆରି ସାମଗ୍ରୀ ଜବତ ହେବାପରେ ଏହି ଡାକ୍ତରଜଣକ ଭୟଭୀତ ହୋଇଥିବା କୁହାଯାଉଛି। ବୋମା ବିସ୍ଫୋରଣ ଘଟଣାରେ ୪ ଡାକ୍ତରଙ୍କ ସମ୍ପୃକ୍ତି ନେଇ ଅଭିଯୋଗ ଆସିଛି। ଏନ୍‌ଆଇଏ ସବୁ ଘଟଣାର ତଦନ୍ତ କରିବ ବୋଲି ସୂଚନା ମିଳିଛି।

ଗୃହମନ୍ତ୍ରୀ ଅମିତ୍ ଶାହାଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଗୃହ ସଚିବ, ଆଇବି ନିର୍ଦ୍ଦେଶକ, ଦିଲ୍ଲୀ ପୋଲିସ କମିଶନର, ଏନ୍‌ଆଇଏ ମହାନିର୍ଦ୍ଦେଶକ ସାମିଲ ଥିବାବେଳେ ଜମ୍ମୁ-କାଶ୍ମୀର ପୋଲିସ ମହାନିର୍ଦ୍ଦେଶକ ନଳିନ୍ ପ୍ରଭାତ ଡିଜିଟାଲ ମାଧ୍ୟମରେ ସାମିଲ ହୋଇଥିଲେ। ବିସ୍ଫୋରଣର ଲିଙ୍କ ଏକାଧିକ ରାଜ୍ୟ ସହ ଜଡ଼ିତ ଥିବାରୁ ଏନ୍‌ଆଇଏ ତଦନ୍ତ ପାଇଁ ନିଷ୍ପତ୍ତି ନିଆଯାଇଛି। ଦିଲ୍ଲୀ ପୋଲିସ ଏହି ମାମଲାରେ ବେଆଇନ୍ ଗତିବିଧି ଅଧିନିୟମ ଓ ବିସ୍ଫୋଟକ ଅଧିନିୟମରେ ଆତଙ୍କବାଦୀ ଆକ୍ରମଣ ମାମଲା ଷଡ଼ଯନ୍ତ୍ରରେ ଏତଲା ରୁଜୁ କରିଛି। ବିସ୍ଫୋରଣ ଘଟାଇଥିବାର କାର ଚାଳକ ଫରିଦାବାଦ ଆତଙ୍କୀ ଷଡ଼ଯନ୍ତ୍ର ସହ ଜଡ଼ିତ ଥିଲେ। ବିସ୍ଫୋରଣରେ ଆମୋନିଆ ନାଇଟ୍ରେଟ୍, ଇନ୍ଧନ ତୈଳ ଓ ଡେଟୋନେଟର ବ୍ୟବହାର କରାଯାଇଥିବା ଜଣାପଡ଼ିଛି। ଗତକାଲିର ବିସ୍ଫୋରଣରେ ୯ ଜଣଙ୍କର ମୃତ୍ୟୁ ହୋଇଥିବାବେଳେ ୨୪ ରୁ ଉର୍ଦ୍ଧ୍ୱ ଆହତ ହୋଇଥିଲେ। ତେବେ ଘଟଣା ପଛରେ ୪ ଡାକ୍ତରଙ୍କ ସମ୍ପୃକ୍ତି ଥିବା ସନ୍ଦେହ କରାଯାଉଛି। ବିସ୍ଫୋରଣର କିଛିଘଣ୍ଟା ପୂର୍ବରୁ ଫରିଦାବାଦରେ ୨୯୦୦ କେଜିର ବିସ୍ଫୋରକ ଜବତ କରାଯାଇଥିଲା। ଘଟଣା ପୂର୍ବରୁ ଅନନ୍ତନାଗରେ ଜମ୍ମୁ-କାଶ୍ମୀର ପୋଲିସ ଆଦିଲ ଅହମ୍ମଦ ନାମକ ଜଣେ ଡାକ୍ତରଙ୍କୁ ଗିରଫ କରିଥିଲା। ଗତ ୭ ତାରିଖରେ ଗୁଜରାଟ ଏଟିଏସ୍ ଡାକ୍ତର ଅହମ୍ମଦ ସଏଦଙ୍କୁ ଗିରଫ କରିଥିଲା। (୯ ପୃଷ୍ଠାରେ)



- ସନ୍ଦିଗ୍ଧ ଅଭିଯୁକ୍ତ କାର ଚଳାଇବାର ଫଟୋ ଆସିଲା
- ଉଚ୍ଚସ୍ତରୀୟ ବୈଠକରେ ସ୍ଥିତି ସମୀକ୍ଷା କଲେ ଶାହା
- ମୃତକଙ୍କୁ ୧୦ ଲକ୍ଷ, ଭିନ୍ନକ୍ଷମ ହୋଇଥିବା ବ୍ୟକ୍ତିଙ୍କୁ ୫ ଲକ୍ଷ
- ଆତ୍ମଘାତୀ ନା ଦୁର୍ଘଟଣାରୁ ବିସ୍ଫୋରଣ !
- ଘଟଣାରେ ସମ୍ପୃକ୍ତ ବ୍ୟକ୍ତିଙ୍କୁ ଛଡ଼ାଯିବ ନାହିଁ
- ୪ ଡାକ୍ତରଙ୍କ ସମ୍ପୃକ୍ତି ନେଇ ସନ୍ଦେହ

### ପୋଲିସ ଏସ୍‌ଆଇ ନିଯୁକ୍ତି ପରୀକ୍ଷା ଘୋଟାଲା

## ସିବିଆଇ ତଦନ୍ତ ଲାଗି କେନ୍ଦ୍ରର ଅନୁମତି

ଭୁବନେଶ୍ୱର, ୧୧।୧୧ (ସବ୍ୟୁ) : ଓଡିଶା ପୋଲିସ ସବ୍-ଇନ୍‌ସ୍ପେକ୍ଟର ନିଯୁକ୍ତି ପରୀକ୍ଷାର ତଦନ୍ତ କେନ୍ଦ୍ରୀୟ ଅନୁସନ୍ଧାନ ସଂସ୍ଥା ସିବିଆଇ ଦ୍ୱାରା କରାଯିବ। ଏଥିପାଇଁ କେନ୍ଦ୍ର ସରକାର ଆବଶ୍ୟକ ଅନୁମୋଦନ ଦେଇଛନ୍ତି।

ସୂଚନାଯୋଗ୍ୟ ଯେ, ପୋଲିସ ସବ୍-ଇନ୍‌ସ୍ପେକ୍ଟର ନିଯୁକ୍ତି ପରୀକ୍ଷାରେ ବ୍ୟାପକ ଅନିୟମିତତା ଓ ଦୁର୍ନୀତି ଅଭିଯୋଗ ହେବା ପରେ ରାଜ୍ୟ ସରକାରଙ୍କ କ୍ରାଇମ ବ୍ରାଞ୍ଚ ବିଭାଗ ପକ୍ଷରୁ ଏହାର ତଦନ୍ତ କରାଯାଉଥିଲା। ତେବେ ଏହି ତଦନ୍ତରୁ ଦୁର୍ନୀତିର ଚେର ଆନ୍ଧ୍ର ପ୍ରଦେଶ, ପଶ୍ଚିମ ବଙ୍ଗ ସହିତ ଅନ୍ୟାନ୍ୟ ରାଜ୍ୟକୁ ମଧ୍ୟ ବ୍ୟାପୀ ଥିବାର ସନ୍ଦେହ କରାଯାଉଛି।

**ପୂର୍ବରୁ ମୁଖ୍ୟମନ୍ତ୍ରୀ କରିଥିଲେ ସୁପାରିଶ**

ଏଥିରେ ଆନ୍ତରାଜ୍ୟ ସଂଗଠିତ କ୍ରିମିନାଲ ଗ୍ୟାଙ୍ଗର ସଂପୃକ୍ତି ଥିବାର ସନ୍ଦେହ ମଧ୍ୟ ରହିଛି। (୯ ପୃଷ୍ଠାରେ)

## ଆନ୍ନା ସହ ୬ ମାଓବାଦୀ ନିହତ

ମାଲକାନଗିରି, ୧୧।୧୧ (ସବ୍ୟୁ) : ସୀମାନ୍ତ ଛତିଶଗଡ଼ର ବିଜାପୁର ଜିଲ୍ଲାରେ ମାଓବାଦୀ- ପୁଲିସ ମଧ୍ୟରେ ଗୁଳିବିନିମୟ ଘଟିଛି। ଏହି ଗୁଳିବିନିମୟରେ ମଦେଡ ଏରିଆ କମିଟିର ମୁଖ୍ୟ ବୁଚ ଅନ୍ନା ସମେତ ୬ ଜଣ କ୍ୟାଡର ମାଓବାଦୀ ନିହତ ହୋଇଥିବା ଜଣାପଡ଼ିଛି। ବିଶେଷ ସୂତ୍ରରୁ ଖବର ପାଇ ବିଜାପୁର ଜିଲ୍ଲାରେ ରହିଥିବା ଜାତୀୟ ଉଦ୍ୟାନରେ ଡିଆରଜି, ସିଆରପିଏଫ ଏବଂ ଜିଲ୍ଲା ପୁଲିସ ଚଢାଉ କରିଥିଲେ।

ମଙ୍ଗଳବାର ପୂର୍ବାହ୍ନରୁ ମାଓ-ଯବାନଙ୍କ ମଧ୍ୟରେ ଗୁଳିବିନିମୟ ଆରମ୍ଭ ହୋଇଥିଲା। ଦିନ ତମାମ ରହି ରହି ଗୁଳି ବିନିମୟ ହେଉଥିଲା। ପରେ ମାଓବାଦୀ ପୁଲିସ ଗୁଳିର ସାମ୍ନା କରିନପାରି ଛତ୍ରଭଙ୍ଗ ଦେଇଥିଲେଛ ଘଟଣାସ୍ଥଳରେ ପୁଲିସ ସର୍ଚ୍ଚ ଅପରେସନ କରୁଥିବା ବେଳେ ୬ ଜଣ ମାଓବାଦୀଙ୍କର ମୃତ ଦେହକୁ ଉଦ୍ଧାର କରିଥିଲା। (୯ ପୃଷ୍ଠାରେ)

### ପୀତବାସ ପଣ୍ଡା ହତ୍ୟା ମାମଲା

## କ୍ଷମା ମାଗିଲେ ବ୍ରହ୍ମପୁର ଏସ୍‌ପି

**ନିଃସର୍ତ୍ତ କ୍ଷମାପ୍ରାର୍ଥନା ପରେ ହାଇକୋର୍ଟରୁ ଛାଡ଼ ପାଇଲେ**

କଟକ, ୧୧।୧୧ (ସବ୍ୟୁ) : ବ୍ରହ୍ମପୁର ବିଧାନସଭା ନିର୍ବାଚନୀ ମାମଲାରେ ବିବାଦୀୟ ବୟାନ ଦେଇ ଅଡୁଆରେ ପଡ଼ିଥିବା ବ୍ରହ୍ମପୁର ଏସ୍‌ପି ଡ. ଶ୍ରବଣା ବିବେକ ଏମ୍. ଆଜି ହାଇକୋର୍ଟରେ ବ୍ୟକ୍ତିଗତ ହାଜର ହୋଇ ଜବାବ ରଖିଛନ୍ତି। ସେ ଦେଇଥିବା ବିବାଦୀୟ ବୟାନ କଥାକୁ ସ୍ୱୀକାର କରିବା ସହ ଅଦାଲତଙ୍କ ନିକଟରେ ନିସର୍ତ୍ତ କ୍ଷମାପ୍ରାର୍ଥନା କରିଥିଲେ। ଏ ସଂକ୍ରାନ୍ତରେ ହାଇକୋର୍ଟରେ ଏକ ସତ୍ୟପାଠ ମଧ୍ୟ ଦାଖଲ କରିଥିଲେ। ଭବିଷ୍ୟତରେ ଅଦାଲତରେ କୌଣସି ମାମଲା ବିଚାରଧୀନ ଥିଲାବେଳେ ସେ ସଂକ୍ରାନ୍ତରେ ଗଣମାଧ୍ୟମ ସାମ୍ନାରେ କୌଣସି ପ୍ରକାର ବକ୍ତବ୍ୟ ରଖିବେ ନାହିଁ ବୋଲି ମଧ୍ୟ ଅଦାଲତଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ନିସର୍ତ୍ତ କ୍ଷମାପ୍ରାର୍ଥନା ପରେ ଅଦାଲତ ତାଙ୍କୁ ବ୍ୟକ୍ତିଗତ ହାଜିରାରୁ ଛାଡ଼୍ କରିଛନ୍ତି। ହାଇକୋର୍ଟର ବିଚାରପତି ଜଷ୍ଟିସ୍ ଶଶିକାନ୍ତ ମିଶ୍ର ଆଜି ଏହି ନିର୍ଦ୍ଦେଶ ଦେଇଛନ୍ତି।

ବ୍ରହ୍ମପୁର ବିଧାୟକ କେ. ଅନୀଲ କୁମାରଙ୍କ ବିରୋଧରେ ରୁଜୁ ନିର୍ବାଚନୀ ମାମଲାରେ ଆବେଦନକାରୀ ମନୋଜ କୁମାର ପଣ୍ଡାଙ୍କ ଏକ ଅନ୍ତରୀଣ ପିଟିସନ୍ ରୁଜୁ କରିଥିଲେ। ବିଧାୟକ କେ. ଅନୀଲ କୁମାରଙ୍କ ବିରୋଧରେ ମାମଲା ରୁଜୁ କରିଥିବାରୁ ତାଙ୍କୁ ଧମକ ଚମକ ଦିଆଯାଇ ଅପହରଣ କରାଯାଇଥିଲା। ଆହୁରି ମଧ୍ୟ ବ୍ରହ୍ମପୁର ଏସ୍‌ପି ବିଭିନ୍ନ ଗଣମାଧ୍ୟମରେ ଏହି (୯ ପୃଷ୍ଠାରେ)

## ଲାଲ୍‌କିଲ୍ଲା ବିସ୍ଫୋରଣ ପରେ ହାଇଆଲର୍ଟରେ ଓଡ଼ିଶା



ଭୁବନେଶ୍ୱର, ୧୧।୧୧ (ସବ୍ୟୁ) : ଲାଲ୍‌କିଲ୍ଲା ବିସ୍ଫୋରଣ ପରେ ହାଇଆଲର୍ଟରେ ଓଡ଼ିଶା ରହିଛି। ପୋଲିସ ବାହିନୀ ସଜାଗ ସାଙ୍ଗକୁ କେନ୍ଦ୍ରୀୟ ପୋଲିସ ମଧ୍ୟ କେତେକ ସ୍ଥାନରେ ସହାୟତା କରୁଛି। ବିଭିନ୍ନ ସହରର ପ୍ରବେଶ ଓ ପ୍ରସ୍ଥାନ ପଥରେ କଡାକଡି ଯାଞ୍ଚ କରାଯାଉଥିବା ବେଳେ ସନ୍ଦିଗ୍ଧଙ୍କୁ ପଚରାଉଚରା କରାଯାଉଛି।

ରାଜଧାନୀ ଭୁବନେଶ୍ୱର, କଟକ, ସମ୍ବଲପୁର, ପୁରୀ, ପାରାଦୀପ, ବାଲେଶ୍ୱର ପ୍ରଭୃତି ସହରମାନଙ୍କରେ କଡାକଡି ଯାଞ୍ଚ କରାଯାଉଛି। ସନ୍ଧାନୀ କୁକୁର, ମେଟାଡିଟେକଫର ସାହାଯ୍ୟରେ ଗତକାଲି ରାତିଠାରୁ ଯାଞ୍ଚ ପ୍ରକ୍ରିୟା ଜାରି ରହିଛି। ଭୁବନେଶ୍ୱର ଓ କଟକରେ ଉଚ୍ଚପଦସ୍ଥ ଅଧିକାରୀମାନେ ରୋଡ୍‌ବ୍ଲକିଂରେ ସାମିଲ ହୋଇ ପଥଚାରୀଙ୍କୁ ଯାଞ୍ଚ କରୁଥିଲେ। ଡିଜିପି ୱାଇବି ଖୁରାନିଆ କଟକ ବାଲିଯାତ୍ରାରେ ପହଞ୍ଚି ତନ ତନ୍ କରି ଯାଞ୍ଚ କରିବାକୁ ଅଫିସରଙ୍କୁ କହିବା ସହ ନିଜେ କେତେକ ସ୍ଥାନ ଉପରେ ସତର୍କ ନଜର ରଖିଥିଲେ। କେବଳ ବାଲିଯାତ୍ରା ନୁହେଁ ରାଜ୍ୟ ସୀମାରେ ମଧ୍ୟ ସଶସ୍ତ୍ର ପ୍ରହରା ଜାରି ରହିଛି।

ଭୁବନେଶ୍ୱର ଏୟାରପୋର୍ଟ, ଲିଙ୍ଗରାଜ ମନ୍ଦିର, (୯ ପୃଷ୍ଠାରେ)

## ବିହାରରେ ସରିଲା ଭୋଟ୍, ୬୯% ମତଦାନ



ପାଟନା, ୧୧।୧୧ : ବିହାର ବିଧାନସଭା ନିର୍ବାଚନ ଲାଗି ମତଦାନ ଶେଷ ହୋଇଛି। ଆଜି ଅନୁଷ୍ଠିତ ଦ୍ୱିତୀୟ ପର୍ଯ୍ୟାୟ ମତଦାନରେ ସନ୍ଧ୍ୟା ୬ଟା ସୁଦ୍ଧା ୬୮.୫୨% ରେକର୍ଡ ସଂଖ୍ୟକ ମତଦାନ ହୋଇଥିବା ସୂଚନା ମିଳିଛି। ତେବେ ବିଭିନ୍ନ ସଂସ୍ଥା ପକ୍ଷରୁ କରାଯାଇଥିବା ବୁଥ୍ ବାହୁଡ଼ା ମତ ବା ଏକ୍‌ଜିଟ୍ ପୋଲ୍‌ରେ ଏନ୍‌ଡିଏ ମେଣ୍ଟକୁ ସ୍ପଷ୍ଟ ବହୁମତ ଦେଇଥିବା ଦେଖିବାକୁ ମିଳିଛି।

**ଏକ୍‌ଜିଟ୍ ପୋଲ୍‌ରେ ଏନ୍‌ଡିଏକୁ ସ୍ପଷ୍ଟ ବହୁମତ**

ବିହାରରେ ଜେଡ଼ିୟୁ ଓ ବିଜେପି ସମେତ ଅନ୍ୟକିଛି ଦଳ ନିର୍ବାଚନ ଲଢୁଥିବାବେଳେ ତାଙ୍କ ବିପକ୍ଷରେ ଆର୍‌ଜେଡି, କଂଗ୍ରେସ, ବାମପନ୍ଥୀ, ଭିଆଇପି ଆଦି ଦଳଗୁଡ଼ିକ ମହାଗଠବନ୍ଧନ କରି ନିର୍ବାଚନ ଲଢୁଥିଲେ। ତେବେ ରାଜନୈତିକ ରଣନୀତିକାର ପ୍ରଶାନ୍ତ କିଶୋର ଯେ କି ପ୍ରଥମ ଥର ପାଇଁ ବିହାରରେ ନିର୍ବାଚନ ରାଜନୀତିରେ ପାଦ ଥାପିଥିଲେ ଓ ନିଜର ଜନସ୍ୱରାଜ ଦଳ କରିଥିଲେ ତାଙ୍କୁ ବଡ ଝଟ୍‌କା ଲାଗିଥିବା ଏକ୍‌ଜିଟ୍ ପୋଲ୍ ଆକଳନ କରିଛି। ଏକ୍‌ଜିଟ୍ ପୋଲ୍‌ର ଆକଳନରେ ପ୍ରାୟ ୭ରୁ ଉର୍ଦ୍ଧ୍ୱ ସଂସ୍ଥା ଏନ୍‌ଡିଏକୁ ବହୁମତ ଦେଇଛନ୍ତି। ୨୪୩ ବିଶିଷ୍ଟ ବିହାର ବିଧାନସଭା ଲାଗି ୧୨୨ ହେଉଛି ସଂଖ୍ୟା ଗରିଷ୍ଠତାର ଅଙ୍କ। ୯ ଏକ୍‌ଜିଟ୍ ପୋଲ୍ ସଂସ୍ଥାର ଆକଳନ ଅନୁଯାୟୀ ଏନ୍‌ଡିଏକୁ ୧୩୦ରୁ ଅଧିକ ଆସନ ମିଳିବାର ସମ୍ଭାବନା ରହିଛି। ମ୍ୟାଟ୍ରିଜ୍ ପକ୍ଷରୁ ହୋଇଥିବା ଆଗୁଆ ଆକଳନ ଅନୁଯାୟୀ ୧୪୭ ରୁ ୧୬୭ ଓ ମହାଗଠବନ୍ଧନ (ଏମ୍‌ଜିବି)କୁ ୭୦ ରୁ ୯୦, ଭାସ୍କର ରିପୋର୍ଟ ପୋଲ୍ ଆକଳନ ଅନୁଯାୟୀ ଏନ୍‌ଡିଏ ୧୪୫ ରୁ ୧୬୦, ଏମ୍‌ଜେବି ୭୩ ରୁ ୯୧, (୯ ପୃଷ୍ଠାରେ)

### ମିଶନ ପାୱାର ସମନ୍ୱିତ କାର୍ଯ୍ୟାନ୍ୱୟନ ପ୍ରଥମ ପ୍ରସ୍ତୁତି ବୈଠକ

## ୨୦୨୭ ସୁଦ୍ଧା ପ୍ରତି ଗାଁରେ ବିଜୁଳି, ପାନୀୟଜଳ, ରାସ୍ତା

ଭୁବନେଶ୍ୱର, ୧୧।୧୧ (ସବ୍ୟୁ): ଗ୍ରାମ ବା ସହରାଞ୍ଚଳରେ ବିଦ୍ୟୁତ, ପାନୀୟ ଜଳ ଯୋଗାଣ ଓ ସଡ଼କ ହେଉଛି ନାଗରିକଙ୍କ ତିନୋଟି ମୌଳିକ ଆବଶ୍ୟକତା। ଏହି ସମସ୍ୟାଗୁଡ଼ିକର ସମାଧାନ ଏବଂ ଜୀବନଧାରଣର ମାନରେ ଉନ୍ନତି ଆଣିବା ପାଇଁ ମିଶନ ପାୱାର (ବିଜୁଳି, ପାନୀୟଜଳ ଏବଂ ରାସ୍ତାଘାଟ) ନାମକ ଏକ ସମନ୍ୱିତ କାର୍ଯ୍ୟାନ୍ୱୟନ ବ୍ୟବସ୍ଥା ଲାଗି ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଓଡ଼ିଶାର ପ୍ରତ୍ୟେକ ଗ୍ରାମରେ ୨୦୨୭ ସୁଦ୍ଧା ନିତିଦିନିଆ ରାସ୍ତା, ବିଜୁଳି ଓ ପାନୀୟଜଳ ଯୋଗାଣ ସୁନିଶ୍ଚିତ କରିବା ପାଇଁ ମୁଖ୍ୟମନ୍ତ୍ରୀ ବିଭାଗ ଗୁଡିକୁ ନିର୍ଦ୍ଦେଶ ଦେଇଛନ୍ତି। ଏ ସଂକ୍ରାନ୍ତରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି।

ନିୟମିତ ଭାବରେ କାର୍ଯ୍ୟର ଅଗ୍ରଗତି ସମୀକ୍ଷା କରିବା ପାଇଁ ଶକ୍ତି, ପଞ୍ଚାୟତିରାଜ ଓ ପାନୀୟ ଜଳ ଯୋଗାଣ, ଗ୍ରାମ୍ୟ ଉନ୍ନୟନ ବିଭାଗର ଅଧିକାରୀମାନଙ୍କ ସହିତ ଏକ ଆନ୍ତଃମନ୍ତ୍ରୀସ୍ତରୀୟ କମିଟି ଗଠନ କରାଯିବ। ପଞ୍ଚାୟତୱାରୀ ସ୍ଥିତି ରିପୋର୍ଟ ପାଇଁ ରୋଡମ୍ୟାପ୍ ଏବଂ ସମୟସୀମା ଧାର୍ଯ୍ୟ କରାଯାଇ ନିୟମିତ ଭାବରେ ଜିଲ୍ଲାପାଳଙ୍କ ଠାରୁ ସଂଗ୍ରହ କରାଯିବ।

ପ୍ରତ୍ୟେକ ଗ୍ରାମକୁ ବିଦ୍ୟୁତ, ପାନୀୟ ଜଳ ଏବଂ ଶେଷ ମାଇଲ୍ ପର୍ଯ୍ୟନ୍ତ ସଡ଼କ ସଂଯୋଗୀକରଣ ଯୋଗାଇବା ଏହି ମିଶନ୍ ପାୱାରର ଉଦ୍ଦେଶ୍ୟ। ଏହି ମିଶନ୍ ତିନୋଟି ପରିଭାଷିତ ନୀତି ଯଥା: ଗତି, ପରିମାଣ ଏବଂ ମାନକ (ଗୁଣବତ୍ତା) ଉପରେ କାର୍ଯ୍ୟ କରିବ ବୋଲି ଉପମୁଖ୍ୟମନ୍ତ୍ରୀ ଶ୍ରୀ (୯ ପୃଷ୍ଠାରେ)

## ହାତୀ ଆକ୍ରମଣରେ ୨ ମୃତ

ସମ୍ବଲପୁର/ଜମନକିରା, ୧୧।୧୧ (ସବ୍ୟୁ) : ସମ୍ବଲପୁର ଜିଲ୍ଲା କୁଚିଣ୍ଡା ଉପଖଣ୍ଡ ବାମରା ବନଖଣ୍ଡ ଅନ୍ତର୍ଗତ ବଡରମା ରେଞ୍ଜ ଉଷାକୋଠି ଅଭୟାରଣ୍ୟ କୁତବ ଗ୍ରାମରେ ହାତୀ ଆକ୍ରମଣରେ ୨ଜଣଙ୍କ ମୃତ୍ୟୁ ହୋଇଯାଇଛି। ମୃତକ ମାନେ କୁତବ ଗ୍ରାମର ଗଙ୍ଗାରାମ ପଟେଲ(୬୦) ଓ ଟାମ୍ପରଗଡ ଗ୍ରାମର ପ୍ରଦୀପ ଘଟୁଆଳ(୪୫) ବୋଲି ଜଣାପଡିଛି। ଖବର ପାଇ ବନବିଭାଗ ଓ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଘଟଣାର ତଦନ୍ତ କରିଛନ୍ତି। ଜମନକିରା ଥାନା ପୋଲିସ ୨ଟି ଅପମୃତ୍ୟୁ ମାମଲା ରୁଜୁ କରି ଶବକୁ ଜବତ କରିଛି। ଜବତ ଶବକୁ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ସୂଚନାଯୋଗ୍ୟ,

ଦିନକୁ ଦିନ ଜଙ୍ଗଲ ନଷ୍ଟ ହେବାରେ ଲାଗିଛି। ଦ୍ରୁତ ଭାବରେ ଜନସଂଖ୍ୟା ବଢୁଥିବା ଯୋଗୁଁ କୋଠାବାଡି ନିର୍ମାଣ, କଂକ୍ରିଟ୍ ରାସ୍ତା ଓ ଆବଶ୍ୟକ ଆସବାବପତ୍ର ପାଇଁ ଲୋକେ ଜଙ୍ଗଲ ନଷ୍ଟ କରୁଛନ୍ତି। ଏଥିଯୋଗୁଁ ବନ୍ୟଜନ୍ତୁଙ୍କ ପାଇଁ ଖାଦ୍ୟର ଘୋର ଅଭାବ ଦେଖାଯାଇଛି। ତେଣୁ ଖାଦ୍ୟର ଅନ୍ୱେଷଣରେ ହାତୀମାନେ ଗାଁ ମୁହାଁ ହେଉଛି। ଘରଦ୍ୱାର ଭାଙ୍ଗିବା ସହ ଜମିରେ ପଶି ଖାଇବା ସହ ଫସଲ ନଷ୍ଟ କରୁଛନ୍ତି। ବର୍ତ୍ତମାନ ଖରିଫ ଧାନ ଅମଳ ଚାଲିଛି। ବାରହା, ହାତୀ ଓ ବନ୍ୟଜନ୍ତୁ ଦାଉରୁ ରକ୍ଷା ପାଇଁ ଲୋକେ ମଞ୍ଚା କରି ଫସଲ ଜଗୁଛନ୍ତି। ମେଳି କରି ଫସଲ ଜଗିବା ସହ ବାଣ ଫୁଟାଇ , ବାଜା ବଜାଇ ହାତୀକୁ ଘଉଡାଉଛନ୍ତି। ଏଭଳିସ୍ଥଳେ ପ୍ରତ୍ୟହ ହାତୀ ଓ ମଣିଷ ମଧ୍ୟରେ ଛକାପଞ୍ଝା ଲାଗି ରହୁଛି। ଗଙ୍ଗାରାମ ଓ ପ୍ରଦୀପ ଗତକାଲି ରାତି ହାତୀ ଘଉଡାଉ ଥିବାବେଳେ ହାତୀ ଆକ୍ରମଣର ଶିକାର ହୋଇଛନ୍ତି। ହାତୀ ଆକ୍ରମଣରେ ଉଭୟଙ୍କ ମୃତ୍ୟୁ ହୋଇଛି।

## ନୂଆପଡ଼ାରେ ବମ୍ପର ଭୋଟିଂ ୭୮.୪୮%

ନୂଆପଡ଼ା, ୧୧।୧୧ (ସବ୍ୟୁ): ନୂଆପଡା ଉପ ନିର୍ବାଚନରେ ଶାନ୍ତି ଶୃଙ୍ଖଳା ମତଦାନ ଶେଷ ହୋଇଛି। ଉତ୍ସାହର ସହ ଗଣତନ୍ତ୍ରର ମହାପର୍ବରେ ସାମିଲ ହୋଇଛନ୍ତି ନୂଆପଡ଼ାବାସୀ ୧୮ ଗୋଟି ମତଦାନ କେନ୍ଦ୍ର ରେ

- ଶାନ୍ତି ଶୃଙ୍ଖଳାର ସହ ମତଦାନ ଶେଷ
- ଇଭିଏମ୍ ତ୍ରୁଟି ନେଇ ଅଭିଯୋଗ
- ୧୪ରେ ଖୋଲିବ ଇଭିଏମ୍

ମତଦାନ ବିଳମ୍ବିତ ସମୟ ପର୍ଯ୍ୟନ୍ତ ଚାଲିଥିଲା। ଶେଷ ରିପୋର୍ଟ ସୁଦ୍ଧା ମତଦାନ ୭୮.୪୮% ପ୍ରତିଶତ ହୋଇଥିବା ସୂଚନା ରହିଛି। କୋମନା ବ୍ଲକର ଟେଙ୍ଗନାବସା, ଗାଣ୍ଡାମେର, ଦାନଖୋଲା, ହାତିସରା, ଜଟଗଡରେ ନିର୍ବାଚନ ଅବ୍ୟାହତ ରହିଛି। ଦୁଇ ଜଣ ପ୍ରିଜାଇଡିଂ ଅଫିସରଙ୍କୁ ଜିଲ୍ଲା ନିର୍ବାଚନ ଅଧିକାରୀ ନିଲମ୍ବିତ କରିଛନ୍ତି।



ସରିଲା ମତଦାନ। ୧୪ରେ ଖୋଲିବ ଇଭିଏମ୍, ଆସିବ ଫଳାଫଳ। ତେବେ ଏହି ଫଳାଫଳ ରାଜ୍ୟର ୩ ପ୍ରମୁଖ ରାଜନୈତିକ ଦଳର ଭବିଷ୍ୟତର ଗଣିତକୁ ଓଲଟପାଲଟ କରିବ। ତିନି ପ୍ରମୁଖ ଦଳ ନିଜ ଜିତିବାକୁ ଦାମ୍ଭିକତାର ସହ ଗଣମାଧ୍ୟମ ଆଗରେ କହୁଛନ୍ତି। କିନ୍ତୁ ବାସ୍ତବତା ଇଭିଏମ ଭିତରେ ସିଲ ହୋଇଛି। ନିର୍ବାଚନ ଫଳାଫଳ ପରେ ନୂଆ ମୋଡ଼ ନେବ ଓଡ଼ିଶା ରାଜନୀତି। ଲମ୍ବା ସମୟ ଲାଇନରେ ଛିଡା ହୋଇ ନିଜର ବହୁମୂଲ୍ୟ ଭୋଟ ଦେଇଛନ୍ତି। ଉପ-ନିର୍ବାଚନରେ ଭୋଟ ଦେବାକୁ ମତଦାତାଙ୍କ ମଧ୍ୟରେ ଏଭଳି ଉତ୍ସାହ ପୂର୍ବରୁ କେବେ ଦେଖିବାକୁ ମିଳିନଥିଲା। ସମସ୍ତଙ୍କ ମୁହଁରେ ଗୋଟିଏ କଥା, ଅଞ୍ଚଳର ବିକାଶ ପାଇଁ ଭୋଟ ଦେଇଛୁ। ତେବେ ରେକର୍ଡ ସଂଖ୍ୟକ ଭୋଟ କାହା ସପକ୍ଷରେ ପଡିଛି (୯ ପୃଷ୍ଠାରେ)

## ଦୁଇ ପ୍ରିଜାଇଡିଂ ଅଫିସର ନିଲମ୍ବିତ

ନୂଆପଡ଼ା,୧୧।୧୧ (ସବ୍ୟୁ) : ନୂଆପଡ଼ା ବିଧାନସଭା ଉପନିର୍ବାଚନରେ ଶିକ୍ଷକ ଧନଞ୍ଜୟ ମଲ୍ଲିକ, ଟି ଜି ଟି, ରାଜା ଏ ଟି ହାଇସ୍କୁଲ୍, ଖଡିଆଳ, ପ୍ରିଜାଇଡିଂ ଅଫିସର୍, ବୁଥ ନମ୍ବର୍ ୩୬ଙ୍କୁ ମତଦାନର ଗୋପନୀୟତା ଉଲ୍ଲଂଘନ କରିବା ଅଭିଯୋଗରେ ନିଲମ୍ବନ କରିଛନ୍ତି। ସେହି ଭଳି ଦ୍ୱିତୀୟ ପ୍ରିଜାଇଡିଂ ଅଫିସର୍ ନିଲମ୍ବିତ ହେଲେ ସନ୍ଦୀପ କୁମାର ସ୍ୱାଇଁ , ଶିକ୍ଷକ, ଟି ଜି ଟି, ଓଡ଼ିଶା ଆଦର୍ଶ ବିଦ୍ୟାଳୟ, ଟିମନ୍ ପୁର୍, ପ୍ରିଜାଇଡିଂ ଅଫିସର୍, ବୁଥ ନମ୍ବର୍ ୪୬, ବିରୋମାଲ ଙ୍କୁ ମତଦାନର ଗୋପନୀୟତା ଉଲ୍ଲଂଘନ କରିଥିବା ଅଭିଯୋଗରେ ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ ନିଲମ୍ବନ କରିଛନ୍ତି।

# ବିଦ୍ୟୁତ ଫାଶ ଜବତ



ଠାକୁରଗଡ ,(ସବ୍ୟୁ) : ଅନୁଗୋଳ ଜିଲ୍ଲା ଆଠମଲ୍ଲିକ ବନଖଣ୍ଡରେ କିଛି ଦିନ ହେବ ଅବାଧ ଜନ୍ତୁ ଶିକାର ବଢିବାରେ ଲାଗିଛି। କିଛି ଦିନ ହେବ ବିଦ୍ୟୁତ ତାରରୁ ଫାଶ ପକାଇ ଜନ୍ତୁ ଶିକାର କରାଯାଉଥିବା ବେଳେ ଅନେକ ଗ୍ରାମରେ ବିଦ୍ୟୁତ ସମସ୍ୟା ଦେଖା ଦେଇଛି। ମଙ୍ଗଳବାର ଦିନ ହଣ୍ଡପା ରେଞ୍ଜର ବିଡିସିଙ୍ଗ ଗ୍ରାମ ଜଙ୍ଗଲରୁ ବାରହା ଶିକାର ପାଇଁ ପଡିଥିବା ବିଦ୍ୟୁତ ଫାଶକୁ ହଣ୍ଡପା ବନ ବିଭାଗ ଓ ବଇଣ୍ଡା ବିଦ୍ୟୁତ ବିଭାଗ ପକ୍ଷରୁ ଜବତ କରାଯାଇଛି । ଘଟଣାରୁ ଜଣା ପଡିଛି ଯେ ବଇଣ୍ଡା ବିଦୂତ କାର୍ଯ୍ୟାଳୟରୁ ବିଡିସିଙ୍ଗ ଗ୍ରାମ ଜଙ୍ଗଲରେ ହଣ୍ଡପା ଅଞ୍ଚଳକୁ ବିଦ୍ୟୁତ୍ ସଂଯୋଗ ୧୧ କେଭି ମାଧ୍ୟମରେ ଯାଇଛି। ବିଡିସିଙ୍ଗ ଜଙ୍ଗଲ ରୁ ଜନ୍ତୁ ଶିକାର କରିବା ପାଇଁ କିଛି ଶିକାରୀ ବିଡିସିଙ୍ଗ ଜଙ୍ଗଲ ର ୧୧ କେଭି ରୁ ବିଦ୍ୟୁତ ଫାଶ ପକାଇଥିବା ବେଳେ ସୋମବାର ବିଳମ୍ବିତ ରାତିରେ କୌଣସି ଜନ୍ତୁ ଉକ୍ତ ବିଦ୍ୟୁତ ତାର ସଂସ୍ପର୍ଶରେ ଆସି ମୃତ୍ୟୁବରଣ କରିଛନ୍ତି। ପରେ ଶିକାରୀମାନେ ଉକ୍ତ ଜନ୍ତୁକୁ ନେଇଯାଇଥିବା ବେଳେ ହଣ୍ଡପା ଅଞ୍ଚଳକୁ ବିଦ୍ୟୁତ ସରବରାହ ବିଚ୍ଛିନ୍ନ ହୋଇ ଯାଇଥିଲା । ମଙ୍ଗଳବାର ସକାଳେ ବିଦ୍ୟୁତବିଭାଗ ଉକ୍ତ ଜଙ୍ଗଲରେ ଯାଞ୍ଚ କରିବା ପରେ ବିଦ୍ୟୁତ ଫାଶ ପଡିଥିବା ଦେଖିବାକୁ ପାଇଥିଲେ। ପରେ ହଣ୍ଡପା ବନ ବିଭାଗର ଫରେଷ୍ଟର ଶୁଭେନ୍ଦୁ କୁମାର ପ୍ରଧାନ, ସରସ୍ୱତୀ ମାରଣ୍ଡୀ, ବିଦ୍ୟୁତ ବିଭାଗର କର୍ମଚାରୀ ବଗଲା ବେହେରା , ଶଶାଙ୍କ ଶେଖର ସାହୁ, ସୁଦର୍ଶନ ବେହେରା ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ବିଦ୍ୟୁତ ଫାଶ ତାରକୁ ଜବତ କରିଥିଲେ ।

# ସ୍ୱୟଂସହାୟିକା ଗୋଷ୍ଠୀ ସଭ୍ୟାଙ୍କ ପ୍ରତି ଅନ୍ୟାୟ: ଉପଜିଲ୍ଲାପାଳଙ୍କୁ ଫେରାଦ

ହିନ୍ଦୋଳ, (ସବ୍ୟୁ) : ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ଉପଖଣ୍ଡ ସରପାଗ୍ରାମର ଏକ ସ୍ୱୟଂସହାୟିକା ଗୋଷ୍ଠୀର ସଭାନେତ୍ରୀ, ସମ୍ପାଦିକାଙ୍କ ନାମରେ ଅନିୟମିତତା ପାଇଁ ସେହି ଗୋଷ୍ଠୀର ଜଣେ ସଭ୍ୟା ହିନ୍ଦୋଳ ଉପଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି । ଖବରରୁ ପ୍ରକାଶ ହିନ୍ଦୋଳବ୍ଲକ କଣ୍ଟାବଣିଆ ଥାନା ସରପା ଗ୍ରାମର ଓଁ ମା ମହାଲକ୍ଷ୍ମୀ ଏସଏସଜିର ସଦସ୍ୟା ସୁଜାତା ବେହେରାଙ୍କ ଲିଖିତ ଅଭିଯୋଗ ଅନୁଯାଇ ସୁଜାତା ଦୀର୍ଘ ୧୦ ବର୍ଷ ଧରି ଏହି ଗ୍ରୁପର ସଦସ୍ୟା ଥିବା ସହ ସମସ୍ତ ଦେୟ ମାସକୁ ମାସ ପ୍ରଦାନ କରନ୍ତି ।

ନିକଟରେ ୨୦/୯/୨୫ରେ ବକେୟା ୧୨ହଜାରଟଙ୍କା ମଧ୍ୟ ପ୍ରଦାନ କରିଥିଲେ। ସଠିକ କଥା, ସଠିକ ହିସାବପତ୍ର ମାଗି ସଦସ୍ୟାମାନଙ୍କୁ ସତ୍ୟକଥା କହୁଥିବାରୁ ମିଥ୍ୟାରୋପ କରି ସୁଜାତାଙ୍କ ନାମ ତାଙ୍କ ଅଜାଣତରେ ସଦସ୍ୟାରୁ କାଟିଦେବା ସହ ସଭାନେତ୍ରୀ ଗୀତାଞ୍ଜଳି ସେନାପତି ଓ ସମ୍ପାଦିକା ପଦ୍ମିନୀ ସେନାପତି କଣ୍ଟାବଣିଆସ୍ଥିତ ଷ୍ଟେଟ ବ୍ୟାଙ୍କରୁ ୧୦ଲକ୍ଷ ଟଙ୍କା ଋଣ ଆଣିଥିଲେ ଯାହାକି ଅଧିକାଂଶ ସଦସ୍ୟାଙ୍କ ଅଜାଣତରେ। ବ୍ୟାଙ୍କ ମ୍ୟାନେଜରଙ୍କୁ ବୁଝିବାରେ ସୁଜାତାଙ୍କ ନାମ ସଭ୍ୟାପଦରୁ କାଟିଦେଇଥିବା ଏବଂ ତାଙ୍କ ନାମ ସୁଜାତା ବେହେରା ବଦଳରେ ସୁଜାତା ସେନାପତି ନାମରେ ଦସ୍ତଖତ ଜାଲ କରାଯାଇଥିବା ଜାଣିବାକୁ ପାଇଥିଲେ ଏବଂ ପଚାରିବାରେ ସଭାନେତ୍ରୀ, ସମ୍ପାଦିକା ନୀରବ ରହିଥିଲେ। ସେଥିପାଇଁ ତାଙ୍କପ୍ରତି ହୋଇଥିବା ଏହି ଅନ୍ୟାୟ, ଅନିୟମିତତାର ଉପଯୁକ୍ତ ତଦନ୍ତକରି ନ୍ୟାୟପାଇଁ ସୁଜାତା ବେହେରା ହିନ୍ଦୋଳ ଉପଜିଲ୍ଲାପାଳଙ୍କୁ ଲିଖିତ ଅଭିଯୋଗ କରିବା ସହ ହିନ୍ଦୋଳ ବିଡ଼ିଓ, ସିଡିପିଓ, କଣ୍ଟାବଣିଆ ଥାନା ଅଧିକାରୀ, ଭିଜିଲାନ୍ସ ଏସପି, ସମାଜମଙ୍ଗଳ କମିଶନର, ମୁଖ୍ୟମନ୍ତ୍ରୀଙ୍କୁ ମଧ୍ୟ ଅବଗତ କରାଇଛନ୍ତି ।

ଯଦି ତାଙ୍କ ନାମ ବାଦ ଦିଆଗଲା ତେବେ ଆଜି ପର୍ଯ୍ୟନ୍ତ ସେ ଦେଇଆସିଥିବା ସଭ୍ୟା ଦେୟ ତାଙ୍କୁ ଫେରସ୍ତ ଦେବାପାଇଁ ଦାବି କରିଛନ୍ତି । ତେବେ ଏ ସମ୍ପର୍କରେ ହିନ୍ଦୋଳ ବ୍ଲକ ସିଡିପିଓ ଓ ସୁପରଭାଇଜରଙ୍କୁ ସେ ପଚାରିବାରେ କୁହନ୍ତି ଅଭିଯୋଗ ପରେ ଉପଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ ଆମେ ତଦନ୍ତ କରିବାକୁ ଯାଇଥିଲୁ ।

ଆମେ ଉପଜିଲ୍ଲାପାଳଙ୍କୁ ରିପୋର୍ଟ କରିବୁ ଓ ଆମେ କିଛି କରିପାରିବୁ ନାହିଁ ତେବେ ନିର୍ଯାତିତା ସଭ୍ୟା ସୁଜାତାଙ୍କ ଅଭିଯୋଗକୁ ଉପଯୁକ୍ତ ତଦନ୍ତ କରାଯାଇ ଅଭିଯୋଗର ସତ୍ୟାସତ୍ୟ ଅନୁଯାଇ ପଦକ୍ଷେପ ନିଆଯିବା ସହ ତାଙ୍କପ୍ରତି ନ୍ୟାୟପ୍ରଦାନ ପାଇଁ ସୁଜାତା ଏବଂ ପରିବାର ବର୍ଗ ଜିଲ୍ଲାପ୍ରଶାସନ ନିକଟରେ ଦାବି କରିଛନ୍ତି ।

# ଏସ୍‌ଆଇ ପରୀକ୍ଷା ଜାଲିଆତି ମାମଲା

## ଉପର କୋର୍ଟରେ ଶଙ୍କର ସମେତ ୭ ଜଣଙ୍କ ଜାମିନ ଆବେଦନ ଶୁଣାଣି ୧୩ରେ

ବ୍ରହ୍ମପୁର,(ସବ୍ୟୁ): ଏସଆଇ ପରୀକ୍ଷା ଜାଲିଆତି ମାମଲାରେ ଗିରଫ ହୋଇ ବ୍ରହ୍ମପୁର ମଣ୍ଡଳ କାରାଗାରରେ ରହୁଥିବା ଶଙ୍କର ପୃଷ୍ଟି ସମେତ ମୋଟ ୭ ଏହି ଆବଦେନର ଶୁଣାଣି ଆସନ୍ତା ୧୩ ତାରିଖରେ ରହିଛି। ଏପଟେ ଜାମିନ ପାଇଁ ଉପର କୋର୍ଟରେ ଆବେଦନ କରିଛନ୍ତି। ଏହି ଆବଦେନର ଶୁଣାଣି ଆସନ୍ତା ୧୩ ତାରିଖରେ ରହିଛି।

ପ୍ରକାଶଥାଉକି, ଏସଆଇ ପରୀକ୍ଷା ଜାଲିଅତି ମାମଲାର ମାଷ୍ଟରମାଇଣ୍ଡ ଗଞ୍ଜାମ ଜିଲାର ଶଙ୍କର ପୃଷ୍ଟି ସମେତ ମୋଟ ୧୧ ଜଣ ଦଲାଲ ଓ ଏଜେଣ୍ଟ ବର୍ତ୍ତମାନ ବ୍ରହ୍ମପୁର ଜେଲରେ ଅଛନ୍ତି। ଏହି ୧୧ ଜଣଙ୍କ ମଧ୍ୟରୁ ଆଜି ଶଙ୍କର ସମେତ ମୋଟ ୭ ଜଣ ଜିଲା କୋର୍ଟରେ ଜାମିନ ଆବେଦନ କରିଥିଲେ। ସେମାନେ ହେଲେ ସିଲିକନ କମ୍ପାନୀ ମାଲିକ ସୁରେଶଚନ୍ଦ୍ର ନାୟକ, ଏଜେଣ୍ଟ ଟଫିମ ଅହମ୍ମଦ ଖାନ, ବିଶ୍ୱରଞ୍ଜନ ବେହେରା, ଅରବିନ୍ଦ ଦାସ, ଶେଖର ସାହୁ ଓ ପ୍ରକାଶ ସାହୁ। ପୂର୍ବରୁ ଏହି ଅଭିଯୁକ୍ତମାନେ ତଳ କୋର୍ଟରେ ଜାମିନ ଆବେଦନ କରିଥିଲେ ମଧ୍ୟ ତାହା ନାମଞ୍ଜୁର ହୋଇ ଯାଇଥିଲା। ସେହିକ୍ରମରେ ଅଭିଯୁକ୍ତମାନେ ନିଜ ଓକିଲଙ୍କ ଜରିଆରେ ବ୍ରହ୍ମପୁର ସ୍ଥିତ ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟରେ ଜାମିନ ଆବେଦନ କରିଥିଲେ। ସେହି ଆବେଦନଗୁଡ଼ିକର ଶୁଣାଣି ପାଇଁ କୋର୍ଟ ଆସନ୍ତା ୧୩ ତାରିଖକୁ ଦିନ ଧାର୍ଯ୍ୟ କରିଛନ୍ତି। ଅନ୍ୟପକ୍ଷରେ ନିକଟରେ କ୍ରାଇମବ୍ରାଞ୍ଚ ପକ୍ଷରୁ ଶଙ୍କର ସମେତ ଅନ୍ୟ ୫ ଅଭିଯୁକ୍ତଙ୍କୁ ରିମାଣ୍ଡରେ ନେଇ ପଚରାଉଚରା କରାଯିବା ପରେ ପୁଣିଥରେ ବ୍ରହ୍ମପୁର ମଣ୍ଡଳ କାରାଗାରକୁ ପଠାଇ ଦିଆ ଯାଇଥିଲା। ରିମାଣ୍ଡରେ ଥିବା ବେଳେ ଶଙ୍କରକୁ ପଚରାଉଚରା ବେଳେ ସେ ସତ କହୁନଥିବା କ୍ରାଇମବ୍ରାଞ୍ଚ ସନ୍ଦେହ କରିଥିଲା। ସେହିକ୍ରମରେ ଶଙ୍କରର ପଲିଗ୍ରାଫ ପରୀକ୍ଷା କରିବାକୁ କ୍ରାଇମବ୍ରାଞ୍ଚ ପକ୍ଷରୁ ବ୍ରହ୍ମପୁର ସ୍ଥିତି କୋର୍ଟରେ ଆବେଦନ କରାଯାଇଥିଲା। ସେହି ଆବେଦନର ଶୁଣାଣି ମଙ୍ଗଳାବାର ହେବାର ଥିଲା। କିନ୍ତୁ କ୍ରାଇମବ୍ରାଞ୍ଚର ତଦନ୍ତ ଅଧିକାରୀ ଉପସ୍ଥିତ ନହେବାରୁ ତାହାର ଶୁଣାଣି ହୋଇପାରିନଥିଲା। ଏପଟେ ଏହି ପରୀକ୍ଷା ଜାଲିଆତିର ତଦନ୍ତ ଏଣିକି ସିବିଆଇ କରିବ ବୋଲି ମଙ୍ଗଳବାର ସରକାରଙ୍କ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ସିବିଆଇ ଦଳ ଖୁବଶୀଘ୍ର ବ୍ରହ୍ମପୁରରେ ପହଞ୍ଚିବେ ବୋଲି କୁହାଯାଉଛି ।

# ଟାଟା ପାୱାର ବିରୋଧରେ ତୀବ୍ର ଅସନ୍ତୋଷ

## ୧୭ରେ ଢେଙ୍କାନାଳ ବନ୍ଧ ଡାକରା

ଢେଙ୍କାନାଳ,(ସବ୍ୟୁ) :ଢେଙ୍କାନାଳ ଜିଲ୍ଲାରେ ଟାଟା ପାଓ୍ୱାରର ଶୋଷଣ ଏବଂ ବିଭିନ୍ନ ମନୋମୁଖୀ କାର୍ଯ୍ୟକୁ ନେଇ ଏକ ସର୍ବଦଳୀୟ ବୈଠକ ଅନୁଷ୍ଠିତ ହୋଇଥିବା ବେଳେ ଆସନ୍ତା ସୋମବାର ୧୭ ତାରିଖ ଦିନ ଢେଙ୍କାନାଳ ବନ୍ଦ ଡାକରା ଦିଆଯାଇଛି । ଢେଙ୍କାନାଳରେ ଟାଟା ଷ୍ଟିଲ ତରଫରୁ ଅନୁଷ୍ଠିତ ହେବାକୁ ଥିବା କପିଳାସ ହାଫ ମାରାଥନକୁ ନେଇ ଜିଲ୍ଲାରେ ଅସନ୍ତୋଷ ଦିନକୁ ଦିନ ବୃଦ୍ଧି ପାଇଥିଲା ।ପ୍ରଥମେ ଜିଲ୍ଲାର ବିଭିନ୍ନ ସଙ୍ଗଠନ ସହିତ ଆଲୋଚନା,କପିଳାସ ରାସ୍ତାରେ ଆଲୋକୀକରଣ,ସିଟି ହସପିଟାଲକୁ କାର୍ଯ୍ୟକ୍ଷମ ସହିତ ବିଦ୍ୟୁତ୍ ଉପଭୋକ୍ତାଙ୍କୁ ଶୋଷଣ କରିବା ବନ୍ଦ କରିବା ପରେ ମାରାଥନର ଆୟୋଜନ କରିବାକୁ ଚେତାବନୀ ଦିଆଯାଇଥିଲା ।

ଏହାକୁ ନେଇ ପୋଲିସ-ଆଇନଜିବୀ ବିବାଦ ସମାଧାନ ହୋଇଛି । ଜିଲ୍ଲାର ସ୍ୱାର୍ଥ ପାଇଁ ମଙ୍ଗଳବାର ଜିଲ୍ଲାର ବିଭିନ୍ନ ସଙ୍ଗଠନ,ରାଜନୈତିକ ଦଳର ପ୍ରତିନିଧି,ଓକିଲ ସଙ୍ଘ ସହିତ ଅନ୍ୟମାନଙ୍କୁ ନେଇ ଏକ ସର୍ବଦଳୀୟ ବୈଠକ କରାଯାଇଥିଲା । ଏହି ଘଟଣାକୁ ନେଇ ସଭାପତି ଗୋପାଳ ଚନ୍ଦ୍ର ମହାପାତ୍ର ତାଙ୍କ ପ୍ରତିକ୍ରୀୟାରେ କହିଛନ୍ତି କ୍ରୀୟାନୁଷ୍ଠାନ କମିଟି ଗଠନ କରାଯାଇଛି । ଏହି ବୈଠକରେ ଆସନ୍ତା ସୋମବାରଦିନ ଢେଙ୍କାନାଳ ବନ୍ଦ ଡାକରା ଦିଆଯାଇଛି । ଏହି ବୈଠକରେ ଓକିଲ ସଙ୍ଘର ସଭାପତିଙ୍କ ସହିତ ବିଭିନ୍ନ ଦଳ ଏବଂ ସମାଜର ମାନ୍ୟଗଣ୍ୟ ବ୍ୟକ୍ତିମାନେ ଯୋଗ ଦେଇଥିଲେ ।

# ବ୍ଲକସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା

ଓଡାପଡା, (ସବ୍ୟୁ) : ଢେଙ୍କାନାଳ ଜିଲ୍ଲା ଓଡ଼ାପଡ଼ା ପ୍ରାଣୀ ଚିକିତ୍ସାଳୟ ପରିସର ମଧ୍ୟରେ ବ୍ଲକ ସ୍ତରୀୟ ମତ୍ସ୍ୟ ଓ ପ୍ରାଣୀସମ୍ପଦ ମେଳା ଅନୁଷ୍ଠିତ ହୋଇ ଯାଇଅଛି । ଓଡ଼ାପଡ଼ା ଗୋଷ୍ଠୀ ଉନ୍ନୟନ ଅଧିକାରୀ ଦିଲିପ କୁମାର ଷଡଙ୍ଗୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ହିନ୍ଦୋଳ ବିଧାୟିକା ସିମାରାଣି ନାୟକ ମୂଖ୍ୟ ଅତିଥି ,ମୂଖ୍ୟ ବକ୍ତା ଭାବେ ଜିଲ୍ଲା ଅତିରିକ୍ତ ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ଡ଼ଃ ମଣିରାମ ଜେନା, ସମ୍ମାନୀତ ଅତିଥି ଭାବେ ଓଡ଼ାପଡ଼ା ବ୍ଲକ ଅଧ୍ୟକ୍ଷା ସସ୍ମିତା ମହାନ୍ତି, ଉପାଧ୍ୟକ୍ଷ ଅମିତାଭ ସ୍ୱାଇଁ, ଜିଲ୍ଲା ମତ୍ସ୍ୟ ଅଧିକାରୀ ଶୁଭଶ୍ରୀ ମିଶ୍ର , ଜିଲ୍ଲା ପରିଷଦ ସଭ୍ୟ ବାଳକୃଷ୍ଣ ସାହୁ , ସାଂସଦଙ୍କ ପ୍ରତିନିଧି ତପନ କୁମାର ମହାପାତ୍ର ଯୋଗଦେଇ ଥିଲେ । ଅତିଥି ମାନେ ସରକାରଙ୍କ ପକ୍ଷରୁ ମତ୍ସ୍ୟ ଓ ପ୍ରାଣୀ ପାଳନ ନିମନ୍ତେ କାର୍ଯ୍ୟକାରୀ ହେଉଥିବା ଯୋଜନା ସମ୍ପର୍କରେ ବିସ୍ତୃତ ବିବରଣୀ ପ୍ରଦାନ କରିବା ସହିତ ଏହାର ଲାଭ ଉଠାଇବା ପାଇଁ ପରାମର୍ଶ ଦେଇଥିଲେ । ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ଚାଷୀମାନଙ୍କୁ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ ।



କଳାକାରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଶେଷରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଦିଲିପ କୁମାର ଷଡଙ୍ଗୀ ଧନ୍ୟବାଦ ଅର୍ପଣ କରିଥିଲେ । ମହିଳା ଶିଶୁ ବିକାଶ ଅଧିକାରୀ ନିବେଦିତା ତ୍ରିପାଠୀ ମଞ୍ଚ ପରିଚାଳନା କରୁଥିବା ବେଳେ କାର୍ଯ୍ୟକ୍ରମକୁ ଓଡ଼ାପଡ଼ା ପ୍ରାଣୀ ଚିକିତ୍ସା ଅଧିକାରୀ ଡ଼ଃ ସାଗର ଜ୍ୟୋତି ବେହେରା ଓ ଅତିରିକ୍ତ ମତ୍ସ୍ୟ ଅଧିକାରୀ ପୂର୍ଣ୍ଣେନ୍ଦୁ ପାଲ ପରିଚାଳନା କରୁଥିଲେ । କାର୍ଯ୍ୟକ୍ରମକୁ ବିଭାଗର କର୍ମଚାରୀ ମାନେ ସହଯୋଗ କରିଥିଲେ ।

# ସମାଜସେବୀଙ୍କ ପରଲୋକ

ଢେଙ୍କାନାଳ,(ସବ୍ୟୁ) :ବିଶିଷ୍ଟ ସମାଜସେବୀ ଅମୂଲ୍ୟ ମହାପାତ୍ରଙ୍କ ୭୪ ବର୍ଷ ବୟସରେ ହାଟରୋଡ ସ୍ଥିତ ବାସଭବନରେ ବିୟୋଗ ଘଟିଛି। ଚିତ୍ରଶିଳ୍ପୀ ଭାବରେ ସାରା ଓଡିଶାରେ ତାଙ୍କର ସୁନାମ ରହିଥିଲା। ରାଜ୍ୟର ବିଭିନ୍ନ ଜିଲ୍ଲାରେ ସେ ଚିତ୍ରଶିଳ୍ପୀ ଭାବେ ସମ୍ମାନିତ ହୋଇଥିଲେ। ସମାଜସେବା ତାଙ୍କର ବ୍ରତ ଥିଲା ଜଣେ ସ୍ନେହୀ, ପରୋପକରୀ, ଧର୍ମପରାୟଣ ବ୍ୟକ୍ତି ବାବରେ ସେ ଅଞ୍ଚଳରେ ପରିଚିତ୍ ଥିଲେ। ସାନ୍ଧ୍ୟ ମହାବିଦ୍ୟାଳୟ ହାଟରୋଡ ଲକ୍ଷ୍ମୀପୂଜା ଓ ହନୁମାନ ମନ୍ଦିର ଇତ୍ୟାଦି କରିବାରେ ତାଙ୍କ ଅବଦାନ ଅତୁଳନୀୟ। ତାଙ୍କ ମୃତ୍ୟୁରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ମର ଶରୀର ପାଖରେ ଝିଅ, ଜ୍ୱାଇଁ, ନାତି ନାତୁଣୀ ଉପସ୍ଥିତ ଥିଲେ। ସ୍ୱର୍ଗତ ମହାପାତ ଜିଲ୍ଲା ବିଜେଡି ମହିଳା ଉପସଭାନେତ୍ରୀ ଟିନା ମହାପାତ୍ରଙ୍କ ପିତା। ତାଙ୍କ ବିୟୋଗରେ ବିଶିଷ୍ଟ ସମାଜସେବୀ ଗଙ୍ଗାଧର ସାମଲ, ପୂର୍ବତନ ବିଧାୟକ ସୁଧୀର କୁମାର ସାମଲ, ଯୁବ ସମାଜସେବୀ ଡା. ଅବିନାଶ ସାମଲ ପ୍ରମୁଖ ଗଭୀର ଦୁଃଖ ପ୍ରକାଶ କରିବା ସହିତ ଶୋକ ସନ୍ତପ ପରିବାର ପ୍ରତି ସମବେଦନା ଜ୍ଞାପନ ଜଣାଇଛନ୍ତି।

# ଭୁବନେଶ୍ୱରୀ ମାଇନ୍ସରେ ଓଲଟିଲା ଡ଼ିଜେଲ ଟ୍ୟାଙ୍କର, ଅଳ୍ପକେ ବର୍ତ୍ତିଲେ ଚାଳକ

ତାଳଚେର, (ସବ୍ୟୁ) : ତାଳଚେର ଭୁବନେଶ୍ୱରୀ କୋଇଲା ଖଣିରେ ଯାଉଥିବା ଏକ ଡ଼ିଜେଲ ବୋଝେଇ ଟ୍ୟାଙ୍କର ଓଲଟି ପଡ଼ିବାରୁ ଅଳ୍ପକେ ବର୍ତିଗଲେ ଡ୍ରାଇଭର । ଘଟଣାରୁ ପ୍ରକାଶ ଆଜି ଏକ ଟ୍ୟାଙ୍କରରେ ଫୁଲ ଡ଼ିଜେଲ ଭର୍ତିହୋଇ ଭୁବନେଶ୍ୱରୀ କୋଲକରିଡ଼ର ରାସ୍ତାରେ ଯାଉଥିବା ବେଳେ ହଠାତ୍ କୌଣସି କାରଣରୁ ଓଲଟି ପଡ଼ିଥିଲା । ଫଳରେ ସେଥିରେ ଥିବା ଡ଼ିଜେଲ ତଳେ ପଡ଼ିଯାଇଥିଲା ଓ ଏହାର ଚାଳକ ଅଳ୍ପକେ ବର୍ତି ଯାଇଥିଲେ । ତାଙ୍କୁ ତୁରନ୍ତ ସେଠାରୁ ଉଦ୍ଧାରକରି ସ୍ଥାନୀୟ ଡ଼ାକ୍ତରଖାନାକୁ ନିଆଯାଇଥିଲା ।



ତଳେ ପଡ଼ି ଯାଇଥିବା ଡ଼ିଜେଲକୁ ସେଠିକାର ଅଂଚଳବାସୀ ଗରା ବାଲଟିରେ ସଂଗ୍ରହ କରି ବୋହି ନେଇଥିବା ଦେଖିବାକୁ ମିଳିଥିଲା । ତେବେ ଏଥିରେ କାହାର କିଛି ପ୍ରତିକ୍ରିୟା ମିଳିନଥିବା ବେଳେ ଏହି ଘଟଣା ଶ୍ରମିକ ମହଲରେ ଚାଂଚଲ୍ୟ ଖେଳାଇ ଦେଇଛି ।

# ଜିଲ୍ଲାପାଳଙ୍କ ଜନ ଶୁଣାଣିରେ ୭୪ ଅଭିଯୋଗ

ଭୁବନ ,(ସବ୍ୟୁ) : ଭୁବନ ପଞ୍ଚାୟତ ସମିତି ସଭାଗୃହରେ ଢ଼େଙ୍କାନାଳ ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ମିଳିତ ଜନ ଶୁଣାଣି ଅନୁଷ୍ଠିତ ହୋଇଯାଇଛି।

ଏହି ଜନ ଶୁଣାଣୀ ଶିବିରରେ ସମୁଦାୟ ୭୪ ଟି ଅଭିଯୋଗ ଦାଖଲ ହୋଇଥିଲା। ସେଥି ମଧ୍ୟରୁ ୬୭ ଟି ବ୍ୟକ୍ତିଗତ ୪ ଟି ସାମୁହିକ ସମସ୍ୟା ଅନ୍ତର୍ଭୁକ୍ତ ଥିଲା। ଘଟଣା ସ୍ଥଳରେ ୧୦ ଟି ଅଭିଯୋଗର ସମାଧାନ ହୋଇଥିଲା। ଚିକିତ୍ସା ପାଇଁ ୩ ଜଣଙ୍କୁ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୬୦ ହଜାର ଟଙ୍କା ପ୍ରଦାନ କରାଯାଇଥିଲା। ଜିଲ୍ଲାପାଳ ଆଶିଷ ଈଶ୍ୱର ପାଟିଲ କାମାକ୍ଷାନଗର ଉପକଣ୍ଠ ଆରକ୍ଷୀ ଅଧିକ୍ଷକ ରଜନୀ କାନ୍ତ ସାମଲ, ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଦିପ୍ତିକାନ୍ତ ସେଠୀ, ଭୁବନ ବିଡ଼ିଓ ଆୟୁସି ମହାପାତ୍ରଙ୍କ ସମେତ ଅନ୍ୟ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ରହି ଅଭିଯୋଗର ଶୁଣାଣୀ କରିଥିଲେ।

# ଶିଶୁ ରାଜ୍ୟ ବିଦ୍ୟାଳୟ ସମୂହ ରଗବୀ ଚାମ୍ପିଅନସିପ

## ଚାମ୍ପିଅନ ମୟୂରଭଞ୍ଜ ଦଳରେ ପିସିପୁର ସ୍କୁଲର ବିଷ୍ଣୁପଦ

ବାରିପଦା, (ସବ୍ୟୁ) : ଓଡିଶା ସରକାରଙ୍କ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ତଥା ଓଡିଶା ରାଜ୍ୟ ବିଦ୍ୟାଳୟ ସ୍ପୋର୍ଟସ ଏସୋସିଏସନର ମିଳିତ ଆନୁକୂଲ୍ୟରେ ରାଜ୍ୟ ବିଦ୍ୟାଳୟ ସମୂହ ରଗବୀ ଚାମ୍ପିଅନସିପ ଅନୁଷ୍ଠିତ ହୋଇଯାଇଛି । ଭୁବନେଶ୍ୱର ସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟ, ଆଇ ଆର ସି ଭିଲେଜ, ପରିସରରେ ଆୟୋଜିତ ଏହି ଚାମ୍ପିଅନସିପରେ ମୟୁରଭଞ୍ଜ ଜିଲ୍ଲାର ୧୪ ବର୍ଷରୁ କମ ବାଳକ ବିଭାଗ ଚାମ୍ପିୟାନ ହୋଇଥିଲା । ଏହି ଦଳରେ ପୂର୍ଣ୍ଣଚନ୍ଦ୍ର ପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବିଷ୍ଣୁପଦ ମହାନ୍ତ ସାମିଲ ଥିଲେ । ସରସକଣା ବ୍ଲକ ଅନ୍ତର୍ଗତ ବାଉଁଶଡା ଗ୍ରାମର ପିତା ସ୍ୱର୍ଗତ କାଶୀନାଥ ମହାନ୍ତ ଓ ମାତା ବିନିମଣୀ ମହାନ୍ତଙ୍କ ପୁତ୍ର ପିତାଙ୍କ ମୃତ୍ୟୁ ପରେ ପାଠପଢିବା ପାଇଁ ବହୁ ଅସୁବିଧାର ସମ୍ମୁଖୀନ ହୋଇଥିଲେ । ୨୦୨୧ ମସିହାରେ ତାଙ୍କ ମା' ପିସିପୁର ବିଦ୍ୟାଳୟ ପରିସରରେ ଥିବା ନେତାଜୀ ସୁବାଷ ଚନ୍ଦ୍ର ବୋଷ ଛାତ୍ରାବାସରେ ୪ର୍ଥ ଶ୍ରେଣୀରେ ନାମ ଲେଖାଇଥିଲେ ।



ପାଠପଢା ସହ ରଗବୀ ଖେଳପ୍ରତି ତାଙ୍କର ଆଗ୍ରହକୁ ଲକ୍ଷ୍ୟକରି ତତ୍କାଳୀନ ପ୍ରଧାନ ଶିକ୍ଷକ ସୋମନାଥ ସିଂହ ଫିଉଚର ଷ୍ଟାର ସ୍ପୋର୍ଟସ ଏକାଡେମୀର ପ୍ରତିଷ୍ଠାତା ଦିବ୍ୟରଞ୍ଜନ ଦାସଙ୍କ ସହ ଯୋଗାଯୋଗ କରି ପ୍ରଶିକ୍ଷଣର ବ୍ୟବସ୍ଥା କରିଥିଲେ । ବର୍ତ୍ତମାନ ୮ମ ଶ୍ରେଣୀରେ ପଢୁଥିବା ବେଳେ ସେ ଚମ୍ପିୟାନ ମୟୁରଭଞ୍ଜ ଦଳରେ ଖେଳିବାର ସୌଭାଗ୍ୟ ଅର୍ଜନ କରି ବିଦ୍ୟାଳୟ ତଥା ଜିଲ୍ଲା ପାଇଁ ଗୌରବ ଆଣିଛନ୍ତି ।ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୌମ୍ୟ ଦାଶ, ୱାର୍ଡେନ ସରୋଜ କୁମାର ସାବତ, ସମସ୍ତ ଶିକ୍ଷକ/ଶିକ୍ଷୟତ୍ରୀ ତଥା ଛାତ୍ରଛାତ୍ରୀ ବିଷ୍ଣୁପଦକୁ ଅଭିନନ୍ଦନ ଜଣାଇବା ସହ ଉଜ୍ଜଳ ଭବିଷ୍ୟତ କାମନା କରିଛନ୍ତି ।

# ବିଦ୍ୟୁତ କାର୍ଯ୍ୟାଳୟରୁ ଚୋରି

ଠାକୁରଗଡ ,(ସବ୍ୟୁ) : ଅନୁଗୋଳ ଜିଲ୍ଲା ହଣ୍ଡପା ଥାନା ବଇଣ୍ଡା ବିଦୂତ କାର୍ଯ୍ୟାଳୟ ରୁ ସୋମବାର ରାତି ରେ କିଛି ଯୁବକ ପଶି ଥିବା ବିଦ୍ୟୁତ ତାରକୁ ଚୋରୀ କରି ନେଇଯାଇଛନ୍ତି।ବିଦ୍ୟୁତ ବିଭାଗ କର୍ମଚାରୀ କାର୍ଯ୍ୟାଳୟ ରେ ନଥିବା ବେଳେ ସୁଯୋଗ ନେଇ କିଛି ଯୁବକ ପଶି ଆଲୁମିନିୟମ ତାର ଚୋରୀ କରି ନେଇ ଯାଇଛନ୍ତି। ଲକ୍ଷାଧିକ ଟଙ୍କାର ତାର ଚୋରୀ କରି ନେଇଯାଇଥିବା ବେଳେ କିଛି ତାର ନିକଟରେ ଥିବା ବିଦ୍ୟାଳୟ ପଛରେ ଲଟି ବୁଦାରେ ପକାଇ ଦେଇଥିବା ଜଣାପଡିଛି। ଏ ନେଇ ଜଣା ପଡିବା ପରେ ବିଦ୍ୟୁତ ବିଭାଗ ର କନିଷ୍ଠଯନ୍ତ୍ରି ନରେନ୍ଦ୍ର କୁମାର ବାରିକ ବଇଣ୍ଡା ଫାଣ୍ଡି ରେ ମଙ୍ଗଳବାର ଦିନ ଅଭିଯୋଗ କରିଛନ୍ତି।

# ବରିଷ୍ଠ ପରିଜନ ସମ୍ମାନ ସମାରୋହ

ଅନୁଗୋଳ ,(ସବ୍ୟୁ) : ଅନୁଗୋଳ ଜିଲ୍ଲା ଗାୟତ୍ରୀ ପରିବାର ଯୁବା ପ୍ରକୋଷ୍ଠ ତରଫରୁ ଗତ ରବିବାର ଦିନ ଅନୁଗୋଳର ତୁରଙ୍ଗ ଠାରେ ବରିଷ୍ଠ ପରିଜନମାନଙ୍କୁ ସମ୍ମାନିତ କରାଯାଇଥିଲା। ଜିଲ୍ଲାରୁ ୮ଟି ବ୍ଲକରୁ ୩୦ ଜଣ ବରିଷ୍ଠ ପରିଜନଙ୍କୁ ଉପଢୌକନ ସହିତ ସମ୍ବର୍ଦ୍ଧନା ପତ୍ର ଦେଇ ସମ୍ମାନିତ କରାଯାଇଥିଲା। ଏହି ସମ୍ମାନ ସମାରୋହରେ ମୁଖ୍ୟ ଅତିଥି କିଶୋର ଚନ୍ଦ୍ର ମିଶ୍ର, ମୁଖ୍ୟବକ୍ତା ରବି ନାରାୟଣ ପଣ୍ଡା, ଜିଲ୍ଲା ସଂଯୋଜକ ନରେଶ ଚନ୍ଦ୍ର ବେହେରା, ଏବଂ ଯୁବା ପ୍ରକୋଷ୍ଠ ସଂଯୋଜକ ବସନ୍ତ କୁମାର ନାଥ, ଯଦୁମଣି ପ୍ରଧାନ ଓ ଉଷାରାଣୀ ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦେଇ ମଞ୍ଚାସିନ ଥିଲେ। ଯୁବା ପ୍ରକୋଷ୍ଠର ଏହି କାର୍ଯ୍ୟକ୍ରମକୁ ଦେଖି ଅନୁଗୋଳ ଜିଲ୍ଲାର ଭାଇ, ଭଉଣୀ ଓ ବରିଷ୍ଠ ପରିଜନ ମାନେ ଭୁୟସୀ ପ୍ରଶଂସା କରିଥିଲେ।



# ବ୍ଲକ୍‌ସ୍ତରୀୟ ବାଲ ବୈଜ୍ଞାନିକ ପ୍ରଦର୍ଶନୀ

ଆଠମଲ୍ଲିକ, (ସବ୍ୟୁ) : ଆଠମଲ୍ଲିକ ସହରସ୍ଥିତ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ବିଭିନ୍ନ କାର୍ଯ୍ୟକ୍ରମ ମଧ୍ୟରେ ବାଲ ବୈଜ୍ଞାନିକ ପ୍ରଦର୍ଶନୀ ଓ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ଉଦ୍‌ଘାଟନୀ ଉତ୍ସବରେ ବ୍ଲକ ଶିକ୍ଷା ଅଧିକାରୀ ତଥା ମହେନ୍ଦ୍ର ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ସୁନିଲ କୁମାର ପ୍ରଧାନ ଅଧ୍ୟକ୍ଷତା କରିଥିଲେ। ଏହି ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବରେ ବିଡ଼ିଓ ଟିଟସ ମହାନନ୍ଦିଆ, ସମ୍ମାନିତ ଅତିଥି ଭାବରେ ନିର୍ବାହୀ ଅଧିକାରୀ ଚନ୍ଦ୍ରକାନ୍ତ ବେହେରା, ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଚିଦାନନ୍ଦ ସେଠୀ ପ୍ରମୁଖ ଯୋଗ ଦେଇ ପ୍ରକୃତି ଜୀବନକୁ ବଞ୍ଚାଇ ଥିବା ବେଳେ ବିଜ୍ଞାନ ମାନବ ସଭ୍ୟତାକୁ ସୁବିଧା ଓ ସୁଯୋଗ ହାତ ପାଆନ୍ତା ରେ ପହଁଞ୍ଚାଇ ପାରିଛି ବୋଲି ବକ୍ତବ୍ୟ ରଖିଥିଲେ। ସେହିପରି ଭାବରେ ଅପରାହ୍ନରେ ଉଦଯାପନୀ ଉତ୍ସବ ଅନୁଷ୍ଠିତ ହୋଇଥିଲା।



ବାଳିକା ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ ଶ୍ରୀ ସେଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଭାରେ ମୁଖ୍ୟଅତିଥି ଭାବରେ ଜିଲ୍ଲା ଶିକ୍ଷା ଅଧିକାରୀ ନିରଞ୍ଜନ ସାହୁ, ମୁଖ୍ୟ ବକ୍ତା ଭାବରେ ଆଠମଲ୍ଲିକ ମହାବିଦ୍ୟାଳୟର ପଦାର୍ଥ ବିଜ୍ଞାନ ଅଧ୍ୟାପକ ବ୍ରଜ ଗୋପାଳ ମିଶ୍ର, ସମ୍ମାନିତ ଅତିଥି ଭାବରେ ବି ଇ ଓ ସୁନିଲ କୁମାର ପ୍ରଧାନ, ବିଜ୍ଞାନ ପର୍ଯ୍ୟବେକ୍ଷକ ଅମ୍ବୁଜ କୁମାର ଗଡ଼ନାଏକ,ଏ ବି ଇ ଓ କୈବଲ୍ୟ କଅଁର,ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଚିଦାନନ୍ଦ ସେଠୀ, ଏ ବି ଇ ଓ ଧରଣୀ ଧର ସେଠୀ, ପଞ୍ଚାୟତ ରାଜ ଉଚ୍ଚ ବିଦ୍ୟାଳୟ ସାନ ହୁଲା ର ପ୍ରଧାନ ଶିକ୍ଷକ ବିଶ୍ୱନାଥ ପ୍ରଧାନ ପ୍ରମୁଖ ଯୋଗଦେଇ ବିଜ୍ଞାନର ଉପକାରିତା ଉପରେ ବୁଝାଇ ଥିଲେ।

ଏହି ବିଜ୍ଞାନ ମେଳାରେ ୧୭୦ ଟି ପ୍ରକଳ୍ପ ଛାତ୍ର ଛାତ୍ରୀଙ୍କ ଦ୍ୱାରା ପ୍ରଦର୍ଶିତ ହୋଇଥିବା ବେଳେ ସଫଳତା ପାଇଥିବା ଛାତ୍ରଛାତ୍ରୀମାନଙ୍କୁ ଅତିଥି ମାନଙ୍କ ଦ୍ୱାରା ମାନପତ୍ର ଦେଇ ପୁରସ୍କୃତ କରାଯାଇଥିଲା। ମାଧପୁର ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ ଜୟନ୍ତ ମାହାର ମଞ୍ଚ ପରିଚାଳନା କରିଥିଲେ।

ଏହି ଅବସରରେ ଟାଉନ ବାଳକ ପ୍ରାଥମିକ ବିଦ୍ୟାଳୟର ଛାତ୍ର ପ୍ରତ୍ୟୁଷ ମାନ ସାହୁ ସମସ୍ତ ପ୍ରକଳ୍ପର ବିଷୟ ବସ୍ତୁ ଓ ପ୍ରକଳ୍ପ ଦେଇଥିବା ଛାତଛାତ୍ରୀମାନଙ୍କ ନାମ ନିଜର ନୋଟବୁକ୍ ରେ ଲେଖି ଥିବାରୁ ତାଙ୍କୁ ଏକ ସ୍ୱତନ୍ତ୍ର ପୁରସ୍କାର ପ୍ରଦାନ କରାଯାଇଥିଲା। ମେଳାରେ ଶିକ୍ଷକ ,ଶିକ୍ଷୟତ୍ରୀ, ସି ଆର ସି ସି ଓ କୁନି ବୈଜ୍ଞାନିକ ମାନେ ଉପସ୍ଥିତ ଥିଲେ। ଶେଷରେ ଶିକ୍ଷକ ଚିତ୍ତ ରଞ୍ଜନ ରଥ ଧନ୍ୟବାଦ ଅର୍ପଣ କରିଥିଲେ।

# ବ୍ଲକସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା

## ତାଳଚେରେ ମତ୍ସ୍ୟ ଓ ପ୍ରାଣୀ ସମ୍ପଦର ଅଭିବୃଦ୍ଧି ରାଜ୍ୟ ଚାଷୀଙ୍କ ସମୃଦ୍ଧି

ତାଳଚେର,(ସବ୍ୟୁ) : ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ଦ୍ୱାରା ବ୍ଲକ ସ୍ତରୀୟ ମତ୍ସ୍ୟ ଓ ପ୍ରାଣୀସମ୍ପଦ ମେଳା ସ୍ଥାନୀୟ ଡ଼ିସିଆଇ କ୍ଲବ ଠାରେ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି । ମେଳାରେ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ, ଓ ଅନ୍ୟାନ୍ୟ ବିଭାଗୀୟ କାର୍ଯ୍ୟକ୍ରମର ପ୍ରଦର୍ଶନୀ, ଚାଷୀ ବିଶେଷଜ୍ଞ ଆଲୋଚନା ଚକ୍ର, ସଚେତନତା ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ଏହି ମେଳାରେ ତାଳଚେର ବ୍ଲକର ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ସମ୍ବନ୍ଧେ ଆଲୋଚନ କରାଯାଇଥିଲା ।

ଏହି ଅବସରରେ ଅଂଚଳର ସଫଳ ଚାଷୀମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ବିଧାୟକ ବ୍ରଜକିଶୋର ପ୍ରଧାନ, ସମ୍ମାନୀୟ ଅତିଥିଭାବେ ଅତିରିକ୍ତ ଜିଲ୍ଲା ପ୍ରାଣୀଚିକିତ୍ସା ଅଧିକାରୀ ଡ଼ଃ ପ୍ରତାପ ପଟ୍ଟନାୟକ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୁଶାନ୍ତ ବରାଳ, ଜିଲ୍ଲା ମତ୍ସ୍ୟ ଅଧିକାରୀ ପ୍ରଶାନ୍ତ କୁମାର ପାଣିଗ୍ରାହୀ ଏହାକୁ ଆନୁଷ୍ଠାନିକ ଭାବେ ଉଦଘାଟନ କରିବା ସହ ସରକାରଙ୍କର ଏହି କାର୍ଯ୍ୟକ୍ରମକୁ କିପରି ଘରେଘରେ ପହଚାଇ ଚାଷୀମାନଙ୍କୁ ସ୍ୱାବଲମ୍ବି ଓ ମୁଖ୍ୟସ୍ରୋତରେ ନିଆଯାଇ ପାରିବ ସେ ବିଷୟ ଅତିଥିମାନେ ଅଭିଭାଷଣ ପ୍ରଦାନ କରିଥିଲେ ।

ସର୍ବପ୍ରଥମେ ମୁଖ୍ୟଅତିଥି ପ୍ରଦୀପ ପ୍ରଜ୍ଜଳନ କରିଥିବା ବେଳେ ଡ଼ାକ୍ତର ଦେବାଶିଷ ପଣ୍ଡା ଅତିଥି ପରିଚୟ ପ୍ରଦାନ କରିଥିଲେ । ଏହି କାର୍ଯ୍ୟକ୍ରମରେ ପ୍ରାଣୀ ସମ୍ପଦ ବିକାଶ ଓ ମତ୍ସ୍ୟ ଚାଷର ଭିଡ଼ିଓ ପ୍ରଦର୍ଶନ କରାଯାଇ ଅନୁଷ୍ଠାନ ପକ୍ଷରୁ ୧୨ଟି ଅସ୍ଥାୟୀ ଷ୍ଟଲ ନିର୍ମାଣ କରାଯାଇ ଚାଷୀମାନଙ୍କୁ ଚାଷ ସମ୍ପର୍କିତ ଅଧିକ ଜ୍ଞାନ ପ୍ରଦାନ କରାଯାଇଥିଲା । ବିଭିନ୍ନ ଅଂଚଳରୁ ଶତାଧିକ ମହିଳା ଓ ପୁରୁଷ ଚାଷୀ ଏହି କାର୍ଯ୍ୟକ୍ରମରେ ଯୋଗଦେବା ସହ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେଇଥିଲେ ।

ସର୍ବଶେଷରେ ବ୍ଲକ କଳାସଂସ୍କୃତି ସଂଘ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏସଡ଼ିପିଓ ସୁବାଷ ଚନ୍ଦ୍ର ସାହୁ, ଡ଼ଃ ଚିନ୍ମୟୀ ଦାସ, ଡ଼ଃ ଜମ୍ବେଶ୍ୱର ପ୍ରଧାନ, ଶିକ୍ଷାସୁରକ୍ଷିତା ମହାପାତ୍ର, ସମବାୟ ସମିତି ସଭାପତି ସନ୍ତୋଷ ପ୍ରଧାନ, ରାଜେଶ ସିଂହ ପ୍ରମୁଖ ଉପସ୍ଥିତ ଥିଲେ ।

# ବାଲେଶ୍ୱର ପୋଲିସ କବ୍‌ଜାରେ ଦୁର୍ଦ୍ଦାନ୍ତ ଦୁଇ ଅପରାଧୀ



ବାଲେଶ୍ୱର,(ସବ୍ୟୁ): ଦୀର୍ଘ ଦିନ ଧରି ଫେରାର ରହିଥିବା ଦୁଇ ଦୁର୍ଦାନ୍ତ ଅପରାଧୀ ଅନିମେଶ ଘୋଷ ଓ କୁଆଁ ଓରଫ କୈଳାଶ ଦାସଙ୍କୁ ବାଲେଶ୍ୱର ପୋଲିସ ଗିରଫ କରି ଏକ ବଡ଼ ଧରଣ ର ସଫଳତା ହାସଲ କରିଛି। ସନ୍ଧ୍ୟାରେ ଏସ ପି ପ୍ରତ୍ୟୁଷ ଦିବାକର ଏକ ଖବରଦାତା ସମ୍ମିଳନୀ ରେ ଏ ସମ୍ପର୍କରେ ସୂଚନା ଦେଇ କହିଛନ୍ତି କି ଅନିମେଷ ବିରୋଧରେ ଜିଲ୍ଲାର ବିଭିନ୍ନ ଥାନା ରେ ହତ୍ୟା, ଦାଦା ବଟି ଆଦାୟ, ମାରପିଟ ହତ୍ୟା ଧମକ ଭଳି ସଂଗୀନ ଅଭିଯୋଗ ରହିଥିଲା। ସେ ରାଜ୍ୟ ବାହାରକୁ ଦଶ ବର୍ଷ ତଳେ ଯାଇ ଅପରାଧର ନେଟ ୱାର୍କ ବିଛାଇ ବେଆଇନ କାମ ନିଜ ସହଯୋଗୀଙ୍କ ମାଧ୍ୟମରେ କରାଉଥିଲା। ସେହିପରି କୈଳାଶ ଦାସ ଓରଫ କୁଆଁ ମଧ୍ୟ ୨୬ଟି ମାମଲା ରେ ସମ୍ପୃକ୍ତ ଥିଲା। ହତ୍ୟା ଦାଦା ବଟି ଆଦାୟ। ବଟି ନ ଦେଲେ ହତ୍ୟା ଧମକ ଭଳି ବହୁ ସଂଗୀନ ଅପରାଧ ରେ ସେ ଜଡିତ ରହି ରାଜ୍ୟ ବାହାରକୁ ପଳାଇ ବାରମ୍ବାର ରାଜ୍ୟ ପରିବର୍ତ୍ତନ କରୁଥିଲା। ସମ୍ପ୍ରତି କିଛି ଚିଙ୍ଗୁଡ଼ି ବ୍ୟବସାୟୀ , ଚିଙ୍ଗୁଡ଼ି ପ୍ରୋସେସିଂ ପ୍ଲାଣ୍ଟର ମାଲିକ ମାନଙ୍କୁ ଉଭୟ ଧମକ ଦେଉଥିଲେ। ତେଣୁ ପୂର୍ବାଞ୍ଚଳ ପୋଲିସ ରେଞ୍ଜ ର ଡିଆଇଜି ଓ ଏସପିଙ୍କ ତତ୍ତ୍ୱାବଧାନରେ ସଦର ଏସଡ଼ି ପିଓ ଶୁଭ୍ରାଂଶୁ ନାୟକଙ୍କ ନେତୃତ୍ୱରେ ସହଦେବଖୁଣ୍ଟା ଥାନା ଅଧିକାରୀ ବିରଞ୍ଚି ସାହୁ, ଶିଳ୍ପାଞ୍ଚଳ ଥାନା ଅଧିକାରୀ ସସ୍ମିତା ମଲ୍ଲିକ, ପୋଲିସ ଇନିସ୍ପେକ୍ଟର ମାନସ ବିଶ୍ୱାଳଙ୍କୁ ନେଇ ଏକ ସ୍ୱତନ୍ତ୍ର ଟିମ ଗଠନ କରାଯାଇଥିଲା। ଏହି ଟିମ ଅପରାଧୀ ମାନଙ୍କର ଶତାଧିକ ଟେଲିଫୋନ କଲ୍‌କୁ ରେକର୍ଡ କରିବା ସହ ସେମାନଙ୍କର ପୂର୍ବ କ୍ରାଇମ ରେକର୍ଡକୁ ଆଧାର କରି ରାଜ୍ୟ ବାହାରକୁ ଯାଇ ସେମାନଙ୍କୁ ଧରିବା ଲାଗି ଜାଲ ବିଛାଇଥିଲେ। ଉଭୟ ବାଲେଶ୍ୱର ଜିଲ୍ଲା ଭିତରକୁ ପ୍ରବେଶ କରୁଥିବା ଖବର ପାଇ ପୋଲିସ ଟିମ ସେମାନଙ୍କୁ କାବୁ କରିଥିଲେ। ସେମାନଙ୍କ ନିକଟରୁ ଦୁଇଟି ତେଲେଙ୍ଗା କଟୁରୀ, ଗୋଟିଏ ପିସ୍ତଲ ଓ ଗୋଟିଏ କାର୍ତ୍ତିଜ ଜବତ କରିଛି । କୁଆଁ ଓରଫ କୈଳାଶ ଦାସ ଶିଳ୍ପାଞ୍ଚଳ ଥାନା ଅଞ୍ଚଳରେ କାଠ ବେପାରୀ ଜସ୍ମିନ ଓ ଅନିମେଷ ନିଜ ସହଯୋଗୀଙ୍କ ସହାୟତାରେ ସଦର ଥାନା ଅନ୍ତର୍ଗତ କୁରୁଡ଼ା ଛକ ବଯାଙ୍କ ସମ୍ମୁଖରେ ଜମି ବେପାରୀ ବୁନାକୁ ଗୁଳି କରି ହତ୍ୟା କରିଥିବା ଭଳି ଜଘନ୍ୟ ଅପରାଧ ରେ ଜଡିତ ଥିବା ଏସପି କହିଛନ୍ତି। ଉଭୟଙ୍କ ପାଇଁ ଅପରାଧ ଦୁନିଆରେ କାମ କରୁଥିବା ସେମାନଙ୍କ ସହଯୋଗୀ ମାନଙ୍କୁ ଠାବ କରାଯିବ ବୋଲି ଏସପି ସୂଚନା ଦେବା ସହ ଅନ୍ୟ ଗ୍ୟାଙ୍ଗ ଗୁଡିକୁ ଅବିଳମ୍ବେ ଗିରଫ କରାଯିବ ବୋଲି ସୂଚନା ଦେଇଛନ୍ତି। ତେବେ ଏହି ଦୁଇ କୁଖ୍ୟାତ ଅପରାଧୀ ମାନଙ୍କୁ ଧରିବାରେ ସ୍ୱତନ୍ତ୍ର ପୋଲିସ ସ୍କ୍ୱାଡ଼ର ଭୂମିକା ଅତ୍ୟନ୍ତ ପ୍ରଶଂସନୀୟ ବୋଲି ଏସପି ପ୍ରତ୍ୟୁଷ ଦିବାକର ଉଲ୍ଲେଖ କରିଛନ୍ତି।

# କୌଶଳ-ଭିତ୍ତିକ ନିଯୁକ୍ତି କାର୍ଯ୍ୟକ୍ରମ : ୨୨ ଗ୍ରାମୀଣ ମହିଳାଙ୍କୁ ଚାକିରି




କେନ୍ଦୁଝର,(ସବ୍ୟୁ): କୌଶଳ-ଭିତ୍ତିକ ନିଯୁକ୍ତି ମାଧ୍ୟମରେ ଗ୍ରାମୀଣ ଯୁବକଯୁବତୀମାନଙ୍କୁ ସଶକ୍ତ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ, କେନ୍ଦୁଝର କେନ୍ଦ୍ର ରେ ୨୨ ଜଣ ପ୍ରାର୍ଥୀ ଭାରତ ସରକାରଙ୍କ ପ୍ଲେସମେଣ୍ଟ ଲିଙ୍କ୍ଡ ଟ୍ରେନିଂ ପ୍ରୋଗ୍ରାମ ଅଧୀନରେ ହାଇଦ୍ରାବାଦ ଓ ତିରୁଚିରାପାଲିରେ ଚାକିରି ସୁଯୋଗ ପାଇଛନ୍ତି।ଏହି ପ୍ରାର୍ଥୀମାନଙ୍କୁ କେନ୍ଦୁଝର ମାଇନିଂ ରୋଡସ୍ଥିତ ଦକ୍ଷତା ବିକାଶ ଏବଂ ସମ୍ପ୍ରସାରଣ କେନ୍ଦ୍ର ରେ ତାଲିମ ଦିଆଯାଇଥିଲା, ଏବଂ ସଫଳତାର ସହ ତାଲିମ ସମାପ୍ତ କରିବା ପରେ ସେମାନେ ପ୍ରତିଷ୍ଠିତ ସଂସ୍ଥାରେ ନିଯୁକ୍ତି ପାଇଛନ୍ତି। ଏହି ତାଲିମ କେନ୍ଦ୍ରକୁ ଡାଲମିଆ ଭାରତ ଫାଉଣ୍ଡେସନ ଦ୍ୱାରା ପରିଚାଳନା କରାଯାଉଛି।ଜେନେରାଲ ଡ୍ୟୁଟି ଅସିଷ୍ଟାଣ୍ଟ ଟ୍ରେଡ ଅଧୀନରେ, ମୋଟ ୧୬ ଜଣ ପ୍ରାର୍ଥୀ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ତାଲିମ ନେଇଥିଲେ। ସେମାନଙ୍କ ମଧ୍ୟରୁ ୧୨ ଜଣ ପ୍ରାର୍ଥୀଙ୍କୁ ଲାମ୍ୟାକଲିନ ଇଣ୍ଡିଆ ଲିମିଟେଡ, ହାଇଦ୍ରାବାଦରେ ନର୍ସିଂ ଆସିଷ୍ଟାଣ୍ଟ ଭାବରେ ନିଯୁକ୍ତି ମିଳିଛି। ଏବେ ସେମାନେ ହାଇଦ୍ରାବାଦର ହସ୍ପିଟାଲରେ ଚାକିରୀ କରିପାରିବେ। ସେହିପରି, ସିଲାଇ ମେସିନ ଅପରେଟର ଟ୍ରେଡ୍‌ରେ, ୧୦ ଜଣ ପ୍ରଶିକ୍ଷାର୍ଥୀଙ୍କୁ ଶ୍ରୀ ମିଲ୍ସ ପ୍ରାଇଭେଟ ଲିମିଟେଡ, ତିରୁଚିରାପାଲି, ତାମିଲନାଡୁର ଏକ ୟୁନିଟ କଲନ୍ଦ୍ର ଜର୍ସି ସଂସ୍ଥାରେ ନିଯୁକ୍ତି ମିଳିଛି।ସଫଳ ପ୍ରଶିକ୍ଷାର୍ଥୀମାନଙ୍କୁ ଡିଏମଏଫ କେନ୍ଦୁଝରର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଡକ୍ଟର ଗିରୀ ପ୍ରଧାନ ଏବଂ କେନ୍ଦୁଝର ଜିଲ୍ଲା ପରିଷଦର ସିଡିଓ-କମ-ଇଓ ଶ୍ରୀ କୁମାର ନାଗଭୂଷଣ ସମ୍ମାନିତ କରିଛନ୍ତି। ସଫଳ ପ୍ରାର୍ଥୀମାନଙ୍କୁ ଅଭିନନ୍ଦନ ଜଣାଇ ଡକ୍ଟର ପ୍ରଧାନ ସେମାନଙ୍କୁ ନିଜ ନିଜ କର୍ମକ୍ଷେତ୍ରରେ ରହିବା, ମୂଲ୍ୟବାନ ଅଭିଜ୍ଞତା ଏବଂ ଦକ୍ଷତା ହାସଲ କରିବା ଏବଂ ପରେ ନୂତନ ଉଦ୍ୟୋଗ ଆରମ୍ଭ କରିବା ପାଇଁ ନିଜ ଜନ୍ମସ୍ଥାନକୁ ଫେରି ଆସିବାକୁ ପରାମର୍ଶ ଦେଇଥିଲେ। ଫଳରେ ଜିଲ୍ଲାର ଆର୍ଥିକ ଅଭିବୃଦ୍ଧି ଏବଂ ଆତ୍ମନିର୍ଭରଶୀଳତାରେ ଯୋଗଦାନ ମିଳିବ। ଗ୍ରାମୀଣ ଯୁବକମାନଙ୍କ ପାଇଁ ଦକ୍ଷତା ବିକାଶ ଏବଂ ଜୀବିକା ନିର୍ବାହର ସୁଯୋଗ ସୃଷ୍ଟି କରିବା ପାଇଁ ତାଲିମ ଅଂଶୀଦାରମାନଙ୍କ ପ୍ରୟାସକୁ ଶ୍ରୀ କୁମାର ନାଗଭୂଷଣ ପ୍ରଶଂସା କରିଥିଲେ।

ନିଯୁକ୍ତି ଭିତ୍ତିକ ତାଲିମ କାର୍ଯ୍ୟକ୍ରମର ଲକ୍ଷ୍ୟ ହେଉଛି ଚାହିଦା-ଅନୁଯାୟୀ ବୃତ୍ତିଗତ ତାଲିମ ଏବଂ ସଂଗଠିତ କ୍ଷେତ୍ରରେ ନିଶ୍ଚିତ ନିଯୁକ୍ତି ମାଧ୍ୟମରେ ନିଯୁକ୍ତି କ୍ଷମତା ବୃଦ୍ଧି କରିବା। ଏହା ଗ୍ରାମାଞ୍ଚଳ ଯୁବକମାନଙ୍କୁ ଶିଳ୍ପ-ମୁଖୀ ତାଲିମ ଏବଂ ନିଶ୍ଚିତ ନିଯୁକ୍ତି ସୁଯୋଗ ପ୍ରଦାନ କରିବା, ଖଣି ପ୍ରଭାବିତ ଅଞ୍ଚଳରେ ସ୍ଥାୟୀ ଜୀବିକା ସୃଷ୍ଟି ଏବଂ ଅନ୍ତର୍ଭୁକ୍ତ ବିକାଶ ସୁନିଶ୍ଚିତ କରିବା। ସମ୍ମାନ ସମାରୋହରେ ଶ୍ରୀ ପବନ କୁମାର, ଶିକ୍ଷାନବୀଶ ଆଉଟସେସ ଜିଲ୍ଲା ଦକ୍ଷତା ବିକାଶ ଏବଂ ନିଯୁକ୍ତି ଅଧିକାରୀ ଶ୍ରୀ ଗଣେଶ୍ୱର ନାୟକ ଓ କେନ୍ଦ୍ର ପରିଚାଳକ ଶ୍ରୀ ନିମାଇଁ ନାୟକ ଉପସ୍ଥିତ ଥିଲେ।

# ଜିଲ୍ଲା କଂଗ୍ରେସ ନୂତନ ସଭାପତି ପୂର୍ଣ୍ଣଚନ୍ଦ୍ର ବିଶ୍ୱାଳଙ୍କୁ ଭବ୍ୟ ସମ୍ବର୍ଦ୍ଧନା

ବାରିପଦା, (ସବ୍ୟୁ): ମୟୂରଭଞ୍ଜ ଜିଲ୍ଲା କଂଗ୍ରେସ (ପୂର୍ବ)ସଭାପତି ପୂର୍ଣ୍ଣଚନ୍ଦ୍ର ବିଶ୍ୱାଳଙ୍କୁ ବାରିପଦା ସ୍ଥିତ ସହିଦ ସ୍ମୃତି ଭବନରେ ପାଳିତ ହୋଇଛି ସମ୍ବର୍ଦ୍ଧନା ସଭା। ଜିଲ୍ଲା ସଭାପତିଙ୍କୁ ସ୍ୱାଗତ କରିବା ପାଇଁ ସମସ୍ତ ବ୍ଲକରୁ ଜିଲ୍ଲା ସଦର ସଦର ମହକୁମା ବାରିପଦା କୁ ଉତ୍ସାହିତ ହୋଇ ଛୁଟି ଆସିଥିଲେ କଂଗ୍ରେସ କର୍ମୀ ଓ ପ୍ରେମୀ। ମଧୁବନ ପଡିଆ ଠାରୁ ବିଶାଳ ବାଇକ ରାଲି ରେ ଜିଲ୍ଲା ସଭାପତି ପୂର୍ଣ୍ଣଚନ୍ଦ୍ର ବିଶ୍ୱାଳଙ୍କୁ ଏକ ସୁସଜିତ ଖୋଲା ଗାଡି ରେ ସଭାସ୍ଥଳକୁ ପାଛୋଟି ଆଣିଥିଲେ କଂଗ୍ରେସ କର୍ମୀ। ପୂର୍ବତନ ମୟୂରଭଞ୍ଜ ଜିଲ୍ଲାକଂଗ୍ରେସ ସଭାପତି ହିମାଂଶୁ ପରିଡା ଙ୍କ ସଭାପତିତ୍ୱରେ ମଂଚାସୀନ ଥିଲେ ବିଶିଷ୍ଟ କଂଗ୍ରେସ ନେତା ବିଜନ ଦାସ, ଚୈତନ ହାଁସଦା, ଜ୍ୟୋତି ପ୍ରକାଶ ରଥ, ଯୁବନେତା ଦୁଃଖିଶ୍ୟାମ ମୁର୍ମୁ, ଦୀପକ ଦାସ, ଅଂଶୁମାନ ଦାସ, ଶାନ୍ତନୁ ପାଲ, ମହିଳା ନେତ୍ରୀ ରଂଜିତା ଯୋଶୀ, ସସ୍ମିତା ଘୋଷାଲ। ସମସ୍ତେ ନିଜ ବକ୍ତବ୍ୟରେ କହିଥିଲେ ଯେ, ପୂର୍ଣ୍ଣଚନ୍ଦ୍ର ବିଶ୍ୱାଳ ଙ୍କ ନେତୃତ୍ୱ ରେ ଆଗାମୀ ଦିନରେ ମୟୂରଭଞ୍ଜ ଜିଲ୍ଲା କଂଗ୍ରେସ ସୁଦୃଢ ହେବା ସହିତ କଂଗ୍ରେସ ତାର ପୂର୍ବ ଗୌରବ ଫେରିପାଇବ। ନବ ନିଯୁକ୍ତ ଜିଲ୍ଲା ସଭାପତି ସମ୍ବର୍ଦ୍ଧନାର ପ୍ରତି ଉତ୍ତର ରେ ବକ୍ତବ୍ୟ ରେ କହିଥିଲେ ଯେ, ସମ୍ବର୍ଦ୍ଧନା ମୋ ପାଇଁ ଏକ ଆହ୍ୱାନ ଏବଂ ଅହଂକାର ନ ହୋଇ ଜିଲ୍ଲା ରେ କଂଗ୍ରେସ କୁ ମଜବୁତ କରିବାରେ ମୁଁ ଦୃଢ ପ୍ରତିଶୃତି ବୋଧ। ଏହି କାର୍ଯ୍ୟକ୍ରମରେ ଜିଲ୍ଲା କଂଗ୍ରେସ ନେତା ନଳିନୀ ପଟ୍ଟନାୟକ, ଉତ୍ତମ ବେହେରା, ଅଶୋକ ଗିରି, ନିମଳ ପ୍ରଧାନ, ରଣା ସବ୍ୟସାଚୀ ସେନାପତି, ଯୋଗେନ ସାହୁ, ଜୀବନ ବାରିକ, ବନମାଳୀ ବାରିକ, ବାଦଲ ହେମ୍ରମ, ସମର ଦାସ, ରବି ଟୁଡୁ, ବିଷ୍ଣୁ ସିଂ, ସାଗନ ଦାସ, ସୁଦିପ ମନ୍ତ୍ରୀ ରକିମ, ଅସିତ, ମହିଳା ନେତ୍ରୀ ଭୁବନେଶ୍ୱରୀ ପରିଡା, ମାଧବୀ ସେନାପତି, ସୁନିତା ନାୟକ ରଶ୍ମିତା ମିଶ୍ର, ଇତିଶ୍ରୀ ମିଶ୍ର, ଗୌରୀ ନାୟକ, ୱାହିଦା ଅହେମନ, ସବିତା ସୋରେନ, ସସ୍ମିତା ବେହେରା, ସହିତ ଦୁଇ ହଜାରରୁ ଉର୍ଦ୍ଧ କଂଗ୍ରେସ କର୍ମୀ ଯୋଗ ଦେଇ ନୂତନ ସଭାପତି ଙ୍କୁ ସସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ। କାର୍ଯ୍ୟକ୍ରମରେ ଆଇନଜୀବୀ ବିଭୂପ୍ରସାଦ ଦାସ ମଞ୍ଚ ପରିଚାଳନା କରିଥିବା ବେଳେ, ସ୍ୱାଗତ ଅଭିଭାଷଣରେ କଂଗ୍ରେସ କର୍ମୀଙ୍କୁ ଉଦବୋଧନ ଦେଇଥିଲେ ପିସିସି ସଭ୍ୟ ନାରାୟଣ ପଟ୍ଟନାୟକ। ଶେଷରେ ପିସିସି ସଭ୍ୟ ମୀନକେତନ ବେହେରା ସଭାଭଙ୍ଗ କରି ଧନ୍ୟବାଦ ଅର୍ପଣ କରିଥିଲେ।

# କ୍ରୋମ ଓର ବେନେଫିସିଏସନ ପ୍ଲାଣ୍ଟ ସ୍ଥାପନକୁ ସରପଞ୍ଚଙ୍କ ବିରୋଧ

ଭଣ୍ଡାରିପୋଖରୀ(ସବ୍ୟୁ): ଭଣ୍ଡାରିପୋଖରୀ ବ୍ଲକ ଅନ୍ତର୍ଗତ ବୟାବନାପୁର ପଞ୍ଚାୟତ ଯାବିନିବିନ୍ଧା ଗ୍ରାମରେ ଶ୍ରୀ ମୋନୋଲିଥକ୍ସ ପ୍ରାଇଭେଟ ଲିମିଟେଡ ପକ୍ଷରୁ ପ୍ରାସ୍ତାବିତ କ୍ରୋମ ଓର ବେନେଫିସିଏସନ ପ୍ଲାଣ୍ଟ ସ୍ଥାପନକୁ ସ୍ଥାନୀୟ ସରପଞ୍ଚ ମିନତୀ ସାହୁ ବିରୋଧ କରିଛନ୍ତି। ରାଜ୍ୟ ସରକାରଙ୍କ ଜଙ୍ଗଲ, ପରିବେଶ ଓ ପରିବେଶ ପ୍ରରିବର୍ତ୍ତନ ବିଭାଗର ବାଲେଶ୍ୱରସ୍ଥିତ ଆଞ୍ଚଳିକ କାର୍ଯ୍ୟାଳୟ ପକ୍ଷରୁ ଗତ ଅକ୍ଟୋବର ୨୮ ତାରିଖ ପତ୍ର ସଂଖ୍ୟା ୪୪୬୩ ଅନୁଯାୟୀ ସରପଞ୍ଚଙ୍କ ମତାମତ ଲୋଡାଯାଇଥିଲା। ସରପଞ୍ଚ ଶ୍ରୀମତୀ ସାହୁ, ପାଟୁଳି ସରପଞ୍ଚ ଗୁରୁପ୍ରସାଦ ଗିରି, ସମାଜସେବୀ ରଜନୀକାନ୍ତ ଚନ୍ଦ ଓ ନଗୁଆଁ ସେବା ସମବାୟ ସଭାପତି ରମେଶ ଚନ୍ଦ୍ର ଭାରତୀ ଜିଲ୍ଲାପାଳଙ୍କୁ ସାକ୍ଷାତ କରି ଲିଖିତ ବିରୋଧ ପତ୍ର ପ୍ରଦାନ କରିଛନ୍ତି। ପ୍ରସ୍ତାବିତ ଏହି ପ୍ଲାଣ୍ଟ ପ୍ରତିଷ୍ଠା ହେଲେ ବହୁ ପରିମାଣର ଭୂତଳ ଜଳସ୍ତର ବିନିଯୋଗ ହୋଇ ପାନୀୟ ଜଳ ସଙ୍କଟ ସୃଷ୍ଟି ହେବ। ପ୍ଲାଣ୍ଟରୁ ନିର୍ଗତ ହେବାକୁ ଥିବା ବର୍ଜ୍ୟ ତରଳ ବିଷାକ୍ତ ପଦାର୍ଥ ପ୍ରାକୃତିକ ଜଳଧାରାରେ ମିଶି ଜୀବଜନ୍ତୁଙ୍କ କ୍ଷତି ସାଧନ କରିବ। ଏଥିଯୋଗୁଁ ପାରିପାର୍ଶ୍ୱିକ ଚାଷଜମି କୃଷି ଉପଯୋଗୀତା ହରାଇବ। ପ୍ଲାଣ୍ଟରୁ ନିର୍ଗତ ଧୂଳି, ଧୂଆଁ ଓ ଶବ୍ଦ ପରିବେଶ ପ୍ରଦୂଷଣ କରିବା ସହ ଧ୍ୱନୀ ପ୍ରଦୂଷଣ ସୃଷ୍ଟି କରିବ। ଏହା ଦ୍ୱାରା ସ୍ଥାନୀୟ ଅଞ୍ଚଳର ଜୈବ ବିବିଧତା ଉପରେ ଏହାର ଗୁରୁତର ପ୍ରଭାବ ପକାଇବ ବୋଲି ଦର୍ଶାଯାଇ ଜିଲ୍ଲାପାଳ ଦିଲ୍ଲିପ କୁମାର ରାଉତରାୟଙ୍କୁ ପ୍ରଦାନ କରିଛନ୍ତି। ଜିଲ୍ଲାପାଳ ଏହାର ବିଚାର କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ବାରିପଦା ଖଣି ଉପନିର୍ଦ୍ଦେଶକ, ଓ.ଏମ.ସି. ପରିଚାଳନା ନିର୍ଦ୍ଦେଶକ ଓ ଓଡିଶା ମୁଖ୍ୟମନ୍ତ୍ରୀଙ୍କୁ ଏ ସମ୍ପର୍କରେ ଅଗତ କରାଯାଇଛି ବୋଲି ସରପଞ୍ଚ ଶ୍ରୀମତୀ ସେଠୀ ସୂଚନା ଦେଇଛନ୍ତି।

# ରେମୁଣାରେ ବିଜେଡିର ଜନସମ୍ପର୍କ ପଦଯାତ୍ରା

ବାଲେଶ୍ୱର,(ସବ୍ୟୁ): ବାଲେଶ୍ୱର ଜିଲ୍ଲା ରେମୁଣା ନିର୍ବାଚନ ମଣ୍ଡଳୀରେ ବିଜେଡ଼ିର ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି । ବିଜେଡ଼ି ନେତା ତଥା ପୂର୍ବତନ ବିଧାୟକ ସୁଧାଂଶୁ ଶେଖର ପରିଡାଙ୍କ ଆବାହକତ୍ୱରେ ସକାଳେ ହାତୀଆ ଗଣ୍ଡ ଛକରୁ ଏକ ପଦଯାତ୍ରା ବାହାରି ରେମୁଣା ଏନ ଏସି ଅନ୍ତର୍ଗତ ମନ୍ଦିର ଛକ ପର୍ଯ୍ୟନ୍ତ ଆସିଥିଲା। ପରେ ସ୍ଥାନୀୟ କଲ୍ୟାଣ ମଣ୍ଡପରେ ଶ୍ରୀ ପରିଡାଙ୍କ ପୌରୋହିତ୍ୟର ଏକ ସଭା ଅନୁଷ୍ଠିତ ହୋଇଥିଲା। ଜିଲ୍ଲା ସଭା ପତି ଜ୍ୟୋତି ପ୍ରକାଶ ପାଣିଗ୍ରାହି ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ବିଗତ ୨୪ ବର୍ଷରେ ନବୀନ ସରକାର ରେମୁଣା ନିର୍ବଚନ ମଣ୍ଡଳୀ ସମେତ ୧୪୭ ଟି ନିର୍ବାଚନ ମଣ୍ଡଳୀର ସାମଗ୍ରିକ ବିକାଶ ପାଇଁ କିଭଳି ନିରନ୍ତର ପ୍ରୟାସ କରିଥିଲେ ସେ ସମ୍ପର୍କରେ ଆଲୋକପାତ କରିଥିଲେ। ଏହା ସହ ରେମୁଣାର ସର୍ବାଙ୍ଗୀନ ବିକାଶ ପାଇଁ ସୁଧାଂଶୁ ପରିଡାଙ୍କ ଉଦ୍ୟମକୁ ଭୂୟସୀ ପ୍ରଶଂସା କରିଥିଲେ। ସଭା ପ୍ରାରମ୍ଭରେ ଦଳର ବରିଷ୍ଠ ନେତା ଦୁଷ୍ମନ୍ତ ଦାସ ଅତିଥି ପରିଚୟ ଓ ମଞ୍ଚ ଆହ୍ୱାନ କରିଥିଲା ବେଳେ ନୀଳଗିରିର ପୂର୍ବତନ ବିଧାୟକ ଇଂ. ସୁକାନ୍ତ ନାୟକ, ଏନଏସି ଚେୟାରମ୍ୟାନ ତନୁଜା ଗିରି, ଭାଇସ ଚେୟାରମ୍ୟାନ ଏହେସାନ ଖାନ, ଜିଲ୍ଲପରିଷଦ ସଭ୍ୟ ଅଭିମନ୍ୟୁ ଧୀନ୍ଦା ସଦର ବ୍ଲକ ବିଜେଡି ସଭାପତି ବସନ୍ତ ପଣ୍ଡା, ଅବସର ପ୍ରାପ୍ତ ଅଧ୍ୟାପକ ତଥା ପୁରୁଖା ବିଜେଡି ନେତା ପ୍ରଶାନ୍ତ ବରାଳ, ଶକୁନ୍ତଳା ମିଶ୍ର,ରେମୁଣା ଏନଏସିର ବିଜେଡି ସଭାନେତ୍ରୀ ବିଦ୍ୟୁତ ଲତା ସାହୁ, ସଂଯୁକ୍ତା ରାଉତ, ରେମୁଣା ବ୍ଲକର ଭାଇସ ଚେୟାରମ୍ୟାନ ସବିତା ବେହେରା,ଅଜୟ ଘଡ଼େଇ, ପାନମଣି ମୁର୍ମୁଙ୍କ ସମେତ ବହୁ ନେତା ଓ ନେତ୍ରୀ ଉଦବୋଧନ ଦେଇଥିଲେ ।

# ସ୍ୱାଧୀନତା ସଂଗ୍ରାମ ତଥା ସାଂସ୍କୃତିକ ଜାଗରଣ, ଭଦ୍ରକ ଭୂଖଣ୍ଡର ଅସ୍ମିତା



ଭଦ୍ରକ,(ସବ୍ୟୁ): ଭାରତ ବର୍ଷ ତଥା ସମଗ୍ର ଓଡ଼ିଶା ରାଜ୍ୟରେ ଭଦ୍ରକ ଜିଲ୍ଲାର ସ୍ଥାନ ସ୍ୱତନ୍ତ୍ର। ଭାରତର ସ୍ୱାଧୀନତା ସଂଗ୍ରାମରେ ଏହି ମାଟିର ମଣିଷମାନେ ଯୋଗଦେଇ ଯେପରି ଅଦମ୍ୟ ସାହସ ପ୍ରଦର୍ଶନ କରି ବଳିଦାନ ଦେଇଛନ୍ତି। ସେପରି ଏହି ମାଟି ସଂସ୍କୃତି,ସାହିତ୍ୟ,ଐତିହ୍ୟର ଗୌରବ ଗୀତିକା ଗାଉଛି। ଏହି ମାଟିର ମଣିଷ ଉତ୍କଳ କେଶରୀ ହରେକୃଷ୍ଣ ମହତାବ ନୂତନ ଓଡ଼ିଶା ଗଠନରେ ଯେପରି ନେତୃତ୍ୱ ନେଇଥିଲେ ସେପରି ଏହି ମାଟିର ଅମର କବି କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ କାଳଜୟୀ ରଚନା ବନ୍ଦେ ଉତ୍କଳ ଜନନୀ....ଆମ ରାଜ୍ୟର ଜାତୀୟ ସଂଗୀତ ହୋଇ ଆମ ମାଟିର ଅସ୍ମିତାକୁ ଉର୍ଦ୍ଧ୍ୱକୁ ତୋଳି ଧରିଛି। ଏଣୁ ଭାରତର ସ୍ୱାଧୀନତା ସଂଗ୍ରାମ ତଥା ସାଂସ୍କୃତିକ ଜାଗରଣ ଏହି ଭୂମିର ଅସ୍ମିତା ବୋଲି ଭଦ୍ରକ ମହୋତ୍ସବ ଓ ପୁସ୍ତକ ମେଳା ଟ୍ରଷ୍ଟ ଆନୁକୂଲ୍ୟରେ ଭଦ୍ରକ ସହର ମନମୋହନ ସଂଗୀତ ପରିଷଦ ପଡ଼ିଆଠାରେ ତ୍ରୟୋଦଶ ଭଦ୍ରକ ମହୋତ୍ସବ ଓ ପୁସ୍ତକ ମେଳା ଉଦ୍ଘାଟନ ଉତ୍ସବରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ଟ୍ରଷ୍ଟର ସଭାପତି ଇଂ.ଅଭୟ ସୂତାରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ସାରସ୍ୱତ ସମାରୋହକୁ ଭଦ୍ରକ ଜିଲ୍ଲାପାଳ ଦିଲ୍ଲୀପ ରାଉତରାଏ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦଘାଟନ କରିଥିଲେ ଏବଂ ପୁସ୍ତକର ଉପାଦେୟତା ଉପରେ ଆଲୋକପାତ କରିଥିଲେ। ପଣ୍ଡିତ ସଂଗ୍ରାମ ଆଚାର୍ଯ୍ୟ ମୁଖ୍ୟବକ୍ତା,ଚରମ୍ପା ଆଇଟିଆଇ ଅଧକ୍ଷା ତଥା 'ନୂଆ ଯୁଗର ନୂଆ ସକାଳ' ସମ୍ପାଦିକା କବୟିତ୍ରୀ ଅବନ୍ତୀ ମଲ୍ଲିକ,ରୋଟାରିୟାନ ଶିଶିର କୁମାର ମିଶ୍ର,ଅଧ୍ୟାପକ ରୋଟାରିୟାନ ଶେଖ୍ ନାଶିର ବକ୍ସ,କବୟିତ୍ରୀ ନିରୁପମା ମିଶ୍ର ପ୍ରମୁଖ ବରେଣ୍ୟ ଅତିଥି ଭାବେ ଯୋଗଦେଇଥିଲେ। ମହୋତ୍ସବ ଆବାହକ ଅଧ୍ୟାପକ ନୀହାର ରଞ୍ଜନ କର ସ୍ୱାଗତ ଭାଷଣ ତଥା ଅତିଥି ପରିଚୟ ଦେଇଥିବାବେଳେ ମହୋତ୍ସବ ଓ ପୁସ୍ତକ ମେଳାର ସମ୍ପାଦକ ରବିନାରାୟଣ ଖିଲାର ସମ୍ପାଦକୀୟ ବକ୍ତବ୍ୟ ପ୍ରଦାନ କରିଥିଲେ। ଡା.ଅନିଲ କୁମାର ଦାଶ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ କବୟିତ୍ରୀ ନିରୁପମା ମିଶ୍ରଙ୍କ କବିତା ପୁସ୍ତକ 'ଅସ୍ତରାଗ' ଲୋକାର୍ପିତ ହୋଇଥିଲା। ସହସମ୍ପାଦିକା କଳ୍ପନା ଜେନା ଅତିଥିମାନଙ୍କୁ ମଂଚ ନିମନ୍ତ୍ରଣ କରିଥିବାବେଳେ ସାଂସ୍କୃତିକ ସମ୍ପାଦକ ରାମନାରାୟଣ ମହାନ୍ତି ସ୍ୱାଗତ ଭାଷଣ ସଂଗୀତ ପରିବେଷଣ କରିଥିଲେ। ନଭେମ୍ବର ୧୦ରୁ ୨୩ପର୍ଯ୍ୟନ୍ତ ୧୪ଦିନ ଧରି ଅନୁଷ୍ଠିତ ଉକ୍ତ ସାରସ୍ୱତ ଓ ସାଂସ୍କୃତିକ ସମାବେଶରେ ଓଡ଼ିଶା ସଂସ୍କୃତି ବିଭାଗ ଓ ଭଦ୍ରକ ଜିଲ୍ଲାର ବହୁ କଳାକାର ଓ ପୁସ୍ତକ ପ୍ରକାଶକ ଅଂଶଗ୍ରହଣ କରିବେ ବୋଲି ମହୋତ୍ସବ କମିଟିର ମିଡିଆ ସେଲ୍ ଅଧକ୍ଷ ପ୍ରମୋଦ ରାୟ ପ୍ରକାଶ କରିଛନ୍ତି।

# ସ୍କୁଟି ସହ ଗଞ୍ଜେଇ ଜବତ, ଦୁଇ ଗିରଫ

ବୁଗୁଡା (ସବ୍ୟୁ): ସ୍ଥାନୀୟ ଅବକାରୀ ବିଭାଗ ତରଫରୁ ଚଢାଉ କରାଯାଇ ବାଲିପଦରଠାରେ ୨ ଜଣ ଗଞ୍ଜେଇ ବେପାରୀଙ୍କୁ ଗିରଫ କରି ସେମାନଙ୍କଠାରୁ ୬ କେଜି ଗଞ୍ଜେଇ ଓ ସ୍କୁଟି ଜବତ କରାଯାଇଥିବା ଜଣାଯାଇଛି। ଗିରଫ ବେପାରୀ ଦ୍ୱୟ ହେଲେ କେ.ନୂଆଗାଁ ଥାନା ଅନ୍ତର୍ଗତ ବାଲିପଦରର ବିପିନ ମଲ୍ଲିକ ଓ ବାଲିଗୁଡ଼ା ଥାନା ଅନ୍ତର୍ଗତ ଦିଗପୋଡି ଗ୍ରାମର ଶଙ୍କର ଦିଗାଲ । ଏ ନେଇ ବୁଗୁଡା ଅବକାରୀ ଥାନାରେ କେସ ନଂ ୧୦୬/୨୫-୨୬ରେ ଏକ ମାମଲା ରୁଜୁ କରାଯାଇଥିବା ନେଇ ଅବକାରୀ ଥାନା ଅଧିକାରୀ ଜେଯାତି ରଞ୍ଜନ ସେନାପତିଙ୍କଠାରୁ ପ୍ରକାଶ ପାଇଛି । ପ୍ରକାଶ ଯେ, ସମ୍ପୃକ୍ତ ବେପାରୀ ଦ୍ୱୟ କନ୍ଧମାଳରୁ ଗଞ୍ଜେଇ ଧରି ନୟାଗଡ ଯାଉଥିବା ବେଳେ କୌଣସି ସୂତ୍ରରୁ ଖବର ପାଇ ବୁଗୁଡ଼ା ଅବକାରୀ ଦଳ ବୁଗୁଡା ଥାନା ଅନ୍ତର୍ଗତ ବାଲିପଦର ଗ୍ରାମଠାରେ ସେମାନଙ୍କୁ କାବୁ କରି ଗିରଫ ସହ କୋର୍ଟ ଚାଲାଣ କରିଥିଲେ।

# ଅବକାରୀ ଚଢ଼ାଉ, ଦୁଇ ଗିରଫ

ସୋର,(ସବ୍ୟୁ): ସୋର ଅବକାରୀ ବିଭାଗ ତରଫରୁ ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇ ଦେଶୀମଦ ଜବତ କରିଥିବା ବେଳେ ଦୁଇ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସୋର ଆଦର୍ଶ ଅବକାରୀ ଥାନାଧିକାରୀ ସୁରଜ କୁମାର ଟୀଗାଙ୍କ ନେତୃତ୍ୱରେ ଏକ ଟିମ ଛତରା ଗ୍ରାମରେ ଚଢ଼ାଉ କରି ଭଗବାନ ପାଣ୍ଡବ ନିକଟରୁ ୩୦ ଲିଟର ଦେଶୀମଦ ଏବଂ ନହରପଦା ଗ୍ରାମର ବୁଦ୍ଧିରାମ ସାହୁ ନିକଟରୁ ୩୫ ଲିଟର ଦେଶୀମଦ ଜବତ କରିବା ସହିତ ଉଭୟଙ୍କୁ ଗିରଫ କରିଥିଲେ। ଅପରାହ୍ନରେ ସୋର ମେଡିକାଲରେ ଉଭୟଙ୍କ ଡାକ୍ତରୀ ମାଇନା ପରେ ଉଭୟଙ୍କୁ କୋର୍ଟ ଚାଲାଣ କରାଯାଇଛି। ଏହି ଚଢ଼ାଉରେ ଏଏସଆଇ ବସନ୍ତ କୁମାର ବାରିକ, କନେଷ୍ଟବଳ ଶଶୀକାନ୍ତ ସାହୁ, ମିନତୀ ପରିଡା ପ୍ରମୁଖ ସାମିଲ ହୋଇଥିଲେ।

# ସଡ଼କ ପ୍ରକଳ୍ପର ଶିଳାନ୍ୟାସ କଲେ ମନ୍ତ୍ରୀ ସୂରଜ

ଧାମନଗର/ଅସୁରାଳି,(ସବ୍ୟୁ): ଧାମନଗର ବ୍ଲକର ୫ସଡ଼କ ଉନ୍ନତିକରଣ ପ୍ରକଳ୍ପର ଶିଳାନ୍ୟାସ କରିଛନ୍ତି ସ୍ଥାନୀୟ ବିଧାୟକ ତଥା ଉଚ୍ଚ ଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ସ୍ଥିତପ୍ରଜ୍ଞ। ମନ୍ତ୍ରୀ ସୂରଜ ଫତେପୁର ପଞ୍ଚାୟତର ଗ୍ରାମ୍ୟ ଉନ୍ନୟନ ସଡକ ଠାରୁ ଧର୍ମାଗତପୁର ସଡ଼କ,ଭଦ୍ରକ-ଆରଡ଼ି ପୂର୍ତ୍ତ ବିଭାଗ ସଡ଼କ ଠାରୁ ଉଚ୍ଚପଦା-କାକୁଡିଗଡ଼ିଆ ସଡକ,ଦଇପୁର ପଞ୍ଚାୟତର ଗ୍ରାମ୍ୟ ଉନ୍ନୟନ ସଡକ ଠାରୁ ବାବୁରିଗାଁ ସଡ଼କ ଓ ମାଙ୍କିଡିଆ ସଡ଼କ ସମେତ ଗ୍ରାମ୍ୟ ଉନ୍ନୟନ ସଡ଼କ ଠାରୁ ଦଳାଙ୍ଗ ସଡ଼କ ଉନ୍ନତିକରଣ କାର୍ଯ୍ୟ ଓ ଚୂଡ଼ାକୁଟି ମେଳଣ ତୋରଣ ଶିଳାନ୍ୟାସ କରିଥିଲେ। ଜିଲ୍ଲାପାଳ ଦିଲ୍ଲୀପ ରାଉତରାଏଙ୍କ ସମେତ ଗ୍ରାମ୍ୟ ଉନ୍ନୟନ ବିଭାଗର ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ। ଶିଳାନ୍ୟାସ ଉତ୍ସବରେ ବରିଷ୍ଠ ବିଜେପି ନେତା ଅଶୋକ ପୁହାଣ,ମନୋଜ ମଲ୍ଲିକ,ଚତୃଭୂଜ ନାୟକ,ନାରାୟଣ ସାହୁ,ରଘୁନାଥ ଲେଙ୍କା,ହରେକୃଷ୍ଣ ପାଢ଼ୀ,ଦୀପ୍ତିରଞ୍ଜନ ଜେନା,ଅରବିନ୍ଦ ପତି,କୈଳାସ ମହାପାତ୍ର,ବୈକୁଣ୍ଠ ସାହୁ,ଅଜୟ ବଳ,ଶ୍ରୀକାନ୍ତ ନାୟକ,ରାଜେନ୍ଦ୍ର ସାହୁ,କିଶୋର ଦାସ,ଅନିରୁଦ୍ଧ ସାହୁ,ରଞ୍ଜନ ପଣ୍ଡା,ଅନ୍ତର୍ଯାମୀ ପତି,ସରୋଜ ସ୍ୱାଇଁ ପ୍ରମୁଖ ଯୋଗ ଦେଇଥିଲେ।

# ୧୮ ବାଲି ବୋଝେଇ ଗାଡି ଜବତ : ଡ୍ରାଇଭର ଫେରାର

କେନ୍ଦୁଝର, (ଜିପ୍ର):କେନ୍ଦୁଝର ଜିଲା ହାଟଡିହୀ ବ୍ଲକ ଅନ୍ତର୍ଗତ ବୈତରଣୀ ନଦୀର ବିଭିନ୍ନ ସ୍ଥାନରୁ ବେଆଇନ ବାଲି ପରିବହନ କରୁଥିବା ୧୮ଟି ବାଲି ଗାଡିକୁ ଆନନ୍ଦପୁର ଏସଡିପିଓ ପ୍ରଶାନ୍ତ ବେହେରା ଜବତ କରିଛନ୍ତି । ସେଥିମଧ୍ୟରୁ ୧୭ଟି ହାଇୱା ଏବଂ ଗୋଟିଏ ଟ୍ରାକ୍ଟର ଅଛି । ଖବର ପାଇ ଗତ ସୋମବାର ବିଳମ୍ବିତ ରାତିରେ ଏସଡିପିଓ ବେହେରା ଏବଂ ସ୍ଥାନୀୟ ନନ୍ଦିପଦା ପୋଲିସ ସମଣା-ଅଣା ରାସ୍ତାର ଗୁହାଳଗଡିଆ ଛକ ନିକଟରେ ପହଞ୍ଚି ବାଲି ଗାଡି ଗୁଡିକୁ ଅଟକାଇ ଯାଞ୍ଚ କରିଥିଲେ । କିନ୍ତୁ ରାତି ସମୟ ହୋଇଥିବାରୁ ସମସ୍ତ ଗାଡି ଡ୍ରାଇଭର ଫେରାର ହୋଇଯାଇଥିଲେ । ଗାଡି ଗୁଡିକୁ ନନ୍ଦିପଦା ଥାନା ନିକଟକୁ ଅଣାଯାଇଛି ଏସଡିପିଓ ବେହେରା କହିଛନ୍ତି ଯେ ବେଆଇନ ବାଲି ପରିବହନ କରୁଥିବା ୧୮ଟି ଗାଡି ଜବତ ହୋଇଛି ୯ ଡ୍ରାଇଭର ମାନେ ଫେରାର ଅଛନ୍ତି । ଥାନାରେ ୧୮ଟି ମାମଲା ରୁଜୁ ହେବ ।

# ଗୀତା ଆବୃତ୍ତିରେ ଅନ୍ୱେଶଙ୍କ କୃତିତ୍ୱ

ଆଗରପଡ଼ା,(ସବ୍ୟୁ): ପ୍ରଜ୍ଞାନ ମିଶନ ଦ୍ୱାରା ଆୟୋଜିତ ବ୍ଲକସ୍ତରୀୟ ଗୀତା ଆବୃତ୍ତି ପ୍ରତିଯୋଗିତାରେ ଅଂଶ ଗ୍ରହଣ କରି ଆଗରପଡ଼ା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ୫ମ ଶ୍ରେଣୀ ଛାତ୍ର ଅନ୍ୱେଶ ବିଶ୍ୱାଳ ପ୍ରଥମ ସ୍ଥାନ ଅଧିକାର କରି ଆସନ୍ତା ୩୦ ତାରିଖରେ ହେବାକୁ ଥିବା ଜିଲ୍ଲାସ୍ତରୀୟ ପ୍ରତିଯୋଗିତାରେ ଅଂଶ ଗ୍ରହଣ ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି। ଅନ୍ୱେଶ ଜଣେ ମେଧାବୀ ଛାତ୍ର ଅଟନ୍ତି । ସେ ମଧ୍ୟ ୨୦୨୩-୨୪ବର୍ଷରେ ପୁରୀ ଠାରେ ରାଜ୍ୟସ୍ତରୀୟ ଗୀତା ପାଠ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରି ଗଜପତି ମହାରାଜାଙ୍କ ଠାରୁ ପୁରସ୍କୃତ ହୋଇଛନ୍ତି। ପୁରୁଷଣ୍ଡ ଗ୍ରାମର ବାପା ଶିକ୍ଷକ ପ୍ରଫୁଲ୍ଲ ବିଶ୍ୱାଳ ଓ ମାମଲୟ ମଞ୍ଜରୀଙ୍କର ସୁପୁତ୍ର ଅଟନ୍ତି ଅନ୍ୱେଶ।

# ପ୍ରତାପଙ୍କ ଜନ୍ମଦିନରେ ରକ୍ତଦାନ ଶିବିର : ୨୫୭ ୟୁନିଟ ସଂଗ୍ରହ

ବାହାନଗା,(ସବ୍ୟୁ): ବାଲେଶ୍ୱର ଜିଲ୍ଲା ଖନ୍ତାପଡ଼ା ଠାରେ ଥିବା ମନୀଷା ଜି. ଏନ.ଏମ.କଲେଜ ପ୍ରାଙ୍ଗଣରେରେ ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀଙ୍କ ୭୧ ତମ ଜନ୍ମ ଦିବସ ଉପଲକ୍ଷେ ଏହି ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଶିବିରକୁ ମୁଖ୍ୟଅତିଥି ବିଜେପି ନାରୀ ନେତ୍ରୀ ସୁଷମା ରାଣୀ ବିଶ୍ୱାଳ ଉଦ୍ଘାଟନ କରିଥିଲେ। ଏହି ଅବସର ରେ ବାଲେଶ୍ୱର ନର୍ସିଂ ଅଫ କଲେଜ ର ପ୍ରତିଷ୍ଠାତା ଲକ୍ଷ୍ମୀଧର ଦାସ, ସାଂସଦଙ୍କ ପ୍ରତିନିଧି ବୈରାଗୀ ଚରଣ ବେହେରା, ଦାଣ୍ଡକାଳୀ ମଣ୍ଡଳ ସଭାପତି ଦିଲ୍ଲୀପ ଦାସ (ପପୁ) ପ୍ରମୁଖ ଉପସ୍ଥିତ ଥିଲେ। ଏହି ରକ୍ତଦାନ ଶିବିର ମା ଦାଣ୍ଡକାଳୀ ମଣ୍ଡଳ ପୂର୍ବତନ ସଭାପତି ତଥା ବରିଷ୍ଠ କାର୍ଯ୍ୟକର୍ତ୍ତା ଦିଲ୍ଲୀପ କୁମାର ଦାସ (ଶନି ଭାଇ) ଙ୍କ ପୃଷ୍ଠ ପୋଷକତାରେ ଅନୁଷ୍ଠିତ ହୋଇଥିଲା। ଏଥିରେ କସବା ଜୟପୁର ସରପଞ୍ଚ ବିଦ୍ୟାଧର ରାଉତ, ଚକଜଗନ୍ନାଥପୁର ସରପଞ୍ଚ ଜୟଶ୍ରୀ ସେଠୀ, ନର୍ସିଂ କଲେଜ ନିର୍ଦ୍ଦେଶକ ସୌଭାଗ୍ୟଦାସ, ସୁଶାନ୍ତ ସଧନଞ୍ଜୟ ନାୟକ, ଚକ୍ରଧର ବେହେରାଙ୍କ ସମେତ ବହୁ କାର୍ଯ୍ୟକର୍ତ୍ତା ଏବଂ ନର୍ସିଂ କଲେଜ ସମସ୍ତ ଛାତ୍ର ଛାତ୍ରୀ, ଅଧ୍ୟାପକ, ଅଧ୍ୟାପିକା ଆଦି ଯୋଗ ଦେଇ ଉକ୍ତ କାର୍ଯ୍ୟକୁ ସାଫଲ୍ୟମଣ୍ଡିତ କରିଥିଲେ। ଉଦଳା ରକ୍ତ ଭଣ୍ଡାରରୁ ଆସିଥିବା ଡାକ୍ତର ଖଗେଶ୍ୱର ସିଂ ଙ୍କ ସହିତ ସମସ୍ତ ଟିମ ରକ୍ତ ଦାତାଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହିତ ରକ୍ତ ନମୁନା ସଂଗ୍ରହ କରିଥିଲେ। ଶେଷ ସମୟରେ ଆସିଥିବା ସମସ୍ତ ରକ୍ତଦାତା ଙ୍କ ଠାରୁ ୨୫୭ ୟୁନିଟ ରକ୍ତ ସଂଗ୍ରହ ହୋଇଥିବା ସହିତ ଆସିଥିବା ସମସ୍ତ ରକ୍ତ ଦାତାମାନଙ୍କୁ ଟିସାର୍ଟ ମହିଳାଙ୍କୁ ସାଲ ପ୍ରଦାନ କରିବା ସହ ଏକ ଲକ୍ଷ ଟଙ୍କାର ବୀମା ପ୍ରମାଣ ପତ୍ର ପ୍ରଦାନ କରାଯାଇଥିଲା।

# ଏଫ୍‌ଏମ୍ ବିଶ୍ୱବିଦ୍ୟାଳୟରେ ଜାତୀୟ ଶିକ୍ଷା ଦିବସ

ବାଲେଶ୍ୱର,(ସବ୍ୟୁ): ଫକୀରମୋହନ ବିଶ୍ୱବିଦ୍ୟାଳୟର ଶିକ୍ଷା ବିଭାଗ ଦ୍ୱାରା ଜାତୀୟ ଶିକ୍ଷା ଦିବସ ପାଳିତ ହୋଇଯାଇଛି। ସ୍ୱାଧୀନ ଭାରତର ପ୍ରଥମ ଶିକ୍ଷାମନ୍ତ୍ରୀ ମୌଲାନା ଅବୁଲ କଲାମ ଆଜାଦଙ୍କ ଜନ୍ମଦିନ ଅବସରରେ ପ୍ରତିବର୍ଷ ଏହି ଦିନଟି ଶିକ୍ଷାର ମୂଲ୍ୟବୋଧ ଓ ପରିବର୍ଦ୍ଧିତ ଆଭିମୁଖ୍ୟର ସୀମା ବଢ଼ାଇବା ପାଇଁ ପାଳନ କରାଯାଇଥାଏ।ଏହି ଅବସରରେ ମୁଖ୍ୟ ଅତିଥି ଭାବେ ବିଶ୍ୱବିଦ୍ୟାଳୟର ସମ୍ମାନନୀୟ କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ଯୋଗଦେଇଥିଲେ। କାର୍ଯ୍ୟକ୍ରମର ସ୍ୱାଗତ ଭାଷଣ ପ୍ରଦାନ କରି ବିଭାଗ ମୁଖ୍ୟ ପ୍ରଫେସର ଅମୂଲ୍ୟ କୁମାର ଆଚାର୍ଯ୍ୟ, ଜାତୀୟ ଶିକ୍ଷା ଦିବସର ଗୁରୁତ୍ୱ ବିଷୟରେ ଆଲୋଚନା କରିଥିଲେ। ସମ୍ମାନିତ ଅତିଥି ଭାବେ ଯୋଗଦେଇଥିବା ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ପ୍ରଫେସର ଭାସ୍କର ବେହେରା ତାଙ୍କ ଅଭିଭାଷଣରେ କହିଥିଲେ, ଶିକ୍ଷା ହେଉଛି ଏକ ସଶକ୍ତ ଓ ସଚେତନ ସମାଜ ଗଠନର ମେରୁଦଣ୍ଡ, ଯାହା ମାନବ ସମ୍ପଦ ଗଠନର ମୂଳ ଆଧାର।ଏହି ସଭାରେ ଶିକ୍ଷା ବିଭାଗର ସମସ୍ତ ପ୍ରାଧ୍ୟାପକ ଓ ପ୍ରାଧ୍ୟାପିକା, ଛାତ୍ରଛାତ୍ରୀମାନେ ଯୋଗଦେଇଥିଲେ। କାଯ୍ୟକ୍ରମର ଶେଷରେ ସ୍ନାତକୋତ୍ତର ଦ୍ୱିତୀୟ ବର୍ଷ ଛାତ୍ରୀ ସାରୋଜ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ଦଳାଙ୍ଗ ରାସ୍ତାର ଶିଳାନ୍ୟାସ

ଦୋବଲ,(ସବ୍ୟୁ): ଧାମନଗର ବ୍ଲକ ଦଳାଙ୍ଗ ପଞ୍ଚାୟତର ଯୋଗାଯୋଗ ବ୍ୟବସ୍ଥାକୁ ସୁଦୃଢ଼ କରିବା ଓ ଗ୍ରାମ ଉନ୍ନୟନକୁ ନୂଆ କରି ଗଢି ଦେବା ଲାଗି ମଙ୍ଗଳବାର ଦିନ ଉଚ୍ଚଶିକ୍ଷାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କ ହସ୍ତରେ ଦଳାଙ୍ଗ ରାସ୍ତା ନିର୍ମାଣ ପ୍ରକଳ୍ପର ଶିଳାନ୍ୟାସ କରିଛନ୍ତି। ଏହି ଅବସରରେ ମନ୍ତ୍ରୀଙ୍କ ପ୍ରତିନିଧି ଅଶୋକ ପୁହାଣ ଓ କୈଳାସ ମହାପାତ୍ର,ସାଂସଦ ପ୍ରତିନିଧି ମନୋରଂଜନ ମଲ୍ଲିକ,ମଣ୍ଡଳ ସଭାପତି ପ୍ରମୋଦ ସୁତାର ଓ ଶ୍ରୀକାନ୍ତ ନାୟକ,ଅରବିନ୍ଦ ପରି,ଦିପ୍ତିରଞ୍ଜନ ଜେନା,ଚତୁର୍ଭୁଜ ନାୟକ,ବୈକୁଣ୍ଠ ସାହୁ,ବିଜୟ ରାମ,ନାରାୟଣ ସାହୁ,ବିଦ୍ୟାଧର ରାଉତ,ହରେକୃଷ୍ଣ ପାଢ଼ୀ ଓ ବିରେନ୍ଦ୍ର ବାରିକ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ବିଭିନ୍ନ ସରପଞ୍ଚ,ସମିତିସଭ୍ୟ,ସ୍ଥାନୀୟ ନେତା ଓ ଦଳୀୟ କର୍ମୀମାନେ ଅଂଶ ଗ୍ରହଣ କରିଥିଲେ।

# ସାଂସଦଙ୍କ ଜୟନ୍ତୀରେ ରକ୍ତଦାନ ଶିବିର : ୨୧୮୧ ୟୁନିଟ ସଂଗ୍ରହ



ନୀଳଗିରି,(ସବ୍ୟୁ): ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀଙ୍କ ୭୧ତମ ଜନ୍ମଦିନ ଅବସରରେ ସାଂସଦଙ୍କ ବହୁ ଅନୁଗାମୀ, ବିଜେପିର କାର୍ଯ୍ୟକର୍ତ୍ତା, ଶୁଭେଚ୍ଛୁ ଗୋପୀନାଥପୁର ସ୍ଥିତ ବାସଭବନରେ ପହଞ୍ଚି ସାଂସଦଙ୍କୁ ଫୁଲତୋଡା ଦେଇ ଅଭିନନ୍ଦନ ଜଣାଇବା ସହିତ ତାଙ୍କର ନିରାମୟ ଜୀବନ କାମନା କରିଥିଲେ। ପରେ ବହୁ ଶୁଭେଚ୍ଛୁଙ୍କ ଗହଣରେ କେକ୍ କାଟିବାପରେ ଶ୍ରୀ ଷଡ଼ଙ୍ଗୀ ନୀଳଗିରି କାରାଗାର ଏବଂ ହସ୍ପିଟାଲ୍ ଯାଇ ଅନ୍ତେବାସୀ ଓ ରୋଗୀଙ୍କୁ ମିଷ୍ଟାନ୍ନ ଓ ଫଳବଣ୍ଟନ କରିଥିଲେ। ସାଂସଦଙ୍କ ବ୍ୟକ୍ତିଗତ ସହାୟକ ଚନ୍ଦ୍ରବିନ୍ଦୁ ଦାସଙ୍କ ସଂଯୋଜନାରେ ସଞ୍ଚାଳିତ ଏହି ଭବ୍ୟ ଆୟୋଜନକୁ ନୀଳଗିରି ଯୁବସ୍ୱାଭିମାନ ମଞ୍ଚ ତରଫରୁ ନୀଳଗିରି ଡାକବଙ୍ଗଳା, ଖନ୍ତାପଡା ମନିଷା ଜି.ଏନ.ଏମ କଲେଜ ଏବଂ ଔପଦା ଡିଗ୍ରୀ କଲେଜ ଠାରେ ବିଶାଳ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। ନୀଳଗିରିରେ ହୋଇଥିବା ୪ଟି କ୍ୟାମ୍ପରୁ ୧୬୮୮, ଔପଦା କ୍ୟାମ୍ପରୁ ୨୩୬ଏବଂ ଖନ୍ତାପଡ଼ା କ୍ୟାମ୍ପରୁ ୨୫୭ୟୁନିଟ ରକ୍ତସଂଗ୍ରହ କରାଯାଇ ବାଲେଶ୍ୱର ଓ ନୀଳଗିରି ରକ୍ତଭଣ୍ଡାରକୁ ପଠାଯାଇଥିଲା। ତେବେ ସାଂସଦଙ୍କ ଏହି ଜନ୍ମଦିନ ଅବସରରେ ତିନିଗୋଟି କେନ୍ଦ୍ରରୁ ମୋଟ ୨୧୮୧ ୟୁନିଟ ରକ୍ତସଂଗ୍ରହ ହୋଇଥିବା ସୂଚନା ମିଳିଛି। ଏହି ଅବସରରେ ବାଲେଶ୍ୱର ବିଜେପି ଜିଲ୍ଲା ସଭାପତି ଈଶ୍ୱରଚନ୍ଦ୍ର ବେହେରା, ରେମୁଣା ବିଧାୟକ ଗୋବିନ୍ଦଚନ୍ଦ୍ର ଦାସ, ସିମୁଳିଆ ବିଧାୟକ ପଦ୍ମଲୋଚନ ପଣ୍ଡା, ଭୋଗରାଇର ବିଶିଷ୍ଟ ବିଜେପି ନେତା ପ୍ରଦୀପ କୁମାର ପଣ୍ଡା, ଜିଲ୍ଲାର ସମସ୍ତ ବିଧାୟକପ୍ରାର୍ଥୀ ଯଥା ବସ୍ତାରୁ ରବୀନ୍ଦ୍ର ଅଣ୍ଡିଆ, ଜଳେଶ୍ୱରରୁ ବ୍ରଜ ପ୍ରଧାନ, ଭୋଗରାଇରୁ ଆଶିଷ ପାତ୍ର, ଜିଲ୍ଲା ସାଧାରଣସମ୍ପାଦକ ପର୍ଶୁ ପରିଡା, ବିଭୂପଦ ଦାସଙ୍କ ସମେତ ନୀଳଗିରିରୁ ବାଲେଶ୍ୱର ଜିଲ୍ଲା ବିଜେପି ଉପସଭାପତି କରୁଣାକର ପଣ୍ଡା, ପ୍ରମୁଖ ଶହଶହ କାର୍ଯ୍ୟକର୍ତ୍ତା ଉପସ୍ଥିତ ରହି କାଯ୍ୟକ୍ରମକୁ ସଫଳ କରିଥିବା ବେଳେ ହଜାର ହଜାର ସମର୍ଥକ ନନାଙ୍କୁ ଭେଟି ଆଶୀର୍ବାଦ ଓ ଶୁଭକାମନା ଜଣାଇଥିଲେ।

# ଇନୋଭିଷ୍ଟା ୨୦୨୫ ଉଦ୍‌ଯାପିତ




କେନ୍ଦୁଝର,(ଜିପ୍ର/ସବ୍ୟୁ): କେନ୍ଦୁଝର ସହର ଉପକଣ୍ଠ ନଇଗାଁ ସ୍ଥିତ ସେଣ୍ଟ ଜାଭିୟର ହାଇସ୍କୁଲରେ ବାର୍ଷିକ ବିଜ୍ଞାନ ମେଳା ଇନୋଭିଷ୍ଟା -୨୦୨୫ ବାର୍ଷିକ ବିଜ୍ଞାନମେଳା ଓ ବାର୍ଷିକ ଆନ୍ତଃସ୍କୁଲ ବିଜ୍ଞାନମେଳା ସହ ଚିତ୍ରକଳା ପ୍ରଦର୍ଶନୀ ଖୁବ ଉତ୍ସାହ ଏବଂ ଆଡମ୍ବର ସହକାରେ ଉଦଯାପିତ ହୋଇଯାଇଛି। ସୋମବାର ଏବଂ ମଙ୍ଗଳବାର ଦୁଇଦିନ ଧରି ଅନୁଷ୍ଠିତ ହେଇଥିବା ଏହି ପ୍ରଦର୍ଶନୀ ମେଳାରେ ପ୍ରାୟ ୮୦୦ ରୁ ଉର୍ଦ୍ଧ୍ୱ ବିଭିନ୍ନ ପ୍ରକଳ୍ପ ଏବଂ ଦୁଇଶହରୁ ଉର୍ଦ୍ଧ୍ୱ ହସ୍ତକଳା ପ୍ରକଳ୍ପ ପ୍ରଦର୍ଶିତ ହେଇଛି। ମୁଖ୍ୟ ଅତିଥି ଧରଣୀଧର ବିଶ୍ୱବିଦ୍ୟାଳୟର ସ୍ନାତକୋତ୍ତର ପରିଷଦ ଅଧ୍ୟକ୍ଷ ଡକ୍ଟର ପ୍ରଭୁଦତ୍ତ ଦାସ ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ମୁଖ୍ୟଅତିଥି ଭାବରେ କେନ୍ଦୁଝର ଜିଲ୍ଲା ଆରକ୍ଷୀ ଅଧିକ୍ଷକ ନୀତିନ କୁସଲକର ଦାଗଡୁ ଏବଂ ଜିଲ୍ଲା ବନଖଣ୍ଡ ଅଧିକାରୀ ଏଚ ଡି ଧନରାଜ ଯୋଗ ଦେଇ ଆଗାମୀ ସମୟରେ କେନ୍ଦୁଝର ଜିଲ୍ଲାର ବିଭିନ୍ନ ସମ୍ଭାବନା ଏହି ମେଳାରେ ସ୍ଥାନପାଇଛି ବୋଲି ମତବ୍ୟକ୍ତ କରିଥିଲେ। ବିଭିନ୍ନ ପ୍ରକଳ୍ପ ମାଧ୍ୟମରେ ଆମେ ସମାଜର ତଥା ନିଜ ଜିଲ୍ଲାର ଉନ୍ନତିରେ ଭାଗିଦାରୀ ନେବାପାଇଁ ଛାତ୍ରଛାତ୍ରୀଙ୍କୁ ଆହ୍ୱାନ ଦେଇଥିଲେ।ସମ୍ମାନିତ ଅତିଥି ଭାବେ ସରକାରୀ ମହିଳା ମହାବିଦ୍ୟାଳୟ କେନ୍ଦୁଝରର ଅଧ୍ୟକ୍ଷ ଲଳିତ କୁମାର ସାହୁ , ପଦାର୍ଥ ବିଜ୍ଞାନ ବିଭାଗର ଅଧ୍ୟକ୍ଷ ଜ୍ୟୋତିରଞ୍ଜନ ଜେନା ଏବଂ କାଶଭି ମାଇନ୍ସର ସଭାପତି ଶ୍ରୀ ଧୀର ନିରୋଦ ପରିଡ଼ା ପ୍ରମୁଖ ଯୋଗ ଦେଇ ଛତାଛାତ୍ରୀଙ୍କୁ ଉଚ୍ଚଭିଳାସୀ ହେବାକୁ ପରାମର୍ଶ ଦେଇଥିଲେ। ବିଦ୍ୟାଳୟର ପ୍ରତିଷ୍ଠାତା ତଥା କାଶଭି ଗ୍ରୁପ ଅଫ କମ୍ପାନିଜର ଅଧ୍ୟକ୍ଷ ଇଂ ଦେବବ୍ରତ ବେହେରା ଯୋଗ ଦେଇ ବିଭିନ୍ନ ପ୍ରକଳ୍ପର ନିରୀକ୍ଷଣ କରିବା ସହ ଛାତ୍ରଛାତ୍ରୀଙ୍କୁ ଉଚ୍ଚପ୍ରସଂଶିତ କରିଥିଲେ।ବିଦ୍ୟାଳୟର ଟ୍ରଷ୍ଟି ସୁସ୍ମିତା ବେହେରା, ରାଷ୍ଟ୍ରପତି ପୁରସ୍କାର ପ୍ରାପ୍ତ କୃଷକ ଚନ୍ଦ୍ରଶେଖର ବେହେରା ,ଟ୍ରଷ୍ଟି ଶରତ କୁମାର ମହାନ୍ତି ,ଟ୍ରଷ୍ଟି ସୌମ୍ୟରଞ୍ଜନ ପଣ୍ଡା ପ୍ରମୁଖ ଯୋଗଦେଇ ଛାତ୍ରଛାତ୍ରୀ ମାନଙ୍କୁ ଉତ୍ସାହିତ କରିଥିଲେ।ହାଇସ୍କୁଲର ପ୍ରଶାସନିକ ଅଧ୍ୟକ୍ଷ ଇଂ ମୃତ୍ୟୁଞ୍ଜୟ ନାୟକ, ଉପସଭାପତି ଇଂ କିରଣ ଭାରତୀ,ଅଧ୍ୟକ୍ଷ ଡ଼ ଦିବ୍ୟକିଶୋର ପ୍ରଧାନ, ଉପାଧ୍ୟକ୍ଷା ସଂଯୁକ୍ତା ଦାସ, ଶ୍ରୀମତୀ ନିବେଦିତା ମିଶ୍ର , ଏକାଡେମିକ କୋର୍ଡିନେଟର ଇଂ ହିମାଳୟ ସାହୁ, ସିଏ ସନତ ସାହୁ ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ବିଜ୍ଞାନ ,ପ୍ରଯୁକ୍ତିବିଦ୍ୟା,ରୋବୋଟିକ,ସାମାଜିକ ବିଜ୍ଞାନ,ବାଣିଜ୍ୟ, କଳା ଏବଂ ହସ୍ତଶିଳ୍ପର ପ୍ରଦର୍ଶନୀରେ ପ୍ରାୟ ୮୦୦ ପ୍ରକଳ୍ପ ଛାତ୍ରଛାତ୍ରୀଙ୍କ ଦ୍ୱାରା ପ୍ରଦର୍ଶନ କରାଯାଇଥିଲା। ପ୍ରକଳ୍ପ ନିରୀକ୍ଷକ ଭାବରେ ବିଭିନ୍ନ ମହାବିଦ୍ୟାଳୟ ଏବଂ ବିଶ୍ୱବିଦ୍ୟାଳୟର ଶିକ୍ଷାବିତ ମାନେ ଯୋଗ ଦେଇ ଛାତ୍ରଛାତ୍ରୀଙ୍କ ପ୍ରକଳ୍ପର ସଠିକ ମୂଲ୍ୟାୟନ କରିଥିଲେ। ସମସ୍ତ ପ୍ରକଳ୍ପ ଗୁଡ଼ିକ ଅତିଥି ମାନଙ୍କ ଦାରା ଉଚ୍ଚପ୍ରଶଂସିତ ହେଇଥିଲା। ଆନ୍ତଃସ୍କୁଲ ପ୍ରକଳ୍ପ ପ୍ରଦର୍ଶନୀରେ ପ୍ରାୟ ଜିଲ୍ଲା ତଥା ଜିଲ୍ଲା ବଜାରରେ ବିଭିନ୍ନ ବିଦ୍ୟାଳୟ ମହାବିଦ୍ୟାଳୟର ପ୍ରକଳ୍ପ ପ୍ରଦର୍ଶନ ହେଇଥିଲା। ଛାତ୍ରଛାତ୍ରୀଙ୍କ ମଧ୍ୟରେ କୁଇଜ ଏବଂ ବକ୍ତୃତା ପ୍ରତିଯୋଗିତା ଆୟୋଜନ ହେଇଥିଲା। ପରିଶେଷରେ ବିଦ୍ୟାଳୟର ପରୀକ୍ଷା ନିୟନ୍ତ୍ରକ ଶିବଦତ୍ତ ଦାସ ସମସ୍ତ ଅତିଥି ମାନଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ଟାଇଡ଼ିଙ୍ଗସା ।

(ଶ୍ରୀମଦ୍ଭଗବଦ୍ ଗୀତା ୧/୮)

**ଅର୍ଜ୍ଜୁନ-ବିଷାଦଯୋଗଃ**

ସଞ୍ଜୟ ଉବାଚ

**ଭବାନ୍ ଭୀଷ୍ମଶ୍ଚ କର୍ଣ୍ଣଶ୍ଚ କୃପଶ୍ଚ ସମିତିଞ୍ଜୟଃ ।**
**ଅଶ୍ୱତ୍ଥାମା ବିକର୍ଣ୍ଣଶ୍ଚ ସୌମଦତ୍ତିର୍ଜ୍ଜୟଦ୍ରଥ ॥ ୮ ॥**

(କେ ତେ) ଭବାନ୍, ଭୀଷ୍ମଃ (ପିତାମହଃ) ଚ, କର୍ଣ୍ଣଃ ଚ, ସମିତିଞ୍ଜୟଃ (ସଂଗ୍ରାମବିଜୟୀ) କୃପଃ ଚ, ଅଶ୍ୱତ୍ଥାମା (ଭବଦାତ୍ମଜଃ), ବିକର୍ଣ୍ଣଃ (ମଦ୍ଭ୍ରାତା) ଚ, ତଥା ଏବ ସୌମଦତ୍ତିଃ (ସୋମଦତ୍ତପୁତ୍ରଃ ଭୂରିଶ୍ରବାଃ) ଜୟଦ୍ରଥଃ ଚ ॥ ୮ ॥

# ଦିଲ୍ଲୀରେ ଭୟାବହ ବିସ୍ଫୋରଣ

ଭାରତର ରାଜଧାନୀ ଦିଲ୍ଲୀର ପୁରୁଣା ଦିଲ୍ଲୀ ଲାଲକିଲ୍ଲା ଅଞ୍ଚଳରେ ଗତ ନଭେମ୍ବର ୧୦ (୨୦୨୫) ସନ୍ଧ୍ୟା ୬ଟା ୫୨ ମିନିଟରେ ଯେଉଁ ଭୟାବହ ବିସ୍ଫୋରଣ ଘଟି ୮ ଜଣ ପ୍ରାଣ ହରାଇଛନ୍ତି ଓ ୨୮ରୁ ଅଧିକ ଆହତ ହୋଇଛନ୍ତି, ଏହି ହୃଦୟ ବିଦାରକ ଘଟଣାରେ କେଉଁ ଆତଙ୍କବାଦୀଙ୍କର ହାତ ଥାଉ ବା ନଥାଉ ତାହା ବଡ଼ କଥା ନୁହେଁ । ମାତ୍ର ଖୁବ୍ ବଡ଼ ଧରଣର ଆତଙ୍କବାଦୀ ଆକ୍ରମଣ ହୋଇଥା'ନ୍ତା, ଯାହା ହୋଇ ପାରିଲା ନାହିଁ ବୋଲି ମଧ୍ୟ କୁହାଯାଉଛି । ଆତଙ୍କବାଦ ବିରୋଧରେ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, କ୍ଷମତାସୀନ ହେବା ଦିନରୁ ପଦକ୍ଷେପ ନେବାକୁ ସମଗ୍ର ବିଶ୍ୱର ସମର୍ଥନ ଲୋଡ଼ି ଆସିଛନ୍ତି । ଏପରିକି ଗତ ମେ ମାସରେ କାଶ୍ମୀରର ପହଲଗାମ ଆକ୍ରମଣ ପରେ 'ଅପରେସନ ସିନ୍ଦୂର' ଜରିଆରେ ଭାରତ ପାକିସ୍ତାନକୁ ଉଚିତ ଶିକ୍ଷା ଦେଇଥିଲା । ପାକିସ୍ତାନରେ ବା କାଶ୍ମୀର ଅଧିକୃତ ପାକିସ୍ତାନରେ ଆତଙ୍କବାଦୀଙ୍କ ଆଡ୍ଡାସ୍ଥଳକୁ ଧ୍ୱଂସ କରିଥିଲା ଭାରତ । ମାତ୍ର ଅନ୍ୟାନ୍ୟ କେତେକ ରାଷ୍ଟ୍ରର ସହାୟତାରେ ପାକିସ୍ତାନ ଆତଙ୍କବାଦୀମାନେ ଯେ ପୁଣି ସକ୍ରିୟ ହୋଇ ଏପରି କାଣ୍ଡ ଭିଆଇଛନ୍ତି, ଏଥିରେ ସନ୍ଦେହ ନାହିଁ ।ଦିଲ୍ଲୀ ବୋମା ବିସ୍ଫୋରଣ ଘଟଣାରେ ମୃତାହତଙ୍କ ସଂଖ୍ୟା ବଢ଼ିପାରେ । ମାତ୍ର କେବଳ ଭାରତୀୟମାନଙ୍କ ପାଇଁ ନୁହେଁ, ସମଗ୍ର ବିଶ୍ୱକୁ ଏହା ଏକ ଚେତାବନୀ ବୋଲି କହିଲେ କିଛି ଅତ୍ୟୁକ୍ତି ହେବ ନାହିଁ । ଆତଙ୍କବାଦୀଙ୍କର ପ୍ରକୃତରେ ଜାତି ନାହିଁ କି ଧର୍ମ ନାହିଁ । ସେମାନଙ୍କ ବୁଦ୍ଧି ଥିଲେ ଏପରି ହୀନ କାର୍ଯ୍ୟରେ ସେମାନେ ଲିପ୍ତ ହୁଅନ୍ତେ ନାହିଁ ।

ରାଜଧାନୀ ଦିଲ୍ଲୀର ୧୦/୧୧ ଠାରୁ ଆହୁରି ଭୟାବହ ଥିଲା ୨୦୦୬ ମସିହାରେ ଭାରତର ବାଣିଜ୍ୟିକ ରାଜଧାନୀ ମୁମ୍ବାଇରେ ଖବର କାଗଜରେ ରେକ୍ସିନ ଗୁଡା ହୋଇଥିବା ପ୍ରେସର କୁକରକୁ, ଭିଡ ହୋଇଥିବା ଟ୍ରେନର ମାଲବାହୀ ରେକ୍‌ରେ ନିଆଯାଇ ବିସ୍ଫୋରଣ କରାଯାଇଥିଲା । ଏଥି ଯୋଗୁଁ ଲାଗ ଲାଗ ବିସ୍ଫୋରଣରେ ୧୮୭ ଜଣ ପ୍ରାଣ ହରାଇଥିଲେ । ସେତେବେଳେ ଲକ୍ସର-ଏ- ତୋଇବା (LeT) ଏହି ଷଡଯନ୍ତ୍ର କରିଥିଲା । ଏହି ସଂସ୍ଥାର ଭାରତ କମାଣ୍ଡର ଆଦଶ ଚିମା ପାକିସ୍ତାନର ବାହାଲପୁରଠାରେ ଥିବା ବିରାଟ ରାଜପ୍ରାସାଦ ସଦୃଶ ଘରେ ଥାଇ ସେ ସବୁ କାମ କରୁଥିଲା । ଆତଙ୍କବାଦୀ ଓ ସେମାନଙ୍କ ସଂଗଠନର ଭୂସ୍ୱର୍ଗ ଥିଲା ପାକିସ୍ତାନ । ପାକିସ୍ତାନର ସାଧାରଣ ଲୋକେ ବହୁ କଷ୍ଟରେ ଚଳୁଥିଲେ ମଧ୍ୟ ତାହାର ଶାସନକର୍ତ୍ତାମାନେ ସେଥିପ୍ରତି ଦୃଷ୍ଟି ଦିଅନ୍ତି ନାହିଁ । ବରଂ ବଡ଼ ବଡ଼ ରାଷ୍ଟ୍ରମାନଙ୍କଠାରୁ ଭିକ୍ଷାରେ ଆଣୁଥିବା ଅର୍ଥ ଦେଶ ହିତ କାର୍ଯ୍ୟରେ ନ ଲଗାଇ ସେମାନେ ଆତଙ୍କବାଦୀ କାର୍ଯ୍ୟକଳାପକୁ ପ୍ରୋତ୍ସାହିତ କରିଥାନ୍ତି ।

ଦୁଃଖର କଥା, କଂଗ୍ରେସ ସରକାରଙ୍କ ଅମଳରେ ପାକିସ୍ତାନ ପ୍ରତି ଭାରତର କୋହଳ ମନୋବୃତ୍ତି ଥିବା ଯୋଗୁଁ ଏହି ଆତଙ୍କବାଦର ମୂଳୋତ୍ପାଟନ କରାଯାଇ ପାରିଲା ନାହିଁ । କିନ୍ତୁ ଏବେ କେନ୍ଦ୍ରରେ ଥିବା ଏନ୍.ଡି.ଏ ସରକାର ଆତଙ୍କବାଦକୁ ଦୃଢ଼ ହସ୍ତରେ ଦମନ କରିବା ସକାଶେ ଉଦ୍ୟମ ଜାରି ରଖିଥିବା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ ହେଲେ ହେଁ ସେ ଦିଗରେ ଅନେକ କିଛି କରିବାକୁ ହେବ । ଆମେ ଭାରତୀୟମାନେ ମଧ୍ୟ ଏ ସବୁ ଆତଙ୍କବାଦୀ କାର୍ଯ୍ୟକଳାପ ପାଇଁ ସତର୍କ ରହିବାକୁ ପଡ଼ିବ ।

ଜାମ୍ମୁ ଓ କାଶ୍ମୀର ପୋଲିସ ୩୫୦ କିଲୋଗ୍ରାମ ଓଜନର ଆମୋନିଅମ ନାଇଟ୍ରେଟ ଫରିଦାବାଦରୁ ଜବତ କରିଛନ୍ତି । ଏହି ବିସ୍ଫୋରଣ ଘଟଣାରେ କେତେକ ଡାକ୍ତର ମଧ୍ୟ ସଂଶ୍ଳିଷ୍ଟ ଅଛନ୍ତି । ଏହି ନାଇଟ୍ରେଟ ଖୁବ୍ ଭୟଙ୍କର ଥିଲା । ସେ ଯାହା ହେଉ ସୁରକ୍ଷାକର୍ମୀ ଲାଲକିଲ୍ଲାରେ ଯେଉଁ 'ଆଇ-୨୦' କାର୍ ଚିହ୍ନଟ କରିଦେଲେ, ତଦ୍ଦ୍ୱାରା ବହୁ ଧନ ଓ ଜୀବନର ସୁରକ୍ଷା ସମ୍ଭବ ହୋଇ ପାରିଲା ଏବଂ ଦିଲ୍ଲୀରେ ଏ ଧରଣର ଆତଙ୍କବାଦୀ କାର୍ଯ୍ୟକଳାପକୁ କିଛି ପରିମାଣରେ ନିୟନ୍ତ୍ରଣ କରାଯାଇ ପାରିଲା । ତାହା ପ୍ରଶଂସନୀୟ ପଦକ୍ଷେପ ହେଲେ ହେଁ, ଗୁଜରାଟ, ରାଜସ୍ଥାନ, ବିହାର, ଓଡ଼ିଶା ଓ ନାଗପୁର ପ୍ରଭୃତି ଅଞ୍ଚଳକୁ ସତର୍କତାର ବଳୟ ମଧ୍ୟରେ ରଖିବାକୁ ହେବ । ଆମର ନିଯୁକ୍ତି ପାଇ ନଥିବା ଶିକ୍ଷିତ ପିଲାମାନଙ୍କୁ ରାଜ୍ୟ ସରକାର ତାଲିମ ଦେଇ ସୁରକ୍ଷା କାର୍ଯ୍ୟରେ ନିୟୋଜିତ କରି ପାରିଲେ, ଓଡ଼ିଶା ତଦ୍ଦ୍ୱାରା ଉପକୃତ ହୋଇ ପାରିବ । ଏ ଦିଗରେ ଭାରତ ସରକାର ମଧ୍ୟ ଓଡ଼ିଶାକୁ ସାହାଯ୍ୟ କରିବା ଆବଶ୍ୟକ ।

## ଭକ୍ତିର ବିସ୍ମୟ

**ଯେଉଁ ବିଶ୍ୱବ୍ରହ୍ମାଣ୍ଡର ଅଧୀଶ୍ୱରଙ୍କ ବିଶାଳତାକୁ କଳନା କରିବା ସ୍ୱୟଂ ସୃଷ୍ଟିକର୍ତ୍ତାଙ୍କ ପକ୍ଷରେ ମଧ୍ୟ ସମ୍ଭବ ନୁହେଁ, ସେ ପୁଣି ସାମାନ୍ୟ ଭକ୍ତିରେଣୁ ହୋଇ ଭକ୍ତର ହୃଦୟରେ ବିରାଜମାନ କରନ୍ତି ।**

*ଲେଖକ-ଡ. ପ୍ରଦୀପ କୁମାର ଚୌଧୁରୀ*

ସମ୍ପାଦକୀୟ ପୃଷ୍ଠାପାଇଁ ଆଲେଖ୍ୟ ଏବଂ ସମ୍ପାଦକଙ୍କୁ ପତ୍ର, ଆପଣ ଆମକୁ ନିମ୍ନ ଇ-ମେଲ୍‌ରେ ପଠାଇପାରିବେ ।
(ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ ମୋବାଇଲ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ )
samayaeditorial2021@gmail.com

**ଏହି ପୃଷ୍ଠାରେ ସ୍ଥାନିତ ଆଲେଖ୍ୟଗୁଡ଼ିକର ତଥ୍ୟ, ମତାମତ ଆଦି ଲେଖକଙ୍କ ଏକାନ୍ତ ନିଜସ୍ୱ । ଏଥିପାଇଁ 'ସମୟ' କର୍ତ୍ତୃପକ୍ଷ ଦାୟୀ ନୁହଁନ୍ତି ।**

# ଉତ୍କଳୀୟ ପରମ୍ପରାରେ ପ୍ରଥମାଷ୍ଟମୀ



ଅନନ୍ତ ଗୋପାଳ ପଣ୍ଡା

ଆର୍ଯ୍ୟଭୂମି ଭାରତବର୍ଷ ରୂପକ ସରୋବରରେ ଉତ୍କଳ ହେଉଛି ବିକଚ ଶତଦଳ । ଏହି ପ୍ରସ୍ଫୁଟିତ କମଳର କେଶର ଅଟେ ପୁଣ୍ୟ ନୀଳାଚଳ । ସେହି ନୀଳାଚଳ ଧାମରେ ରତ୍ନ ସିଂହାସନରେ ବିରାଜିତ ଦାରୁବ୍ରହ୍ମ ଶ୍ରୀଜଗନ୍ନାଥ ହେଉଛନ୍ତି ଉତ୍କଳୀୟମାନଙ୍କର ପ୍ରାଣର ପବନ ତଥା ହୃଦୟର ସ୍ପନ୍ଦନ । ସେ ଏ ଜାତିର ମୁରବୀ, ବ୍ୟକ୍ତି ଅନ୍ତରର ପ୍ରତିଛବି । ଶ୍ରୀଜଗନ୍ନାଥଙ୍କୁ କେନ୍ଦ୍ରକରି ଗଢ଼ିଉଠିଛି ଏ ଜାତିର ସଂସ୍କୃତି । ମହାପ୍ରଭୁଙ୍କ ନୀତିକାନ୍ତିରେ ସ୍ଥାନିତ ପର୍ବପର୍ବାଣୀର ପ୍ରଭାବ ପରିଲକ୍ଷିତ ହୋଇଥାଏ ଉତ୍କଳୀୟମାନଙ୍କର ଚାଲିଚଳଣିରେ । ଶ୍ରୀମନ୍ଦିରରେ ପାଳିତ ପର୍ବମାନ ପ୍ରାୟତଃ ଓଡ଼ିଆମାନଙ୍କର ପର୍ବ ଭାବେ ହୁଏ ସ୍ୱୀକୃତ, ଯାହା ପରମ୍ପରା ଭାବରେ ଅନୁସୃତ ହେଉଛି ।

ସେହି ପର୍ବମାନଙ୍କ ମଧ୍ୟରୁ ଏକ ପର୍ବ ହେଉଛି ପ୍ରଥମାଷ୍ଟମୀ । ଏହି ପର୍ବ ଶ୍ରୀଜଗନ୍ନାଥଙ୍କ ମନ୍ଦିର, ଲିଙ୍ଗରାଜ ମନ୍ଦିରଠାରୁ ଆରମ୍ଭକରି ଓଡ଼ିଶାର ପ୍ରତି ଘରେ ଘରେ ପାଳିତ ହୋଇଥାଏ । ଜ୍ୟେଷ୍ଠ ସନ୍ତାନ ଓ ସନ୍ତତିମାନଙ୍କୁ ସମ୍ମାନିତ କରାଯିବାର ମହାର୍ଘ୍ୟ ମୁହୂର୍ତ୍ତ ହେଉଛି ପ୍ରଥମାଷ୍ଟମୀ । ମାର୍ଗଶୀର ମାସର କୃଷ୍ଣପକ୍ଷ ଅଷ୍ଟମୀ ତିଥି ପ୍ରଥମାଷ୍ଟମୀ ନାମରେ ନାମିତ । ପୂର୍ବରୁ ମାର୍ଗଶିର ମାସ ବର୍ଷର ପ୍ରଥମ ମାସ ଭାବରେ ପରିଗଣିତ ହେଉଥିବାରୁ ଏହି ମାସର ପ୍ରଥମ ଅଷ୍ଟମୀ ତିଥିକୁ ପ୍ରଥମାଷ୍ଟମୀ ଭାବେ ଅଭିହିତ କରାଯାଏ । ଶ୍ରୀମଦ୍ ଭଗବଦ୍‌ଗୀତାର ଦଶମ ଅଧ୍ୟାୟ ବିଭୂତି ଯୋଗରେ ଯୋଗେଶ୍ୱର ଶ୍ରୀକୃଷ୍ଣ କହିଛନ୍ତି, 'ମାସାନାଂ ମାର୍ଗଶୀର୍ଷୋଽହମୃତୁନାଂ କୁସୁମାକରଃ' । ଅର୍ଥାତ୍ ମାସ ମାନଙ୍କମଧ୍ୟରେ ଭଗବାନ ହେଉଛନ୍ତି ମାର୍ଗଶିର । ଏହି ମାସରେ ଶ୍ରୀମଦ୍ ଭଗବଦ୍‌ଗୀତାଙ୍କର ଜୟନ୍ତୀ ପାଳିତ ହୋଇଥାଏ । କଶ୍ୟପ ମୁନିଙ୍କ ଉପଦେଶ କ୍ରମେ ବଳବାନ୍ ପୁତ୍ର ପ୍ରାପ୍ତି ଉଦ୍ଦେଶ୍ୟରେ ପତ୍ନୀ ଦିତି ଏହି ମାର୍ଗଶୀର ଶୁକ୍ଳ ପ୍ରତିପଦାରେ ପୁଂସବନ ବ୍ରତ ଆରମ୍ଭ କରିଥିଲେ ଯାହା ଶ୍ରୀମଦ୍‌ଭାଗବତର ଷଷ୍ଠ ସ୍କନ୍ଧ ଊନବିଂଶ ଅଧ୍ୟାୟରେ ହୋଇଛି ବର୍ଣ୍ଣିତ । ଯଥା- **'ପ୍ରଥମେ ମାର୍ଗଶୀର ମାସେ । ଶୁକ୍ଳ ପ୍ରତିପଦା ଦିବସେ / ଭର୍ତ୍ତାର ଆଜ୍ଞା ପରମାଣେ / ବ୍ରତ କରିବେ ସ୍ତ୍ରୀଜନେ ।'** ପୁନଶ୍ଚ ମାର୍ଗଶୀର ମାସକୁ ଅଗ୍ରହାୟଣ ମାସ କୁହାଯାଏ । ପୌରାଣିକ ଆଖ୍ୟାୟିକା ଅନୁଯାୟୀ ଦକ୍ଷ ଯଜ୍ଞକୁ ଧ୍ୱଂସ କରିବା ପାଇଁ ଶିବଙ୍କ କ୍ରୋଧାଗ୍ନିରୁ ଏହି ତିଥିରେ କାଳଭୈରବ ପ୍ରକଟ ହୋଇଥିଲେ । ଏତଦ୍ ବ୍ୟତୀତ ମାର୍ଗଶୀରର କୃଷ୍ଣପକ୍ଷ ଅଷ୍ଟମୀ ତିଥିର ନିଶାର୍ଦ୍ଧରେ ନବଦୁର୍ଗାଙ୍କ ମଧ୍ୟରେ ସ୍ଥାନିତ ସପ୍ତମ ସ୍ୱରୂପା କାଳରାତ୍ରୀ ପ୍ରକଟିତା ହୋଇଥିଲେ । ଦେବୀ ମାହାତ୍ମ୍ୟରେ ଏହି ଅଷ୍ଟମୀ ତିଥିର ରାତ୍ରୀକୁ ଘୋର ରାତ୍ରୀ ଭାବରେ ଅଭିହିତ କରାଯାଇଛି । ଏହି ସବୁ କାରଣମାନ ମାର୍ଗଶୀର ମାସକୁ ବର୍ଷର ପ୍ରଥମ ମାସ ଭାବେ ଅଭିହିତ ହେବାର ଯଥାର୍ଥତାକୁ ପ୍ରତିପାଦିତ କରୁଛି ଏବଂ ପ୍ରଥମାଷ୍ଟମୀର ମହତ୍ତ୍ୱକୁ ପ୍ରଖ୍ୟାପିତ କରୁଅଛି ।



ପୁରାଣର ପୃଷ୍ଠା ଉନ୍ମୋଚନ କଲେ ଦେଖାଯାଏ ଯେ ଯୁଗେ ଯୁଗେ ଜ୍ୟେଷ୍ଠ ସମ୍ମାନର ଅଧିକାରୀ ହୋଇଥାଏ । ସତ୍ୟଯୁଗରେ କଶ୍ୟପ ମୁନିଙ୍କ ପତ୍ନୀ ଅଦିତିଙ୍କ ଗର୍ଭରୁ ଇନ୍ଦ୍ରଙ୍କ ସହିତ ସମସ୍ତ ଦେବତାମାନେ ସମ୍ଭୁତ ହୋଇଥିଲେ । ପରେ ପୟୋବ୍ରତ ପାଳନ କରି ଅଦିତି ଲାଭ କରିଥିଲେ ବାମନ ଭଗବାନଙ୍କୁ । ଇନ୍ଦ୍ର ବଡଭାଇ ହୋଇଥିବାରୁ ବାମନ ଉପେନ୍ଦ୍ର ନାମରେ ନାମିତ ହେଲେ । ଇନ୍ଦ୍ରାଦି ଦେବତାମାନଙ୍କ ଦୁଃଖ ଦୂରୀଭୂତ ପାଇଁ ବାମନ ବଳି ଦ୍ୱାରେ ଭିକାରୀ ରୂପେ ଉଭା ହୋଇ ତ୍ରିପାଦ ଭୂମି ଦାନ ମାଧ୍ୟମରେ ବଳିକୁ ପାତାଳକୁ ଚାପି ସ୍ୱର୍ଗ ସିଂହାସନରେ ବଡ଼ଭାଇ ଇନ୍ଦ୍ରଙ୍କୁ ଅଧିଷ୍ଠିତ କରାଇଥିଲେ । ତ୍ରେତୟାଯୁଗରେ ଭରତ, ଲକ୍ଷ୍ମଣ ଓ ଶତ୍ରୁଘ୍ନ ପ୍ରଭୁ ଶ୍ରୀରାମଙ୍କର ଆଜ୍ଞାକାରୀ ଥିଲେ ଏବଂ ତାଙ୍କୁ ଉପଯୁକ୍ତ ଭକ୍ତି ଓ ସମ୍ମାନ ପ୍ରଦର୍ଶନ କରୁଥିଲେ । ଦ୍ୱାପର ଯୁଗରେ ପ୍ରଭୁ ଶ୍ରୀକୃଷ୍ଣ ବଡ ଭାଇ ବଳରାମଙ୍କୁ ଯଥୋଚିତ ସମ୍ମାନ ପ୍ରଦାନ କରୁଥିଲେ । ସେହିପରି ଧର୍ମରାଜ ଯୁଧିଷ୍ଠିରଙ୍କୁ ଅନ୍ୟ ଚାରି ଭ୍ରାତା ପିତୃପ୍ରତିମ ଭାବରେ ଗ୍ରହଣ କରିଥିଲେ । ଏହି କଳିଯୁଗରେ ଶ୍ରୀମନ୍ଦିରରେ ବିରାଜିତ କାମପାଳ ହଳାୟୁଧ ସର୍ବଦା ଅଗ୍ରପୂଜ୍ୟ ଅଟନ୍ତି । ପହଣ୍ଡି, ରଥଟଣା ଓ ନୀତି କାନ୍ତିରେ ଅଗ୍ରଜ ଭାବେ ବଳଭଦ୍ରଙ୍କୁ ଉପଯୁକ୍ତ ସମ୍ମାନ ପ୍ରଦର୍ଶନ କରାଯାଇଥାଏ । ମାତୁଳମାନେ ଜ୍ୟେଷ୍ଠ ଭଣଜାକୁ ନୂତନ ବସ୍ତ୍ର ଓ ସୁସ୍ୱାଦୁ ଖାଦ୍ୟ ପ୍ରଦାନ କରିବାର ପର୍ବ 'ପ୍ରଥମାଷ୍ଟମୀ' ହୋଇଥିବାରୁ ଜଗନ୍ନାଥଙ୍କ ମାମୁଁଘର ଭାବେ ଅଭିହିତ କଟକ ଜିଲ୍ଲା ନିଆଳି ବ୍ଲକ ଅନ୍ତର୍ଗତ, ମାଧବ ଗ୍ରାମରେ ବିରାଜିତ ମାଧବାନନ୍ଦଙ୍କ ମନ୍ଦିରରୁ ଖ୍ରୀଷ୍ଟାବ୍ଦ ୧୨୨୬ରୁ ପ୍ରଭୁ ବଳରାମଙ୍କ ଉଦ୍ଦେଶ୍ୟରେ 'ପୋଢୁଆଁ' ଭାର ଆସିବାର ପରମ୍ପରା ପ୍ରଚଳିତ ରହିଅଛି । ସାମୟିକ ଭାବେ କିଛି ଦିନ ପାଇଁ ବନ୍ଦ ରହିଥିବା ଏହି ପ୍ରଥା ପୁନଶ୍ଚ ୨୦୧୮ ମସିହାରୁ ପୂର୍ବପରି କାର୍ଯ୍ୟକାରୀ ହେଉଅଛି । ମାମୁଁ ମାଧବନନ୍ଦଙ୍କ ଦ୍ୱାରା ପ୍ରେରିତ ଏହି ଭାରରେ ଭଣଜା ବଡ଼ ସାମନ୍ତ ଶ୍ରୀବଳରାମଙ୍କ ନିମନ୍ତେ ପାଟ, ପିଠା, ମିଠା, ଓ ଫଳମୂଳ ଭାର ମାଧ୍ୟମରେ ଶ୍ରୀମନ୍ଦିରକୁ ପ୍ରଥମାଷ୍ଟମୀର ଅବ୍ୟବହିତ ପୂର୍ବରୁ ଆସିଥାଏ ।

ଏହି ପ୍ରଥମାଷ୍ଟମୀ ପର୍ବ ଏକାମ୍ରକ୍ଷେତ୍ରର ଅଧିଶ୍ୱର ଶ୍ରୀଲିଙ୍ଗରାଜଙ୍କ ମନ୍ଦିରରେ ମଧ୍ୟ ପାଳିତ ହୋଇଥାଏ । **ଲିଙ୍ଗରାଜ ମହାପ୍ରଭୁଙ୍କ ଚଳନ୍ତି ପ୍ରତିମା ଏହି ତିଥିରେ ତାଙ୍କ ମାମୁଁଘର ଭାବେ ଅଭିହିତ କପାଳୀ ମଠକୁ ଯାତ୍ରା କରିଥାନ୍ତି । କପାଳୀ ମଠାରେ ପୂଜା ପାଉଥିବା ପ୍ରଭୁ ଶ୍ରୀବରୁଣେଶ୍ୱର ପ୍ରଭୁ ଲିଙ୍ଗରାଜଙ୍କର ମାମୁଁ ଅଟନ୍ତି । ଲିଙ୍ଗରାଜ ପ୍ରଭୁଙ୍କ ଚଳନ୍ତି ବିଗ୍ରହ କପାଳି ମଠରେ ପହଞ୍ଚିବା ପରେ ପାପନାଶିନୀ ପୁଷ୍କରିଣୀର ଜଳରେ ଚଳନ୍ତି ପ୍ରତିମାଙ୍କୁ ସ୍ନାନ କରାଯାଏ । ଏହାପରେ ପଞ୍ଚୋପଚାରରେ ପୂଜା ଅନୁଷ୍ଠିତ ହେବା ସହିତ ନୂତନ ବସ୍ତ୍ର ଓ ପୁଷ୍ପରେ ବିଭୂଷିତ କରାଯାଏ । ତତ୍ପରେ ଅକ୍ଷତ ଚାଉଳ, ଦୂର୍ବାଦଳ ସହିତ ଅନ୍ୟାନ୍ୟ ଆବଶ୍ୟକୀୟ ଦ୍ରବ୍ୟ ଉପଯୋଗରେ ଚଳନ୍ତି ପ୍ରତିମାଙ୍କୁ ବନ୍ଦାପନା କରାଯାଏ ।**

ଶ୍ରୀମନ୍ଦିର ଓ ଲିଙ୍ଗରାଜଙ୍କ ମନ୍ଦିର ପରି ଓଡ଼ିଶାର ପୁରପଲ୍ଲୀରେ ଏହି ପ୍ରଥମାଷ୍ଟମୀ ପର୍ବ ମହାଆନନ୍ଦ ଓ ଉଲ୍ଲାସର ସହିତ ପାଳିତ ହୋଇଥାଏ । ରଜ, ମାଣବସା ପରି ପ୍ରଥମାଷ୍ଟମୀ ଓଡ଼ିଶାର ସ୍ୱତନ୍ତ୍ର ପାରିବାରିକ ପର୍ବ ଭାବରେ ସ୍ୱୀକୃତ ତଥା ସର୍ବଜନ ଆଦୃତ । ଏହି ପ୍ରଥମାଷ୍ଟମୀ ପର୍ବରେ ପିତାମାତାଙ୍କ ଅପେକ୍ଷା ମାତୁଳମାନଙ୍କର ରହିଛି ଗୁରୁତ୍ୱପୂର୍ଣ୍ଣ ଭୂମିକା । ପାରିବାରର ଜ୍ୟେଷ୍ଠ ସନ୍ତାନ ଓ ସନ୍ତତିମାନଙ୍କୁ ପୋଢୁଆଁ କରିବାପାଇଁ ମାମୁଁ ଘରମାନଙ୍କରୁ ନୂତନ ବସ୍ତ୍ର, ପିଠା, ମିଠା ଓ ଫଳମାନ ଆସିଥାଏ । ଏହି ଦିବସର ପ୍ରାତଃ କାଳରେ ଘରର ଜ୍ୟେଷ୍ଠ ପୁତ୍ର ବା କନ୍ୟା ସ୍ନାନ ସମାପନାନ୍ତେ ନବବସ୍ତ୍ର ପରିଧାନ କରିଥାନ୍ତି । ତତ୍ପରେ ମାଆମାନେ ସେମାନଙ୍କୁ ବନ୍ଦାପନା କରିଥାନ୍ତି । ଜ୍ୟେଷ୍ଠ ସନ୍ତାନର ସୁଖ ସମୃଦ୍ଧି ଓ ଦୀର୍ଘ ନିରାମୟ ଜୀବନ ପାଇଁ ଏହି ସ୍ୱତନ୍ତ୍ର ବିଧି ଉଦ୍ଦିଷ୍ଟ । ଏହି ପର୍ବରେ ମାମୁଁ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଥିବାରୁ ମାମୁଁଙ୍କୁ 'ଅଷ୍ଟମୀ ବନ୍ଧୁ' ଭାବରେ ଅଭିହିତ କରାଯାଏ । ଭଣଜା ବାଭାଣିଜୀଙ୍କ ପ୍ରତି ମାତୁଳମାନଙ୍କ ଅବଦାନର ପ୍ରତିଦାନ ସ୍ୱରୂପ ବଡ଼ହେବାପରେ ଭଣଜାମାନେ ମାତୁଳ କୁଳର ଅଜା,ଆଈ (ତିନି ପୁରୁଷ)ଙ୍କୁ ମହାଳୟା ବିଧିରେ ମଉଳା ଶ୍ରାଦ୍ଧ ପ୍ରଦାନ କରିଥାନ୍ତି । ସ୍ନେହ, ଶ୍ରଦ୍ଧା, ଆନ୍ତରିକତା ଓ ମମତ୍ୱ ବୋଧର ପ୍ରତୀକ ହେଉଛି ଏହି ପର୍ବ ପ୍ରଥମାଷ୍ଟମୀ ।

ଏହି ପର୍ବର ଅନ୍ୟତମ ବିଶେଷତ୍ୱ ହେଉଛି ସ୍ୱତନ୍ତ୍ର ଭାବେ ପ୍ରସ୍ତୁତ ଏଣ୍ଡୁରୀପିଠା । ଶ୍ରୀମନ୍ଦିରରେ ଶ୍ରୀଜଗନ୍ନାଥଙ୍କୁ ମଧ୍ୟ ଏହି ପିଠା ସମର୍ପଣ କରାଯାଏ । ରଜପର୍ବରେ ପୋଡପିଠା, ଚିତାଲାଗି ଅମାବାସ୍ୟାରେ ଚିତୋଉପିଠା, ବଡ଼ଓଡଷାରେ ମଣ୍ଡାପିଠା ପରି ଏଣ୍ଡୁରୀ ପିଠା ହେଉଛି ଏହି ପର୍ବର ଅନ୍ୟତମ ଆକର୍ଷଣ । ଛେନା, ଗୁଡ଼, ନଡିଆ ପୁର ଦିଆଯାଇ ଏହି ସ୍ୱାଦିଷ୍ଟ ପିଷ୍ଟକ ପ୍ରସ୍ତୁତ କରାଯାଏ । ଠାକୁରଙ୍କ ଉଦ୍ଦେଶ୍ୟରେ ଅରୁଆ ଚାଉଳରେ ଏବଂ ଅନ୍ୟମାନଙ୍କ ନିମିତ୍ତ ଉଆପଖିଆ ଚାଉଳରେ ପ୍ରସ୍ତୁତ ପିଠାକୁ ହଳଦୀପତ୍ର ଗୁଡାଇ ଅଥାରରେ ସିଝାଯାଏ । ହଳଦୀ ପତ୍ରର ସଂଯୋଗ ଏହି ପିଠାକୁ ଅତ୍ୟନ୍ତ ସ୍ୱାଦିଷ୍ଟ କରିଥାଏ । ହଳଦୀ ଔଷଧୀୟ ଗୁଣ ବହନ କରିବାପରି ଏହାର ପତ୍ରମଧ୍ୟ ସମଭାବରେ ଶରୀର ପ୍ରତି ହିତକାରକ ହୋଇଥାଏ । ଏହି ପତ୍ରରେ ପ୍ରସ୍ତୁତ ପିଠାର ସୁବାସ ମନକୁ ଆକର୍ଷିତ କରିଥାଏ ।

ଆମ ପରମ୍ପରାରେ ସ୍ଥାନିତ ଅନେକ ପର୍ବପର୍ବାଣୀ ଜୀବନକୁ ସରସ ସୁନ୍ଦର ତଥା ଆନନ୍ଦମୟ କରିବା ସହିତ ସମାଜକୁ ସୁସ୍ଥ ତଥା ସୁନ୍ଦର କରି ଗଢ଼ି ତୋଳିବା ପାଇଁ ଅଭିପ୍ରେତ । ଜ୍ୟେଷ୍ଠ ସନ୍ତାନର ମନ ମଧ୍ୟରେ ଅନ୍ୟମାନଙ୍କ ପ୍ରତି ସ୍ନେହ, ଶ୍ରଦ୍ଧା, ଆଦର, ଦାୟିତ୍ୱବୋଧ ଏବଂ କର୍ତ୍ତବ୍ୟ ପରାୟଣତାର ବୀଜବପନ ଏହି ପର୍ବର ଅର୍ନ୍ତନିହିତ ଉଦ୍ଦେଶ୍ୟ । କୁଳର କଲ୍ୟାଣ ମଧ୍ୟ ଏହି ପର୍ବର ମୁଖ୍ୟ ଲକ୍ଷ୍ୟ । ସେଥିପାଇଁ କୁହାଯାଇଛି , ଜ୍ୟେଷ୍ଠଃ କୁଳଂ ବର୍ଦ୍ଧୟତି, ଜ୍ୟେଷ୍ଠଃ ପୂଜ୍ୟତମୋ ଲୋକେ ।

**ଶ୍ରୀକ୍ଷେତ୍ରବିହାର, ଭୁବନେଶ୍ୱର**
**ମୋ-୯୮୬୧୪୭୦୧୯୮**

# ମାନବ ଜୀବନ ନୁହଁଇ କେବଳ ବର୍ଷ ମାସ ଦିନ ଦଣ୍ଡ...

ଡକ୍ଟର ସୁରେଶ କୁମାର ନାୟକ

ଆଜିର ସମୟକୁ ଦେଖନ୍ତୁ । ଆମେ ଭଲ ଭାବେ ଜାଣିଛେ ସତ୍ୟ ହିଁ ଈଶ୍ୱର । ସତ୍ୟକୁ ସମ୍ପୂର୍ଣ୍ଣ ଉପେକ୍ଷା କରି କେହି ଜୀବନଯାପନ କରିପାରିବେ ନାହିଁ । ପ୍ରତ୍ୟେକଙ୍କୁ ସତ୍ୟ ପ୍ରତି ଧ୍ୟାନ ଦେବାକୁ ହେବ ଏବଂ ଜୀବନକୁ ସାର୍ଥକ କରିବାଲାଗି କାହା ଆଗରେ ହେଲେ ସତ କହିବାକୁ ହେବ । ସେହି ସତ କହିବା ମୁହୂର୍ତ୍ତଟି ହେଉଛି ଦିବ୍ୟ ମୁହୂର୍ତ୍ତ । ଯେଉଁ ମୁହୂର୍ତ୍ତରେ ସେ ସତ କହେ, ପ୍ରେମ କରେ ବା ସେବା କରେ ସେତେବେଳେ ସେ ହେଉଛି ଜଣେ ଗୁରୁ ଆଶ୍ରିତ ଓ ଆସ୍ତିକ । ତେଣୁ ପ୍ରେମ ଓ ସେବା ଏକ ପରିପୂର୍ଣ୍ଣ ଜୀବନର ସ୍ୱାଭାବିକ ଅଭିବ୍ୟକ୍ତି ।

ଜଗତର ହିତ ପାଇଁ ଏହା ହିଁ ଏକମାତ୍ର ପଥ। କିନ୍ତୁ ଆତ୍ମଭାବ, ସେବାଭାଗ, ତ୍ୟାଗଭାବ ଓ ପ୍ରେମ ଭାବ ପ୍ରଭୃତି ଭାବମାନ ଏପରି ପବିତ୍ର ଆବେଗ ଯେ ଜଣେ ଏଗୁଡ଼ିକୁ କେବଳ ଶ୍ରଦ୍ଧାଯୁକ୍ତ ନିରବଚ୍ଛିନ୍ନ ଆଧ୍ୟାତ୍ମିକ ସାଧନ କରି ଗୁରୁଦେବଙ୍କ କୃପା ପ୍ରାପ୍ତ ହୋଇପାରିବ । ତେଣୁ ଭଗବାନଙ୍କ ନିର୍ଦ୍ଦେଶିତ ଏହି ପୂର୍ଣ୍ଣାଙ୍ଗ ସାଧନ ହେଲା ଏକ ସମୟରେ ନିଜ ହୃଦୟନିବାସୀ ଓ ସର୍ବହୃଦୟ ନିବାସୀ, ଏକ ମେବ ଅଦ୍ୱୈତୀୟ । ପରମ ପ୍ରେମମୟ ଗୁରୁଦେବଙ୍କ ଉପାସନା ।

ଭଗବାନଙ୍କ ପ୍ରତି ଯାହାର ଭକ୍ତିଭାବ ଅଧିକ ଏବଂ ଯିଏ ଗୁରୁଙ୍କ ଈଶ୍ୱରଙ୍କ ସ୍ୱରୂପ ମନେ କରେ, ସମସ୍ତ ଶାସ୍ତ୍ରର ଶିକ୍ଷା ପାଇବାକୁ ସେ ସମର୍ଥ ହୁଏ । ଗୁରୁଙ୍କର ଉପଦେଶକୁ ଯିଏ ଅକ୍ଷରେ ଅକ୍ଷରେ ପାଳନ କରେ, ତାଙ୍କର ମହିମାକୁ ଅଜ୍ଞାତାମାନଙ୍କ ମଧ୍ୟରେ ଜୀବନ ପର୍ଯ୍ୟନ୍ତ ପ୍ରଚାର କରେ ସିଏ ହେଉଛି ପ୍ରକୃତ ଶିଷ୍ୟ। ପ୍ରକୃତ ଶିଷ୍ୟ କେବଳ ଗୁରୁଙ୍କର ଆଧ୍ୟାତ୍ମିକ ସତ୍ତା ନେଇ ଚିନ୍ତିତ ଥାଏ। ମନୁଷ୍ୟ ରୂପରେ ଗୁରୁଙ୍କର କାର୍ଯ୍ୟ ତା ପାଇଁ ବିଶେଷ ମହତ୍ତ୍ୱ ରଖେ ନାହିଁ । ସେ ଏଥିରୁ ସଦାବେଳେ ନିର୍ଲିପ୍ତ ରହେ । ପ୍ରକୃତରେ ଗୁରୁ ଏବଂ ଶିଷ୍ୟ ଏକ ଓ ଅଭିନ୍ନ । ଗୁରୁ ଆଶୀର୍ବାଦ ଦିଅନ୍ତି, ଉପଦେଶ ଦିଅନ୍ତି ଏବଂ ଶିଷ୍ୟ ଭିତରେ ପ୍ରେରଣାର ସ୍ରୋତ ପ୍ରବାହ କରନ୍ତି । ତାର ଭାବାନ୍ତର କରନ୍ତି ଏବଂ ତାକୁ ଆଧ୍ୟାତ୍ମିକ ଶକ୍ତି ପ୍ରଦାନ କରନ୍ତି ।

ଯିଏ ନିରବଚ୍ଛିନ୍ନ ଭାବରେ ହୃଦୟନିବାସୀ ଗୁରୁଦେବଙ୍କୁ ଜପ, ଧ୍ୟାନ, ଭଜନ, ମନ୍ତ୍ର, ସ୍ମରଣ ଦ୍ୱାରା ସମର୍ପିତ ଭାବନାରେ ପ୍ରୀତ କରି ଆଧ୍ୟାତ୍ମିକ ହୃଦୟକୁ ପ୍ରଦୂଷଣମୁକ୍ତ କରେ ସେହି ବ୍ୟକ୍ତି ଶକ୍ତ ଭାବ କୁହାଯାଉଥିବା ଭଗବତ ଭାବ, ତ୍ୟାଗଭାବ, ପ୍ରେମଭାବ, ସେବାଭାବ, କ୍ଷମାଭାବ ଓ ପ୍ରଶାନ୍ତ ଭାବର ଗୌରବପୂର୍ଣ୍ଣ ଅଧିକାରୀ ହୋଇଥାଏ ଏବଂ ଗୁରୁଦେବଙ୍କ କୃପାଲାଭ ପୂର୍ବକ ଜୀବନ ମୁକ୍ତିପଥରେ ଆଗେଇ ଚାଲେ । ଏହି ଭାବରେ ଆତ୍ମାଙ୍କର ଆଲୋକରେ ପ୍ରତିଟି କୋଷ କର୍ମ କରିବା ପାଇଁ ଅଭିପ୍ରେତ । ମନୁଷ୍ୟର ପ୍ରକୃତି ସାଧାରଣତଃ ଚଞ୍ଚଳ ଓ କ୍ଷଣ ଭଙ୍ଗୁର । ଗୋଟିଏ ମୁହୂର୍ତ୍ତରେ ସେ ଆନନ୍ଦରେ ଗଦ ଗଦ ହୋଇଯାଉଥାଏ ଏବଂ ଗୋଡ଼ ତଳେ ଲାଗୁନଥାଏ, ପରମୁହୂର୍ତ୍ତରେ ଦୁଃଖ ପୁଣି ତାକୁ ଆଚ୍ଛନ୍ନ କରିବସେ ।

ଏହି ସମୟରେ ଅନେକ ପ୍ରଶ୍ନ ତା ଭିତରେ ଉଙ୍କିମାରେ । ଏହାର କାରଣ ହେଉଛି ଆମେ ସବୁ କଥାରେ ଏପରି ଦାସ ବନିଯାଇଥାଉ ଯେ ପ୍ରତିଦିନ ଆମର ମନକୁ ସ୍ଥିର ରଖିବା ପାଇଁ ଯେଉଁ ଧ୍ୟାନ ଆବଶ୍ୟକ ତାହା ଆମକୁ ଜଣାନାହିଁ । ଏଥିପାଇଁ ଆବଶ୍ୟକ ହେଉଛି ଏକ ଶୃଙ୍ଖଳିତ ଦିନଚର୍ଯ୍ୟା। ମନୁଷ୍ୟର ସବୁଠାରୁ ବଡ଼ ରିପୁ (ଶତ୍ରୁ) ହେଉଛି କାମନା। ବାହ୍ୟ ପଦାର୍ଥ ପ୍ରତି ଆକର୍ଷିତ ହେବା ଏହାର ଧର୍ମ। ତେଣୁ ଯେ କୌଣସି ସୌନ୍ଦର୍ଯ୍ୟ ପଦାର୍ଥ ଦେଖିଲେ ମନ ତାହା ପ୍ରତି ଆକର୍ଷିତ ହୋଇଯାଏ। ଫଳରେ ସାଧାରଣ ମନୁଷ୍ୟ ନିୟନ୍ତ୍ରଣ ହରାଇବସେ। ପ୍ରତ୍ୟେକ ଭକ୍ତ ଦୃଢ଼ ଭାବରେ ଏହାର ମୁକାବିଲା କରିବା ଉଚିତ। ମନର ଦୃଢ଼ତା ଦ୍ୱାରା ଏହା କରାଯାଇପାରିବ । ଭଗବାନ ବା ନିଜ ଗୁରୁ, ଇଷ୍ଟଙ୍କର ବାଣୀ ଚିନ୍ତନ ଓ ମନନ କରିବା ଏ ଦିଗରେ ସହାୟକ ହୋଇଥାଏ। ସବୁବେଳେ ମନକୁ ଭଗବାନ କିମ୍ବା ଗୁରୁଙ୍କ ସ୍ମରଣରେ ଲଗାଇ ଦେଲେ ତାହା ଇନ୍ଦ୍ରିୟଜନିତ ଅନ୍ୟ ବିଷୟ ଚିନ୍ତନରୁ ଦୂରେଇଯିବ।

ଆମେ ପ୍ରେମ ଓ ସେବାକୁ ଗୋଟିଏ ମୁଦ୍ରାର ଦୁଇଟି ପାର୍ଶ୍ୱପରି ବିଚାର ରଖୁଛୁଁ। ପ୍ରେମର ଦୃଶ୍ୟମାନ ରୂପଟି ହେଉଛି ସେବା। ଏକ ଚଢ଼େଇର ଜୀବନ ପ୍ରବାହ ଉଲ୍ଲେଖ କରୁଛି। ମାଆ ଚଢ଼େଇଟି ଯେଉଁ ଦିନରୁ ସନ୍ତାନ ସମ୍ଭବା ହୋଇଥାଏ ପ୍ରେମର ଅଲୌକିକ ପ୍ରେରଣାରେ ସେହି ମୁହୂର୍ତ୍ତରୁ ସେ ତାର ଆଗତ ସନ୍ତାନର ସୁଖ, ଶାନ୍ତି, ସୁରକ୍ଷା ନିମିତ୍ତ ଏକ ବସା ତିଆରି କରିବାରେ ଅହର୍ନିଶ ଲାଗିପଡ଼ିଥାଏ । ଏପରି କଳା କୌଶଳରେ ତା ବସାଟି ତିଆରି ହୋଇଥାଏ ଯେ ଗୋଟିଏ ସାମାନ୍ୟତମ ପାଣି ବୁନ୍ଦା ମଧ୍ୟ ଏହା ଭିତରକୁ ଯାଇପାରି ନଥାଏ।

ଚଢ଼େଇ ଛୁଆଟି ଅତି ଛୋଟ ଥିଲାବେଳେ ମାଆ ଚଢ଼େଇ ତା ହଜମ ଶକ୍ତିକୁ ଲକ୍ଷ୍ୟ ରଖି ଅଧାଖିଆ, ଅଧା ହଜମ ଖାଦ୍ୟ ତା ନିଜ ପାଟିରୁ କାଢ଼ି ଖୁଆଇଥାଏ ଏହା ହିଁ ଆତ୍ମଶକ୍ତିର ପ୍ରେରଣାରେ ରୂପାନ୍ତରିତ ସେବାର ଏକ ମହନୀୟ ରୂପ। ତେଣୁ ମୂଳତଃ ସେବାର ଗର୍ଭରେ ପ୍ରେମର ହିଁ ସୃଷ୍ଟି । ଏହା ପବିତ୍ର ଓ ସଂପ୍ରସାରିତ ହୋଇ ସାଧନାର ଏକ ନିରବଚ୍ଛିନ୍ନ ପ୍ରବାହ ଦିବ୍ୟପ୍ରେମର ପରିଧିକୁ ସ୍ପର୍ଶ କରିଥାଏ ।

ନିଜର କର୍ତ୍ତବ୍ୟ କରିବା ସମୟରେ ଜଣେ ଅହଂ ଶୂନ୍ୟ ହେବା ଉଚିତ । ନିଜକୁ କର୍ତ୍ତା ବୋଲି ମନେକରି ସବୁକିଛି ନିଜ ଗୁରୁଙ୍କୁ ସମର୍ପଣ କରିବା ଉଚିତ । ଶ୍ରୀମଦ୍ ଭଗବତ ଗୀତାର ମୂଲ୍ୟ ଓ ଶିକ୍ଷା ପ୍ରତି ଆମେମାନେ ବିଶେଷ ଯତ୍ନବାନ ହେବା ଉଚିତ, 'କର୍ମଣ୍ୟେ ବାଧିକାରସ୍ତ୍ୟେ ମା ଫଳେଷୁ କଦାଚନ / ମା କର୍ମଫଳହେତୁର୍ଭୂର୍ମା ତେ ସଙ୍ଗୋହୋସ୍ତ୍ୱକର୍ମଣି।' ଏହାର ଅର୍ଥ ହେଉଛି କର୍ମ କରିବାରେ ହିଁ ତୁମର ଅଧିକାର ରହିଛି, କର୍ମର ଫଳ ଉପରେ ତୁମର କଦାପି ଅଧିକାର ନାହିଁ । ତେଣୁ ତୁମେ କର୍ମଫଳର କାରଣ ହୁଅନାହିଁ ତଥା ତୁମର କର୍ମ ନକରିବାରେ ବି ଆସକ୍ତି ନ ହେଉ । ତେଣୁ ଉକ୍ତ କର୍ମର ଭାର ଆମେ ନିଜ ଉପରକୁ ମନେ କରିବା ନାହିଁ ।

ଗର୍ବ ଏବଂ ଅହଂକାରରୁ ସବୁ କ୍ଷେତ୍ରରେ ଦୂରେଇ ରହି କାର୍ଯ୍ୟ କରିବା ଫଳରେ ଆତ୍ମମାନଙ୍କର ଆଧ୍ୟାତ୍ମିକ ଉନ୍ନତି ତ୍ୱରାନ୍ୱିତ ହୋଇପାରିବ । ଉତ୍କଳମଣି ଗୋପବନ୍ଧୁଙ୍କ କାଳଜୟୀ ଧାଡ଼ିଟି ମନେପଡୁଛି - 'ମାନବ ଜୀବନ ନୁହଇ କେବଳ, ବର୍ଷ ମାସ ଦିନ ଦଣ୍ଡ, କର୍ମେ ଜୀଏଁ ନର କର୍ମ ଏକା ତାର ଜୀବନର ମାନଦଣ୍ଡ।'

**ଅଧ୍ୟକ୍ଷ, ଏସେଲ୍ସ ପବ୍ଲିକ ସ୍କୁଲ, ସେକ୍ଟର-୯, ସିଡିଏ, କଟକ, ମୋ-୯୪୩୭୨୨୫୫୯୨**

# ଗୁରୁ କୃପାର ଶକ୍ତି

ପ୍ରଦୀପ୍ତ କୁମାର କର

ଜୀବନ ଧାରଣ ପାଇଁ ମନୁଷ୍ୟ ଖାଦ୍ୟ , ବସ୍ତ୍ର ଓ ବାସଗୃହର ଏକାନ୍ତ ଆବଶ୍ୟକ । କିନ୍ତୁ ଏସବୁ କେବଳ ତାର ବାହ୍ୟ ଜୀବନ ସହିତ ଅଙ୍ଗାଙ୍ଗୀ ଭାବେ ଜଡିତ । କିନ୍ତୁ ନିଜ ଅନ୍ତଃକରଣରେ ନିଜର ଚେତନାରେ ସେ ତିନି ଜଣଙ୍କ ଆବଶ୍ୟକତାକୁ ଯଥା ଗୁରୁ, ଈଶ୍ୱର ଓ ମାତୃଶକ୍ତିକୁ କେବେ ବି ଏଡାଇ ପାରିବ ନାହିଁ । ଏହି ଦୁଇଟି ଆବଶ୍ୟକତା ପରସ୍ପର ପରିପୂରକ । ଏହି ଦୁଇଟି ଆବଶ୍ୟକତା ମନୁଷ୍ୟ ଜୀବନରେ ଏତେ ପରିମାଣରେ ଆବଶ୍ୟକତା ରହିଛି ଏକ ବିନା ଆରକ ଅଧୁରା ।

ମନୁଷ୍ୟର ଅନ୍ତଃକରଣରେ ସେ ଯଦି ସଚେତନ ଭାବର ଐଶରିୟ ସତ୍ତା, ଗୁରୁଶକ୍ତି ଓ ମାତୃଶକ୍ତି ପ୍ରତି ଆନ୍ତରିକ ନ ହୁଏ ତେବେ ତା' ଜୀବନରେ ପୂର୍ଣ୍ଣତା ଆସେନାହିଁ । ଈଶ୍ୱରଙ୍କୁ ପ୍ରାର୍ଥନା କଲେ ସେ ତୁଷ୍ଟ ହୋଇ ଭିକାରୀକୁ କୋଟିପତି କରାଇ ପାରନ୍ତି, ଏଥିପାଇଁ ଆମକୁ ଈଶ୍ୱରଙ୍କ ନିକଟତର ହେବାକୁ ହୋଇଥାଏ । କିନ୍ତୁ ଯେତେବେଳେ ଜଣେ ଜୀବାତ୍ମା ଯାଗ୍ରତାତ୍ମା ହୋଇ ଉଠନ୍ତି ଓ ଜୀବନର ପରମ ଲକ୍ଷ୍ୟ ସମ୍ବନ୍ଧରେ ସମ୍ପୂର୍ଣ୍ଣ ଅବଗତ ହୋଇ ଯାଆନ୍ତି ସେତେବେଳେ ସେହି ପଥରେ ଚାଲିବାକୁ ସ୍ୱୟଂ ଲୀଳାମୟ ଭଗବତ କୃପାରୁ ତାଙ୍କୁ ଗୁରୁ ଲାଭ କରାଇ ଥାଆନ୍ତି । ଅର୍ଥାତ୍ ଗୁରୁ ଉକ୍ତ ଜୀବାତ୍ମା ପାଖକୁ ଆସି ଥାଆନ୍ତି । ଗୁରୁ ଆମର ସମସ୍ତ ଭୋଗ ବିଳାସକୁ ପୂର୍ଣ୍ଣ କରି ନ ଥାଆନ୍ତି କିନ୍ତୁ ଆମ ଯେଉଁ ଶାଶ୍ୱତ ପଥକୁ ଜୀବନର ଚରମ ଲକ୍ଷ୍ୟ ସ୍ଥଳ ଚୟନ କରିଥାଉ ଗୁରୁ ସେହି ମାର୍ଗରେ ଆମର ମାର୍ଗ ଦର୍ଶକ ହୋଇଥାନ୍ତି । ଏହି ପଥରେ ଆମର ସୁରକ୍ଷା କବଚ ସାଜିଥାନ୍ତି । ଯଦି ଈଶ୍ୱର ପ୍ରେମର ପ୍ରତୀକ ତେବେ ଗୁରୁ ହେଉଛନ୍ତି ଜ୍ଞାନର ପ୍ରତୀକ ।

**ସତ୍ୟ, ପ୍ରେମ ଓ ଜ୍ଞାନ ଏହି ତିନିଗୋଟି ଆମ ଜୀବନର ଭିତ୍ତିଭୂମି । ଗୁରୁ ଶିଷ୍ୟର ପରମ୍ପରା ଆମ ଦେଶରେ ଅନେକ ଯୁଗରୁ ଚାଲି ଆସୁଛି । ଏହାର ଏତେ ଉଦାହରଣ ସୃଷ୍ଟି ହୋଇଛି ଯେ କହି ବସିଲେ ତାର ଅନ୍ତ ହେବ ନାହିଁ ।**

ମାଣ୍ଡିଆ ଫସଲର ପୋଷକ ଗୁଣ, ଚାଷ ପ୍ରଣାଳୀ, ଆର୍ଥିକ ଲାଭ ଓ ମନୁଷ୍ୟର ସ୍ୱାସ୍ଥ୍ୟ ଉପରେ ଅନୁକୂଳ ପ୍ରଭାବ ସମ୍ବନ୍ଧରେ ଆଲୋଚନା କରିବା ସହିତ ଏହି ଦିବସର ମୁଖ୍ୟ ଉଦ୍ଦେଶ୍ୟ ରହିଥିଲା। ଏହି ଅବସରରେ କ୍ଷେତ୍ର ବିଜ୍ଞାନ ବିଭାଗର ଶିକ୍ଷକ ଓ ଛାତ୍ରଛାତ୍ରୀଙ୍କ ଦ୍ୱାରା ଲିଖିତ ପୁସ୍ତିକା 'ବୈଜ୍ଞାନିକ ପ୍ରଣାଳୀରେ ଲଘୁଶସ୍ୟ ଚାଷ' ଉନ୍ମୋଚିତ ହୋଇଥିଲା। ମୁଖ୍ୟବକ୍ତା ଶ୍ରୀ ବିଦ୍ୟାଧର ମହାରଣା ଜଳବାୟୁ ସହନଶୀଳତା, ଖାଦ୍ୟ, ପୋଷଣ ଓ ଆର୍ଥିକ ସୁରକ୍ଷା ପାଇଁ ଲଘୁ ଶସ୍ୟ ଚାଷ ସଂପର୍କରେ ଆଲୋଚନା କରିଥିଲେ। ଏହି ସଭାରେ ଡକ୍ଟର ଶ୍ୱେତା ରଥ ମଂଚ ସଂଚାଳନ କରିଥିବାବେଳେ ଡକ୍ଟର ସରୋଜ କୁମାର ମହାନ୍ତି , ଡକ୍ଟର ଶୁଭପ୍ରଦ ଦାଶ, ଡକ୍ଟର ଗାୟତ୍ରୀ ମିଶ୍ର, ଡକ୍ଟର ବିଷ୍ଣୁପ୍ରିୟା ପାତ୍ର, ଡକ୍ଟର ସ୍ମୃତିଦେବପ୍ରିୟା ବେହେରା, ଡକ୍ଟର କୌଶିକାସ ଏବଂ ଡକ୍ଟର ରିତନ ଚୌଧୁରୀ ସଭା ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ସମସ୍ତ ବିଭାଗୀୟ ମୁଖ୍ୟ, ପ୍ରଫେସର, ପ୍ରାଧ୍ୟାପକ, ଅଧ୍ୟାପକ ଏବଂ ଛାତ୍ରଛାତ୍ରୀମାନେ ଉପସ୍ଥିତ ଥିଲେ। ଏହି ସଭାରେ କ୍ଷେତ୍ର ବିଜ୍ଞାନ ବିଭାଗର ମୁଖ୍ୟ ଡକ୍ଟର ବାସୁଦେବ ବେହେରା ଅତିଥିମାନଙ୍କୁ ସ୍ୱାଗତ ଦେଇଥିବାବେଳେ ପ୍ରଫେସର ଡକ୍ଟର ମନମୋହନ ମିଶ୍ର ଧନ୍ୟବାଦ ପ୍ରଦାନ କରିଥିଲେ।

## ମଦ ଚାଲାଣକାରୀକୁ ଧରିଲା ବେତନଟୀ ଅବକାରୀ ବିଭାଗ

# ୧୩ ଲି ଦେଶୀ ମଦ ଏବଂ ଏକ ବାଇକ ଜବତ

ବେତନଟୀ (ସବ୍ୟୁ): ମୟୂରଭଞ୍ଜ ଜିଲ୍ଲା ବେତନଟୀ ଥାନା ଅଧୀନ ତାରାକୋଟି ଠାରେ ଅଚାନକ ଚଢ଼ାଉ କରି ମଦ ଚାଲାଣକାରୀକୁ ଧରିଲା ବେତନଟୀ ଅବକାରୀ ବିଭାଗ । ଗିରଫ ଚାଲାଣକାରୀ ହେଉଛନ୍ତି ବେତନଟୀ ଥାନା ଅଧୀନ ବନମାଳି ସୋରେନ । ପ୍ରାପ୍ତ ସୂଚନା ମୁତାବକ ବନମାଳି ନିଜର ଏକ ବାଇକ ଯୋଗେ ପାଖାପାଖି ୧୩ ଲି ଦେଶୀ ମଦ ନେଇ ବିକ୍ରି ପାଇଁ ଯାଉଥିବା ବେଳେ ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ମଙ୍ଗଳବାର ଦିନ ବେତନଟୀ ଅବକାରୀ ଥାନା ଅଧିକାରୀ ପ୍ରଦୀପ କୁମାର ବେହେରା ସଦଳବଳ ପିଛା କରି ଉକ୍ତ ଚାଲାଣକାରୀକୁ ମାଡ଼ି ବସିଥିଲେ । ତାଙ୍କ ଠାରୁ ୧୩ ଲି ଦେଶୀ ମଦ ଏବଂ ଏକ ବାଇକ ଜବତ କରିବା ସହ ଏକ ମାମଲା ମୂଳେ ତାଙ୍କୁ କୋର୍ଟ ଚାଲାଣ କରିଛି ଅବକାରୀ ବିଭାଗ।

# ପାରାଦ୍ୱୀପ କଳିଙ୍ଗ ବାଲିଯାତ୍ରା ମହୋତ୍ସବରେ ଏଏମ୍ / ଏନ୍‌ଏସ୍ ଇଣ୍ଡିଆର ଆକର୍ଷଣୀୟ ଷ୍ଟଲ

ଭୁବନେଶ୍ୱର (ସବ୍ୟୁ): କଳିଙ୍ଗ ବାଲିଯାତ୍ରା ମହୋତ୍ସବରେ ଆର୍ସେଲରମିତ୍ତଲ ନିପ୍ପନ୍ ଷ୍ଟିଲ୍ ଇଣ୍ଡିଆ (ଏଏମ୍ / ଏନ୍‌ଏସ୍ ଇଣ୍ଡିଆ) ପାରାଦ୍ୱୀପର ବିଜୁ ମଇଦାନରେ ଏକ ଆକର୍ଷଣୀୟ ଷ୍ଟଲ୍ ସହିତ ଏହାର ଉପସ୍ଥିତି ଜାହିର କରିଛି । ଜଗତସିଂହପୁର ଅତିରିକ୍ତ ଜିଲ୍ଲାପାଳ ସମ୍ବିତ କୁମାର ରାଉତ ଏବଂ ପାରାଦ୍ୱୀପ ଅତିରିକ୍ତ ଜିଲ୍ଲାପାଳ ନିରଞ୍ଜନ ବେହେରା ମିଳିତ ଭାବେ ଏହି ଷ୍ଟଲକୁ ଉଦଘାଟନ କରିଥିଲେ । ଏହି ଅବସରରେ ପାରାଦ୍ୱୀପ ପୌରପାଳିକା ଅଧକ୍ଷ ବସନ୍ତ ବିଶ୍ୱାଳ ଏବଂ ପାରାଦ୍ୱୀପ ପୌରପାଳିକାର କାର୍ଯ୍ୟନିର୍ବାହୀ ଅଧିକାରୀ ଅଭିଷେକ ପଣ୍ଡା ଉପସ୍ଥିତ ଥିଲେ । ସ୍ଥାନୀୟ ମହିଳାମାନଙ୍କୁ ଆତ୍ମନିର୍ଭରଶୀଳ କରିବା ପାଇଁ ଏହାର ସିଏସ୍‌ଆର୍ ପଦକ୍ଷେପର ଏକ ଅଂଶ ଭାବରେ ଏଏମ୍ / ଏନ୍‌ଏସ୍‌ଇ ଣ୍ଡିଆ ବିଭିନ୍ନ ସ୍ୱୟଂ ସହାୟକ ଗୋଷ୍ଠୀ (ଏସ୍‌ଏଚଜି) ମାନଙ୍କୁ ସେମାନଙ୍କର ହସ୍ତତନ୍ତ ଉତ୍ପାଦ ପ୍ରଦର୍ଶନ ଏବଂ ବିକ୍ରୟ ପାଇଁ ଏକ ମଞ୍ଚ ପ୍ରଦାନ କରିଥିଲା । ଏହି ଷ୍ଟଲରେ ଆପ୍ଲିକ୍ ଆର୍ଟ (ଚନ୍ଦୁଆ) , ମିଲେଟ୍ ଭିତ୍ତିକ ଖାଦ୍ୟ, ଟେରାକୋଟା ମାଟିପାତ୍ର, ପ୍ରକ୍ରିୟାକୃତ ଶୁଖିଲା ଖାଦ୍ୟ ଏବଂ ହାତ ତିଆରି ଖେଳଣା ସହିତ ବିଭିନ୍ନ ପ୍ରକାରର ସାମଗ୍ରୀ ପ୍ରଦର୍ଶିତ ହୋଇଥିଲା, ଯାହା ବହୁ ସଂଖ୍ୟକ ପର୍ଯ୍ୟଟକଙ୍କୁ ଆକର୍ଷିତ କରିଥିଲା । ନୂଆଗଡ଼ର ଜାଗୃତି ଭେରାଇଟି ପ୍ରଡ୍ୟୁସର୍ସ ଗ୍ରୁପ୍, ବାଲଡିଆର ନୀଳମାଧବ ଏବଂ କୋହିନୂର ଉତ୍ପାଦକ ଗୋଷ୍ଠୀ, ଚକ୍ରଧରପୁରର





ମା ମଙ୍ଗଳା ଏସଏଚଜି, ବରେଇର ମା ବଜ୍ରବୁଧି ଉତ୍ପାଦକ ଗୋଷ୍ଠୀ ଏବଂ ଭୁତମୁଣ୍ଡାଇର ତ୍ରାହି ଅଚ୍ୟୁତ ଏସଏଚଜି ସଦସ୍ୟମାନେ ଏହି ଷ୍ଟଲରେ ନିଜ ଉତ୍ପାଦ ପ୍ରଦର୍ଶନ କରିଥିଲେ। ମହୋତ୍ସବର ସମସ୍ତ ଦିନରେ, ଏଏମ୍ /ଏନ୍‌ଏସ୍ ଇଣ୍ଡିଆ ଷ୍ଟଲ୍ ଉତ୍ସାହୀ ପରିଦର୍ଶକଙ୍କୁ ଆକର୍ଷିତ କରିଥିଲା ଯେଉଁମାନେ କେବଳ ହସ୍ତତନ୍ତ ଉତ୍ପାଦ କିଣି ନଥିଲେ ବରଂ କମ୍ପାନୀର ସିଏସ୍‌ଆର୍, ବିଶେଷକରି ସ୍ୱୟଂ ସହାୟକ ଗୋଷ୍ଠୀ (ଏସ୍‌ଏଚଜି) ମାଧ୍ୟମରେ ସ୍ଥାନୀୟ ମହିଳାମାନଙ୍କୁ ସଶକ୍ତ କରିବାରେ ଏହାର ପ୍ରଭାବଶାଳୀ ପ୍ରୟାସକୁ ପ୍ରଶଂସା କରିଥିଲେ । ଏହି ଅବସରରେ ଏଏମ୍ / ଏନ୍‌ଏସ୍ ଇଣ୍ଡିଆ ଓଡ଼ିଶା ଅପରେସନ୍ସ ମୁଖ୍ୟ ୟୁଏସଆର ରାଜୁ କହିଛନ୍ତି, "ଓଡ଼ିଶାର ସାଂସ୍କୃତିକ ଐତିହ୍ୟ ସହିତ ଆମର ସମ୍ପର୍କ ଏହି ଅଞ୍ଚଳ ପ୍ରତି ଆମର ଦୀର୍ଘମିଆଦୀ ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି । ଏହି ଉତ୍ସବ ମାଧ୍ୟମରେ ଆମେ ସାମାଜିକ ଉତ୍‌ଥାନ, ବିଶେଷକରି ମହିଳା ସଶକ୍ତିକରଣ ଏବଂ ରାଜ୍ୟର ସାମଗ୍ରିକ ବିକାଶ ପ୍ରତି ଆମର ପ୍ରତିବଦ୍ଧତାକୁ ପୁନଃସ୍ଥାପନ କରୁଛୁ।

## ଦିଲ୍ଲୀ ବିସ୍ଫୋରଣ ନେଇ ଭୁଟାନରୁ ମୋଦୀଙ୍କ ଚେତାବନୀ

# କୌଣସିମତେ ଦୋଷୀଙ୍କୁ ଛଡ଼ାଯିବନି

ଥିମ୍ପୁ: ନଭେମ୍ବର ୧୦ ତାରିଖ ସନ୍ଧ୍ୟାରେ ଦିଲ୍ଲୀରେ ହୋଇଥିବା ଏକ କାର୍ ବୋମା ବିସ୍ଫୋରଣ ସମସ୍ତଙ୍କୁ ଚମକାଇ ଦେଇଛି । ଏପର୍ଯ୍ୟନ୍ତ ୧୩ ଜଣଙ୍କର ମୃତ୍ୟୁ ହୋଇଛି । ଜାତୀୟ ରାଜଧାନୀର ଅବସ୍ଥିତି ଏବଂ ଲାଲକିଲ୍ଲା ଭଳି ଏକ ସମ୍ବେଦନଶୀଳ ଅଞ୍ଚଳ ଯୋଗୁ ପରିସ୍ଥିତି ଅତ୍ୟନ୍ତ ଗମ୍ଭୀର ରହିଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦିଲ୍ଲୀ କାର୍ ବୋମା ବିସ୍ଫୋରଣ ପାଇଁ ଶୋକ ପ୍ରକାଶ କରିଛନ୍ତି ଏବଂ ଅପରାଧୀଙ୍କ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ପାଇଁ ଆହ୍ୱାନ ଦେଇଛନ୍ତି । ସେ କହିଛନ୍ତି ଯେ, ଏହି ଘଟଣାର ପଛରେ ଥିବା ଷଡ଼ଯନ୍ତ୍ରକାରୀଙ୍କୁ ଛଡ଼ାଯିବ ନାହିଁ ଏବଂ ଦାୟୀ ସମସ୍ତଙ୍କୁ ଆଇନର କାଠଗଡ଼ାରେ ଛିଡ଼ା କରାଯିବ ।

ପ୍ରଧାନମନ୍ତ୍ରୀ ଦୁଇ ଦିନିଆ ରାଜ୍ୟ ଗସ୍ତ ପାଇଁ ପଡ଼ୋଶୀ ଦେଶ ଭୁଟାନ ଯାତ୍ରା କରିଛନ୍ତି । ନଭେମ୍ବର ୧୧ ତାରିଖରେ ସେ ରାଜଧାନୀ ଥିମ୍ପୁରେ ଲୋକମାନଙ୍କୁ ସମ୍ବୋଧିତ କରିଛନ୍ତି । ଭୁଟାନ-ଭାରତ ସମ୍ପର୍କ



ଉପରେ ଭାଷଣ ଦେବା ସମୟରେ ପ୍ରଧାନମନ୍ତ୍ରୀ ଦିଲ୍ଲୀରେ ହୋଇଥିବା କାର ବିସ୍ଫୋରଣର ମଧ୍ୟ ଉଲ୍ଲେଖ କରିଛନ୍ତି । ପ୍ରଧାନମନ୍ତ୍ରୀ କହିଛନ୍ତି, ଆଜି ମୁଁ ବହୁତ ଦୁଃଖିତ ହୃଦୟରେ ଭୁଟାନ ଆସିଛି । ଗତକାଲି ସନ୍ଧ୍ୟାରେ ଦିଲ୍ଲୀରେ ଘଟିଥିବା ଭୟଙ୍କର ଘଟଣା ସମସ୍ତଙ୍କୁ ଗଭୀର ଭାବରେ ଦୁଃଖିତ କରିଛି । ମୁଁ ପ୍ରଭାବିତ ପରିବାରର ଦୁଃଖ ବୁଝିପାରୁଛି । ଆଜି ସମଗ୍ର ଦେଶ ସେମାନଙ୍କ ସହିତ ଠିଆ ହୋଇଛି । ଗତକାଲି ରାତି ସାରା ମୁଁ ଏହି ଘଟଣାର ତଦନ୍ତ କରୁଥିବା ସମସ୍ତ ଏଜେନ୍ସି ସହିତ ଯୋଗାଯୋଗରେ ଥିଲି । ଆମର ଏଜେନ୍ସିଗୁଡ଼ିକ ଏହି ଷଡ଼ଯନ୍ତ୍ରର ମୂଳ ପର୍ଯ୍ୟନ୍ତ ପହଞ୍ଚିବେ । ଏହା ପଛରେ ଥିବା ଅପରାଧୀମାନଙ୍କୁ ଛଡ଼ାଯିବ ନାହିଁ । ଦାୟୀ ସମସ୍ତଙ୍କୁ ସମସ୍ତଙ୍କୁ ଆଇନର କାଠଗଡ଼ାକୁ ଅଣାଯିବ ବୋଲି ସେ କହିଛନ୍ତି ।

ପ୍ରଧାନମନ୍ତ୍ରୀ କହିଛନ୍ତି, ମୁଁ ଆଜି ଏହି ମଞ୍ଚରୁ ଆଉ ଏକ ଗୁରୁତ୍ୱପୂର୍ଣ୍ଣ ଘୋଷଣା କରୁଛି । ନିକଟ ଭବିଷ୍ୟତରେ, ଭାରତ ପରିଦର୍ଶକ ଏବଂ ନିବେଶକମାନଙ୍କୁ ଅଧିକ ସୁବିଧା ପ୍ରଦାନ କରିବା ପାଇଁ ଗେଲେଫୁ ନିକଟରେ ଏକ ଚେକପଏଣ୍ଟ ମଧ୍ୟ ନିର୍ମାଣ କରିବ । ସେ କହିଛନ୍ତି, ଭାରତ ଏବଂ ଭୁଟାନର ପ୍ରଗତି ଏବଂ ସମୃଦ୍ଧି ପରସ୍ପର ସହିତ ଜଡିତ । ଏହି ଭାବନାରେ, ଗତ ବର୍ଷ ଭାରତ ସରକାର ଭୁଟାନର ପଞ୍ଚବାର୍ଷିକ ଯୋଜନା ପାଇଁ ୧୦,୦୦୦କୋଟି ଟଙ୍କାର ଅବଦାନ ଘୋଷଣା କରିଥିଲେ । ଏହି ରାଶି ରାସ୍ତା ଠାରୁ କୃଷି, ଆର୍ଥିକ ସ୍ୱାସ୍ଥ୍ୟସେବା ପର୍ଯ୍ୟନ୍ତ ପ୍ରତ୍ୟେକ କ୍ଷେତ୍ରରେ ବ୍ୟବହୃତ ହେଉଛି । ଯାହା ଭୁଟାନ ନାଗରିକଙ୍କ ଜୀବନକୁ ସହଜ କରିବାରେ ସାହାଯ୍ୟ କରୁଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି ।

ଅତୀତରେ, ଭାରତ ଭୁଟାନର ଲୋକମାନଙ୍କୁ ଅତ୍ୟାବଶ୍ୟକୀୟ ସାମଗ୍ରୀର ନିରବଚ୍ଛିନ୍ନ ଯୋଗାଣ ସୁନିଶ୍ଚିତ କରିବା ପାଇଁ ଅନେକ ପଦକ୍ଷେପ ନେଇଛି, ଏବଂ ଏବେ ସେଠାରେ ମଧ୍ୟ ୟୁପିଆଇ ପେମେଣ୍ଟ ବିସ୍ତାର ହେଉଛି । ଆମେ ଏହା ମଧ୍ୟ ସୁନିଶ୍ଚିତ କରିବା ପାଇଁ କାର୍ଯ୍ୟ କରୁଛୁ । ଭୁଟାନର ନାଗରିକମାନେ ଭାରତ ଗସ୍ତରେ ଆସିଲେ ୟୁପିଆଇର ସୁବିଧା ପାଇବେ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି ।

# ପାକ୍ ହାଇକୋର୍ଟ ନିକଟରେ କାର୍ ବିସ୍ଫୋରଣ, ୧୨ ମୃତ

ଇସଲାମାବାଦ: ପାକିସ୍ତାନ ରାଜଧାନୀ ଇସଲାମାବାଦସ୍ଥିତ ହାଇକୋର୍ଟ ନିକଟରେ ଏକ ବିସ୍ଫୋରଣ ଘଟିଛି । ଏହି ବିସ୍ଫୋରଣ ଏକ କାରରେ ହୋଇଛି । ଏହି ଘଟଣାରେ ୯ ଜଣଙ୍କ ମୃତ୍ୟୁ ଘଟିଥିବା କୁହାଯାଉଛି । ଏହା ସହିତ ୧୨ରୁ ଅଧିକ ଲୋକ ଆହତ ହୋଇଥିବା କୁହାଯାଉଛି । ପ୍ରାଥମିକ ତଦନ୍ତରୁ ଜଣାପଡିଛି ଯେ ଆକ୍ରମଣକାରୀ ଭିଡ଼ ସମୟରେ ମୁଖ୍ୟ ପ୍ରବେଶ ଦ୍ୱାର ନିକଟରେ ବିସ୍ଫୋରକ ଜ୍ୟାକେଟ ବିସ୍ଫୋରଣ କରିଥିଲା । ସୁରକ୍ଷା ଏଜେନ୍ସିଗୁଡ଼ିକ ଅଞ୍ଚଳକୁ ଘେରାବନ୍ଦୀ କରି ରଖିଛନ୍ତି, ଏବଂ ଇସଲାମାବାଦ ଏବଂ ରାଓ୍ୱଲପିଣ୍ଡିରେ ହାଇ ଆଲର୍ଟ ଜାରି କରାଯାଇଛି ।

ମଙ୍ଗଳବାର ମଧ୍ୟାହ୍ନ ପ୍ରାୟ ୧୨:୩୦ ସମୟରେ ବିସ୍ଫୋରଣ ଘଟିଥିବା ଜଣାପଡ଼ିଛି । ଘଟଣାସ୍ଥଳରେ ବହୁତ ଭିଡ଼ ହୋଇଥିଲା ଏବଂ କିଛି ଆଇନଜୀବୀ ଆହତ ହୋଇଥିବା କୁହାଯାଉଛି । ଏହା ଯୋଗୁ ଅଞ୍ଚଳରେ ଆତଙ୍କ ଖେଳିଯାଇଥିଲା । ବିସ୍ଫୋରଣ ପରେ ଅଞ୍ଚଳରେ ସୁରକ୍ଷା ବ୍ୟବସ୍ଥା ବୃଦ୍ଧି କରାଯାଇଛି । ସମସ୍ତ କୋର୍ଟ କାର୍ଯ୍ୟକୁ ସ୍ଥଗିତ ରଖାଯାଇଛି, ଏବଂ ପୁଲିସ ନାଗରିକମାନଙ୍କୁ ସତର୍କ ରହିବାକୁ ଏବଂ ଗୁଜବରୁ ଦୂରେଇ ରହିବାକୁ ଅନୁରୋଧ କରିଛ ।



ପାକିସ୍ତାନୀ ଗଣମାଧ୍ୟମ ରିପୋର୍ଟ ଅନୁସାରେ, କୋର୍ଟ କମ୍ପ୍ଲେକ୍ସର ପାର୍କିଂ ସ୍ଥାନରେ ପାର୍କିଂ ହୋଇଥିବା ଗାଡ଼ି ନିକଟରେ ବିସ୍ଫୋରଣ ଘଟିଥିଲା । ବିସ୍ଫୋରଣରେ ଅନେକ ଗାଡ଼ି କ୍ଷତିଗ୍ରସ୍ତ ହୋଇଥିଲା ଏବଂ ସେଠାରେ ଉପସ୍ଥିତ ଲୋକଙ୍କ ମଧ୍ୟରେ ଆତଙ୍କ ଖେଳିଯାଇଥିଲା । ସମସ୍ତ ଆହତଙ୍କୁ ତୁରନ୍ତ ପାକିସ୍ତାନ ଇନଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ୍ ସାଇନ୍ସେସ୍ (ପିଆଇଏମ୍ଏସ୍) ହସ୍ପିଟାଲକୁ ପଠାଯାଇଛି । ସେଠାରେ ସେମାନଙ୍କର ଚିକିତ୍ସା ଚାଲିଛ ।

## ଦେଶ ପାଇଁ ଅଶୁଭ "ନଭେମ୍ବର'

ପୁଣି ସେହି ନଭେମ୍ବର । ଦେଶର ପାଇଁ ଅଶୁଭ ନଭେମ୍ବର । ଏହି ମାସରେ ହିଁ ଅଘଟଣ ହେଉଛି ବାରମ୍ବାର । କେବେ ଆତଙ୍କୀ ଆକ୍ରମଣ ତ କେବେ ବିରାଟ ବିସ୍ଫୋରଣ ।

- ୮ ନଭେମ୍ବର ୧୯୯୧: ମୁମ୍ବାଇରେ କଲ୍ୟାଣ ଟ୍ରେନ୍ ବିସ୍ଫୋରଣ
- ୨୪ ନଭେମ୍ବର ୨୦୦୨: ରଘୁନାଥ ମନ୍ଦିର ଗୁଳିକାଣ୍ଡ
- ୨୩ ନଭେମ୍ବର ୨୦୦୭: ଲକ୍ଷ୍ନୌ, ବାରାଣସୀ ବିସ୍ଫୋରଣ
- ୨୬ ନଭେମ୍ବର ୨୦୦୮: ମୁମ୍ବାଇ ଆତଙ୍କୀ ଆକ୍ରମଣ
- ୨୯ ନଭେମ୍ବର ୨୦୧୬: ସେନା ଶିବିରରେ ଗ୍ରେନେଡ୍ ଆକ୍ରମଣ
- ୧୦ ନଭେମ୍ବର ୨୦୨୫: ଦିଲ୍ଲୀରେ ବୋମା ବିସ୍ଫୋରଣ

## ବ୍ୟବହୃତ କାର ବର୍ଷକରେ ୭ଥର ବିକ୍ରି

ନୂଆଦିଲ୍ଲୀ: ଦିଲ୍ଲୀର ଲାଲକିଲ୍ଲା ନିକଟରେ ବିସ୍ଫୋରଣ ପାଇଁ ଯେଉଁ କାରଟି ବ୍ୟବହୃତ ହୋଇଥିଲା ତାହା ଫରିଦାବାଦର ଥିବା ଜଣାପଡ଼ିଛି । ବ୍ୟବହୃତ ଆଇ ୨୦ କାରଟି ମାତ୍ର ଚାରି ଦିନ ପୂର୍ବରୁ ଫରିଦାବାଦର ଜଣେ



ଡିଲରଙ୍କଠାରୁ କିଣାଯାଇଥିଲା । ବିସ୍ଫୋରଣ ପରେ ଫରିଦାବାଦର ଡିଲରଙ୍କୁ ଦିଲ୍ଲୀ ପୁଲିସ ହେପାଜତକୁ ନେଇଛି । ଉକ୍ତ ଡିଲରଙ୍କ ନାମ ସୋନୁ ଥିବା ଜଣାପଡ଼ିଛି ।

ସୂଚନାଯୋଗ୍ୟ, ରୟାଲ କାର୍ ଜୋନର କାର୍ ଡିଲର ସୋନୁଙ୍କ କାର୍ଯ୍ୟାଳୟ ଫରିଦାବାଦର ସେକ୍ଟର ୩୭ରେ ଅଛି । ସେ ଓଏଲଏକ୍ସରେ କାର୍ ବିକ୍ରୟ ପାଇଁ ଏକ ବିଜ୍ଞାପନ ପୋଷ୍ଟ କରିଥିଲେ । ଏହାପରେ ତାଙ୍କ କାର ବିକ୍ରି ହୋଇଯାଇଥିଲା । ଫରିଦାବାଦର ପୁଲିସ ଅଧିକାରୀ ଯଶପାଲ ସିଂହ କହିଛନ୍ତି, "ସୋନୁଙ୍କୁ ଗିରଫ କରାଯାଇ ଦିଲ୍ଲୀ ସ୍ପେଶାଲ ସେଲକୁ ହସ୍ତାନ୍ତର କରାଯାଇଛି । ଲାଲକିଲ୍ଲା ସାମ୍ନାରେ ଭୟାବହ ବିସ୍ଫୋରଣ ହୋଇଥିବା ଆଇ୨୦ କାରଟି ଗୁରୁଗ୍ରାମର ନର୍ଥ ଆରଟିଓରେ ପଞ୍ଜିକୃତ ହୋଇଛି । ରିପୋର୍ଟରୁ ଜଣାପଡ଼ିଛି ଏହି କାରଟି ଗୋଟିଏ ବର୍ଷ ମଧ୍ୟରେ ଥରେ କି ଦୁଇଥର ନୁହେଁ ସାତ ଥର ବିକ୍ରି ହୋଇଛି । ଏଥିରୁ ପୁଲିସ ନିଶ୍ଚିତ ହୋଇଛି ଯେ ବିସ୍ଫୋରଣ ଏକ ଯୋଜନାବଦ୍ଧ ଆତଙ୍କବାଦୀ ଷଡ଼ଯନ୍ତ୍ରର ଫଳାଫଳ ।



ଭୁଟାନରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ବିପୁଳ ସ୍ୱାଗତ ସମ୍ବର୍ଦ୍ଧନା ।

## ମୋ ବାପାଙ୍କ ମୃତ୍ୟୁ ଖବର ମିଛ : ଈଶା ଦେଓଲ

ମୁମ୍ବାଇ : ଧର୍ମେନ୍ଦ୍ରଙ୍କ ମୃତ୍ୟୁ ଖବର ମଧ୍ୟରେ ଅଭିନେତାଙ୍କ ଝିଅ ଈଶା ଦେଓଲଙ୍କ ପ୍ରଥମ ପ୍ରତିକ୍ରିୟା ସାମ୍ନାକୁ ଆସିଛି । ତାଙ୍କ ଅଫିସିଆଲ୍ ଇନଷ୍ଟାଗ୍ରାମରେ ଏକ ପୋଷ୍ଟ ସେୟାର କରି ଏଶା କହିଛନ୍ତି ଯେ, ତାଙ୍କ ବାପାଙ୍କ ଅବସ୍ଥା ସ୍ଥିର ଅଛି । ଗଣମାଧ୍ୟମରେ ମିଥ୍ୟା ଖବର ପ୍ରସାରିତ ହେଉଛି । ସେ ଏହା ମଧ୍ୟ କହିଛନ୍ତି, ତାଙ୍କ ବାପାଙ୍କ ସ୍ୱାସ୍ଥ୍ୟ ଅବସ୍ଥାରେ ଉନ୍ନତି ହେଉଛି ।

ସୋମବାରଠାରୁ ଅଭିନେତା ଧର୍ମେନ୍ଦ୍ରଙ୍କୁ ମୁମ୍ବାଇର ବ୍ରିଚ୍ କ୍ୟାଣ୍ଡି ହସ୍ପିଟାଲରେ ଭର୍ତ୍ତି କରାଯାଇଛି । ସୁପରଷ୍ଟାର ସନି ଦେଓଲଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ଏକ ଅପଡେଟ୍ ଅନୁଯାୟୀ, ତାଙ୍କ ଅବସ୍ଥା ସ୍ଥିର ରହିଛି । ନଭେମ୍ବର ୧୧ ତାରିଖ ସକାଳେ, ଧର୍ମେନ୍ଦ୍ରଙ୍କ ମୃତ୍ୟୁର ମିଥ୍ୟା ଖବର ଦ୍ରୁତ ଗତିରେ ବ୍ୟାପିଥିଲା, ଯାହାକୁ ଈଶା ଦେଓଲ ତୁରନ୍ତ ମିଥ୍ୟା ବୋଲି ଖାରଜ କରିଦେଲେ ଏବଂ ହେମା ମାଳିନୀ ମଧ୍ୟ ତାଙ୍କର ଆପତ୍ତି ପ୍ରକାଶ କଲେ । ଶ୍ୱାସକ୍ରିୟାରେ ଅସୁବିଧା ଯୋଗୁ ବରିଷ୍ଠ ଅଭିନେତା ଧର୍ମେନ୍ଦ୍ରଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା । ଗତକାଲି ତାଙ୍କ ଅବସ୍ଥା ବହୁତ ଖରାପ ହୋଇଯାଇଥିଲା, ଯାହା ଫଳରେ ପରିବାର ସଦସ୍ୟମାନେ ତାଙ୍କୁ ଜଣ ଜଣ କରି ଦେଖା କରିବାକୁ ଆସିଥିଲେ ।

## କଡା ନିର୍ଦ୍ଦେଶ ଦେଲେ ଶାହା



ନୂଆଦିଲ୍ଲୀ : ଲାଲକିଲ୍ଲା ନିକଟରେ ବିସ୍ଫୋରଣ ପରେ ଜାତୀୟ ରାଜଧାନୀ ଏବଂ ଦେଶର ଅନ୍ୟାନ୍ୟ ସ୍ଥାନରେ ସୁରକ୍ଷା ପରିସ୍ଥିତି ସମୀକ୍ଷା କରିବା ପାଇଁ ମଙ୍ଗଳବାର କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ଦୁଇଟି ସମୀକ୍ଷା ବୈଠକର ଅଧ୍ୟକ୍ଷତା କରିଥିଲେ । ସେ କହିଥିଲେ ଯେ ଘଟଣା ପଛରେ ଥିବା ପ୍ରତ୍ୟେକ ଅପରାଧୀଙ୍କୁ ଧରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି । ଗୃହ ସଚିବ, ଏନଆଇଏ ଡିଜି ଏବଂ ତଦନ୍ତକାରୀ ସଂସ୍ଥାର ଅଧିକାରୀମାନେ ବୈଠକରେ ଉପସ୍ଥିତ ଥିଲେ । ଗୃହ ମନ୍ତ୍ରଣାଳୟ ବିସ୍ଫୋରଣ ତଦନ୍ତ ଦାୟିତ୍ୱ ଏନଆଇଏକୁ ହସ୍ତାନ୍ତର କରିଛି । ପ୍ରତ୍ୟେକ ଅପରାଧୀଙ୍କୁ ଧରାଯିବ ବୋଲି କେନ୍ଦ୍ର ଗୃହମନ୍ତ୍ରୀ ଚେତାବନୀ ଦେଇଛନ୍ତି । ସେ କହିଛନ୍ତି ବରିଷ୍ଠ ଅଧିକାରୀଙ୍କ ସହିତ ସମୀକ୍ଷା ବୈଠକରେ ଦୋଷୀଙ୍କୁ ଖୋଜିବା ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା । ଏହି କାର୍ଯ୍ୟରେ ସମ୍ପୃକ୍ତ ସମସ୍ତଙ୍କୁ କଠୋରତମ ଦଣ୍ଡ ଦିଆଯିବ । ଜମ୍ମୁ ଏବଂ କାଶ୍ମୀର ପୋଲିସ ମହାନିର୍ଦ୍ଦେଶକ ନଳିନ ପ୍ରଭାତ ମଧ୍ୟ ଅନଲାଇନରେ ବୈଠକରେ ଯୋଗ ଦେଇଥିଲେ । ବୈଠକ ସମୟରେ ଉଚ୍ଚ ଅଧିକାରୀମାନେ ବିସ୍ଫୋରଣ ପରବର୍ତ୍ତୀ ପରିସ୍ଥିତି ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ । ଗୃହ ମନ୍ତ୍ରଣାଳୟ ବିସ୍ଫୋରଣର ତଦନ୍ତ ଏନଆଇଏକୁ ମଧ୍ୟ ହସ୍ତାନ୍ତର କରିଛ । ଏହା ଏକ ସ୍ପଷ୍ଟ ସୂଚନା ଯେ ସରକାର ବିସ୍ଫୋରଣକୁ ଏକ ଆତଙ୍କବାଦୀ କାର୍ଯ୍ୟ ବୋଲି ବିବେଚନା କରିଛନ୍ତି । କାରଣ ଏନଆଇଏ କେବଳ ଆତଙ୍କବାଦୀ ମାମଲାଗୁଡ଼ିକର ତଦନ୍ତ କରିବାକୁ ଅଧିକାରପ୍ରାପ୍ତ ।

## ଅମୃତ ଭାରତ ଷ୍ଟେସନ ଯୋଜନାରେ ବିମଳାଗଡ଼ର ପୁନରୁଦ୍ଧାର

କୋଲକାତା : ଭାରତୀୟ ରେଳବାଇରେ ଷ୍ଟେସନଗୁଡ଼ିକର ବିକାଶ ପାଇଁ ରେଳ ମନ୍ତ୍ରଣାଳୟ ଅମୃତ ଭାରତ ଷ୍ଟେସନ ଯୋଜନା ଆରମ୍ଭ କରିଛି । ଏହି ଏବିଏସ୍ଏସ୍ ଯୋଜନାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଉନ୍ନତ ଭିତ୍ତିଭୂମି ମାଧ୍ୟମରେ ଯାତ୍ରୀ ଅଭିଜ୍ଞତା ବୃଦ୍ଧି କରିବା, ସ୍ଥାନୀୟ ପର୍ଯ୍ୟଟନକୁ ବୃଦ୍ଧି କରିବା, ଆଞ୍ଚଳିକ ଅର୍ଥନୈତିକ ବିକାଶ ଏବଂ ଷ୍ଟେସନଗୁଡ଼ିକୁ ମଲଟିମୋଡାଲ ସହରାଞ୍ଚଳ ଗତିଶୀଳତା ହବରେ ସଂକଳନ କରିବା । ଏହି ଯୋଜନା ଅଧୀନରେ ଦକ୍ଷିଣ ପୂର୍ବ ରେଳବାଇର ୭୨ଟି ଷ୍ଟେସନର ବିକାଶ କରାଯିବ । ପ୍ରତ୍ୟେକ ଷ୍ଟେସନ ପାଇଁ ବିସ୍ତୃତ ଯୋଜନା ପ୍ରସ୍ତୁତ କରାଯାଇଛି ଏବଂ ପ୍ରତ୍ୟେକ ଷ୍ଟେସନର ଆବଶ୍ୟକତା ଉପରେ ଆଧାର କରି ପର୍ଯ୍ୟାୟକ୍ରମେ କାର୍ଯ୍ୟ କରାଯାଏ । ଲକ୍ଷ୍ୟ ହେଉଛି



ଷ୍ଟେସନଗୁଡ଼ିକୁ ସ୍ୱଚ୍ଛ, ଅଧିକ ଆରାମଦାୟକ ଏବଂ ବ୍ୟବହାର କରିବାକୁ ସହଜ କରିବା ।

ସୁନ୍ଦରଗଡ଼ ଜିଲ୍ଲାର ଚକ୍ରଧରପୁର ଡିଭିଜନର ରାଉରକେଲା ଏବଂ ବରସୁଆଁ ମଧ୍ୟରେ ଥିବା ଏକ ଛୋଟ କିନ୍ତୁ ରଣନୈତିକ ଭାବରେ ଅବସ୍ଥିତ ଷ୍ଟେସନ, ବିମଳଗଡ଼ ରେଳ ଷ୍ଟେସନ, ଅମୃତ ଭାରତ ଷ୍ଟେସନ ଯୋଜନା ଅଧୀନରେ ଉନ୍ନତ କରାଯାଉଥିବା ଷ୍ଟେସନଗୁଡ଼ିକ ମଧ୍ୟରେ ଅନ୍ତର୍ଭୁକ୍ତ । ପୁନଃବିକାଶ କାର୍ଯ୍ୟର ଲକ୍ଷ୍ୟ ହେଉଛି ସାଧାରଣ ଷ୍ଟେସନକୁ ଏକ ସଫା, ଅଧିକ ସୁଗମ ଏବଂ ଯାତ୍ରୀ-ଅନୁକୂଳ ସୁବିଧାରେ ପରିଣତ କରିବା ଯେଉଁଥିରେ ଅନେକ ଯାତ୍ରୀ-କୈନ୍ଦ୍ରିକ ସୁବିଧା ରହିଛି । ବିମଳଗଡ଼ ଷ୍ଟେସନର ପୁନଃବିକାଶ ପାଇଁ ମୋଟ ଆନୁମାନିକ ଖର୍ଚ୍ଚ ୯.୮୪ କୋଟି ଟଙ୍କା ।

ଷ୍ଟେସନଟି ଯାତ୍ରୀ ଏବଂ ମାଲ ପରିବହନ ଉଭୟ ପାଇଁ ପରିବହନ କେନ୍ଦ୍ର ଭାବରେ କାର୍ଯ୍ୟ କରେ । ଏହା ବର୍ତ୍ତମାନ ଅମୃତ ଭାରତ ଷ୍ଟେସନ ଯୋଜନା ଅଧୀନରେ ଏକ ବଡ଼ ପରିବର୍ତ୍ତନର ସମ୍ମୁଖୀନ ହେଉଛି । ପୁନଃବିକାଶ କାର୍ଯ୍ୟ ସମୟରେ ବିମଳଗଡ଼ ଷ୍ଟେସନରେ ନିମ୍ନଲିଖିତ ଯାତ୍ରୀ ସୁବିଧା ଯୋଡାଯିବ ।

## ଜୈସର ମହିଳା କମାଣ୍ଡର ଡାକ୍ତର ଶାହିନ୍ଙ୍କ ପ୍ରଥମ ଫଟୋ ଜାରି

ନୂଆଦିଲ୍ଲୀ : ଦିଲ୍ଲୀ ଲାଲକିଲ୍ଲାବିସ୍ଫୋରଣ ପୂର୍ବରୁ ଦେଶର ବିଭିନ୍ନ ସ୍ଥାନରୁ ଅନେକ ଡାକ୍ତରଙ୍କୁ ଗିରଫ କରାଯାଇଥିଲା । ଏହା ମଧ୍ୟ କୁହାଯାଉଛି ଯେ, ଡାକ୍ତର ଉମର ଦିଲ୍ଲୀ ବିସ୍ଫୋରଣରେ ସାମିଲ ଥିଲେ । ଏହି ସମୟରେ, ଫରିଦାବାଦରେ ଜଣେ ମହିଳା ଡାକ୍ତର ଶାହିନ୍ ଶାହିଦଙ୍କୁ ସନ୍ଦିଗ୍ଧ ଆତଙ୍କବାଦୀ କାର୍ଯ୍ୟକଳାପ ଅଭିଯୋଗରେ ଗିରଫ କରାଯାଇଥିଲା । ତାଙ୍କର ପ୍ରଥମ ଫଟୋ ସାମ୍ନାକୁ ଆସିଛି । ଡାକ୍ତର ଶାହିନ୍ ଶାହିଦଙ୍କୁ ଜୈସର ଜଣେ ମହିଳା କମାଣ୍ଡର ବୋଲି କୁହାଯାଉଛି । ତାଙ୍କୁ ଭାରତରେ ଜମାତ-ଉଲ-ମୋମିନାତର କମାଣ୍ଡ ଦିଆଯାଇଥିଲା । ମହିଳାମାନଙ୍କୁ ମନସ୍ତାତ୍ତ୍ୱିକ ଯୁଦ୍ଧ, ପ୍ରଚାର ଏବଂ ପାଣ୍ଠି ସଂଗ୍ରହ ଭଳି କାର୍ଯ୍ୟରେ ସେ ସାମିଲ ଥିବା ଅଭିଯୋଗ ହୋଇଛି ।

ଡାକ୍ତର ଶାହିନ୍ ଶାହିଦ ଲକ୍ଷ୍ନୌର ବାସିନ୍ଦା ଏବଂ ଫରିଦାବାଦର ଅଲ ଫଲାହ ବିଶ୍ୱବିଦ୍ୟାଳୟରେ କାର୍ଯ୍ୟ କରୁଛନ୍ତି । ମୁଜାମ୍ମିଲ ତାଙ୍କୁ ତାଙ୍କ କାରରେ ଏକେ୪୭ ଲୁଚାଇବାକୁ ଅନୁମତି ଦେଇଥିବା ସୂଚନା ଆଧାରରେ ଫରିଦାବାଦ ପୁଲିସ ତାଙ୍କୁ ଗିରଫ କରିଥିଲା ।

ତଦନ୍ତରୁ ଜଣାପଡ଼ିଥିଲା, ସେ ଏହି ଆତଙ୍କବାଦୀ ନେଟୱାର୍କର ଅଂଶ ଥିଲେ । ସେ



ଜୈସ୍-ଏ-ମହମ୍ମଦ ମୁଖ୍ୟ ମାସୁଦ ଆଝାରଙ୍କ ଭଉଣୀ ଶାହିଦା ଆଝାରଙ୍କ ସହ ସମ୍ପର୍କରେ ଥିଲେ । ତାଙ୍କ ନିର୍ଦ୍ଦେଶରେ ସେ ଭାରତରେ ଜୈସ୍ ପାଇଁ ଏକ ମହିଳା ଆତଙ୍କବାଦୀ ବ୍ରିଗେଡ୍ ପ୍ରସ୍ତୁତ କରୁଥିଲା । ସେ ଜୈସର ଜମାତ ଉଲ ମୋମିନାତ ସଂଗଠନ ସହିତ ଜଡିତ ଥିଲେ । ସୋମବାର ସନ୍ଧ୍ୟାରେ ଦିଲ୍ଲୀରେ ହୋଇଥିବା ବିସ୍ଫୋରଣ ପରଠାରୁ, ଦେଶର ଅନେକ ଡାକ୍ତରଙ୍କ ଉପରେ ନଜର ରଖାଯାଇଛି । ଏହି ମାମଲା ସହିତ ଜଡିତ ଅନେକ ଡାକ୍ତରଙ୍କୁ ବର୍ତ୍ତମାନ ପଚରାଉଚରା କରାଯାଉଛି । ଏହି ସମୟରେ, ଅନେକ ଡାକ୍ତର ତଦନ୍ତକାରୀ ସଂସ୍ଥାର ରାଡାରରେ ମଧ୍ୟ ଅଛନ୍ତି । ବିସ୍ଫୋରଣ ପରଠାରୁ ଲକ୍ଷ୍ନୌରୁ କଶ୍ମୀର ପର୍ଯ୍ୟନ୍ତ ବିଭିନ୍ନ ସ୍ଥାନରେ ଚଢାଉ କରାଯାଇଛି । ତଦନ୍ତକାରୀ ସଂସ୍ଥାଗୁଡ଼ିକ ଅନୁସାରେ ସମସ୍ତ ଡାକ୍ତର ପରସ୍ପର ସହିତ ଜଡିତ ଏବଂ ସେମାନେ ଦିଲ୍ଲୀ ବିସ୍ଫୋରଣ ଘଟାଇଥିଲେ । ଏପର୍ଯ୍ୟନ୍ତ ଏହି ମାମଲାରେ ୧୨ ଜଣଙ୍କର ମୃତ୍ୟୁ ହୋଇଛି । ତଦନ୍ତକାରୀ ସଂସ୍ଥାଗୁଡ଼ିକ ବିଭିନ୍ନ ଦୃଷ୍ଟିକୋଣରୁ ମାମଲାର ତଦନ୍ତ କରୁଛନ୍ତି ।

## ନାଥଦ୍ୱାରାରେ ଅମ୍ବାନୀଙ୍କ 'ଯାତ୍ରୀ ଓ ସେବା ସଦନ' ପ୍ରକଳ୍ପ ଘୋଷଣା

ଜୟପୁର : ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ଅଧ୍ୟକ୍ଷ ମୁକେଶ ଅମ୍ବାନୀ ପ୍ରସିଦ୍ଧ ହିନ୍ଦୁ ତୀର୍ଥସ୍ଥଳ ଶ୍ରୀନାଥଜୀଙ୍କ ସହର ନାଥଦ୍ୱାରାରେ ଏକ ଆଧୁନିକ "ଯାତ୍ରୀ ଏବଂ ବରିଷ୍ଠ ସେବା ସଦନ" ନିର୍ମାଣ ଘୋଷଣା କରିଛନ୍ତି । ସେ ଶ୍ରୀନାଥଜୀ ମନ୍ଦିରକୁ ୧୫ କୋଟି ଟଙ୍କା ମଧ୍ୟ ପ୍ରଦାନ କରିଛନ୍ତି । ଅମ୍ବାନୀ ରବିବାର ଦିନ ଶ୍ରୀନାଥଜୀଙ୍କ ଭୋଗ-ଆରତୀ ଓ ଦର୍ଶନ କରିବା ସହିତ ପୂଜ୍ୟ ଗୁରୁ ବିଶାଳ ବାବା ସାହେବଙ୍କଠାରୁ ଆଶୀର୍ବାଦ ନେଇଥିଲେ ।

ଏହି ନୂତନ ସେବା ସଦନ ତୀର୍ଥଯାତ୍ରୀ ଏବଂ ବରିଷ୍ଠ ବୈଷ୍ଣବ ଭକ୍ତଙ୍କ ପାଇଁ ସମର୍ପିତ ରହିବ । ଏଥିରେ ୧୦୦ ରୁ ଅଧିକ କୋଠରୀ ରହିବ, ଯାହା ସୁରକ୍ଷିତ ଏବଂ ସମ୍ମାନଜନକ ଆବାସ ସୁବିଧା ପ୍ରଦାନ କରିବ । ଏଠାରେ ଏକ ୨୪ ଘଣ୍ଟା ଚାଲୁଥିବା ଚିକିତ୍ସାୟୁନିଟ୍, ନର୍ସିଂ ଏବଂ ଫିଜିଓଥେରାପି ସେବା, ସତସଙ୍ଗ ଏବଂ ପ୍ରବଚନ ହଲ୍ ଏବଂ ପୁଷ୍ଟିମାର୍ଗ ଥାଳ-ପ୍ରସାଦ ପରମ୍ପରା ଉପରେ ଆଧାରିତ ଭୋଜନ ବ୍ୟବସ୍ଥା ମଧ୍ୟ ରହିବ । ଏହି ବିଶେଷ ଅବସରରେ ଅମ୍ବାନୀ କହିଥିଲେ, "ଆମେ ଗର୍ବ କରିବା ଉଚିତ ଯେ ଆମେ ବୈଷ୍ଣବ । ସନାତନ ଧର୍ମ ଏବଂ ଆଚାର୍ଯ୍ୟ ପରମ୍ପରାର ଅନୁଗାମୀ ।"ମୁକେଶ ଅମ୍ବାନୀଙ୍କ ସାନ ପୁଅ ଅନ" ଅମ୍ବାନୀ ଏହି ପ୍ରକଳ୍ପରେ ସିଧାସଳଖ ଜଡିତ ରହିଛନ୍ତି । ଏହି ପ୍ରକଳ୍ପର ଲକ୍ଷ୍ୟ ହେଉଛି ଯେ ନାଥଦ୍ୱାରାକୁ ଆସୁଥିବା ପ୍ରତ୍ୟେକ ଭକ୍ତ ସେବା, ସମ୍ମାନ ଏବଂ ଭକ୍ତିରେ ପରିପୂର୍ଣ୍ଣ ପରିବେଶରେ ରହିପାରିବେ । ପ୍ରାୟ ୫୦ କୋଟି ଟଙ୍କା ବ୍ୟୟରେ ନିର୍ମିତ ହେବାକୁ ଥିବା ଏହି ସେବା ସଦନ ଆଗାମୀ ତିନି ବର୍ଷ ମଧ୍ୟରେ ସମ୍ପୂର୍ଣ୍ଣ ହେବାର ଆଶା ରହିଛି । ରବିବାର ଦିନ ମୁକେଶ ଅମ୍ବାନୀ କେରଳର ତ୍ରିସୁର ଜିଲ୍ଲା ସ୍ଥିତ ଗୁରୁବାୟୁର ଶ୍ରୀକୃଷ୍ଣ ମନ୍ଦିରରେ ଦର୍ଶନ କରିବା ସହିତ ମନ୍ଦିର ଟ୍ରଷ୍ଟକୁ ୧୫ କୋଟି ଟଙ୍କା ପ୍ରଦାନ କରିଥିଲେ । ସେହିଭଳି



ଆନ୍ଧ୍ର ପ୍ରଦେଶର ତିରୁମାଲା ତିରୁପତି ଦେବସ୍ଥାନମରେ ଭଗବାନ ଶ୍ରୀ ଭେଙ୍କଟେଶ୍ୱରଙ୍କୁ ମଧ୍ୟ ସେ ଦର୍ଶନ କରିଥିଲେ । ଏଥିସହିତ ତିରୁମାଲାରେ ଶ୍ରୀ ଭେଙ୍କଟେଶ୍ୱର ଅନ୍ନ ପ୍ରସାଦମ ଟ୍ରଷ୍ଟକୁ ସମର୍ପିତ ଏକ ଅତ୍ୟାଧୁନିକ ରୋଷେଇଶାଳା (କିଚେନ) ନିର୍ମାଣ କରିବାକୁ ସେ ଘୋଷଣା କରିଥିଲେ । ତିରୁମାଲା ତିରୁପତି ଦେବସ୍ଥାନମ (ଟିଟିଡି) ସହଭାଗିତାରେ ନିର୍ମିତ ହେବାକୁ ଥିବା ଏହି ପବିତ୍ର କାର୍ଯ୍ୟରେ ଆନ୍ଧ୍ରପ୍ରଦେଶ ସରକାରଙ୍କ ପୂର୍ଣ୍ଣ ସହଯୋଗ ରହିଛି ।

## ଅପରେସନ ସିନ୍ଦୂରର ପ୍ରତିଶୋଧ : ବିବାଦୀୟ ପୋଷ୍ଟ ଭାଇରାଲ

ନୂଆଦିଲ୍ଲୀ: ଦିଲ୍ଲୀର ଲାଲକିଲ୍ଲା ନିକଟରେ ବିସ୍ଫୋରଣ ସମ୍ପର୍କରେ ଏକ ଗୁରୁତ୍ୱପୂର୍ଣ୍ଣ ପୋଷ୍ଟ ଭାଇରାଲ ହେଉଛି । ଏଥିରେ ଲସ୍କର-ଏ-ତୈବା ଆକ୍ରମଣ ପାଇଁ ନିଜକୁ ଦାୟୀ ବୋଲି ଦାବି କରିଛି । ସୋସିଆଲ ମିଡିଆରେ ଏକ ପୋଷ୍ଟରେ ପାକିସ୍ତାନୀ ସଂଗଠନ ଲସ୍କର-ଏ-ତୈବା ଭାରତରେ ବୋମା ବିସ୍ଫୋରଣ ପାଇଁ ନିଜକୁ ଦାୟୀ ବୋଲି କହିଛି ।

ସୋସିଆଲ ମିଡିଆ ପ୍ଲାଟଫର୍ମ ଟେଲିଗ୍ରାମରେ ଲସ୍କର-ଏ-ତୈବା ନାମରେ ଏକ ପୋଷ୍ଟ ଭାଇରାଲ ହେଉଛି ଯେଉଁଥିରେ ଦିଲ୍ଲୀରେ ବିସ୍ଫୋରଣ ପାଇଁ ଦାୟୀ ବୋଲି ଦାବି କରାଯାଇଛି । ତେବେ ଏହି ପୋଷ୍ଟକୁ ନିଶ୍ଚିତ କରାଯାଇ ନାହିଁ ।



ପୋଷ୍ଟରେ ଦାବି କରାଯାଇଛି ଯେ, ଅପରେସନ ସିନ୍ଦୂର ସମୟରେ ଏକ ଭାରତୀୟ କ୍ଷେପଣାସ୍ତ୍ର ପିଓକେର ବିଲାଲ ମସଜିଦ୍ ଉପରେ ଆକ୍ରମଣ କରିଥିଲା । ଏହା ସେହି ଆକ୍ରମଣର ପ୍ରତିଶୋଧ ବୋଲି କୁହାଯାଉଛି । ପୁଲିସ ଭାଇରାଲ ପୋଷ୍ଟର ତଦନ୍ତ କରୁଛି ।

ପୋଷ୍ଟରେ ଲେଖାଯାଇଛି, ଲସ୍କର-ଏ-ତୈବାର ସାହସୀ ଏବଂ ଭୟଙ୍କର ଟାଇଗରମାନେ ଆଜି, ନଭେମ୍ବର ୧୦, ୨୦୨୫ ସନ୍ଧ୍ୟା ୫ଟାରେ ଭାରତର ରାଜଧାନୀ ନୂଆଦିଲ୍ଲୀ ଉପରେ ଆକ୍ରମଣ କରିଥିଲେ । କିଛି ମାସ ପୂର୍ବେ କଶ୍ମୀରର ବିଲାଲ ମସଜିଦରେ ସହିଦଙ୍କ ପ୍ରତିଶୋଧ ନେବା ପାଇଁ ଏହି ଆକ୍ରମଣ କରାଯାଇଥିଲା । ଯେଉଁଠାରେ ୫୦ ରୁ ଅଧିକ ଲୋକ ପ୍ରାଣ ହରାଇଥିଲେ ।

ଏଥିରେ ଲେଖାଯାଇଛି, ଭଗବାନଙ୍କ ଜ ହେଉ! ଲସ୍କର-ଏ-ତୈବା ମସଜିଦ୍ର ପ୍ରତ୍ୟେକ ଇଟାର ପ୍ରତିଶୋଧ ନେବାକୁ ଏବଂ ପ୍ରତ୍ୟେକ ମନ୍ଦିରରେ ପହଞ୍ଚିବାକୁ ପ୍ରତିଜ୍ଞା କରିଛି । କଶ୍ମୀର ମୁକ୍ତ ନହେବା ପର୍ଯ୍ୟନ୍ତ ଏବଂ ଭାରତ ଧ୍ୱଂସ ନହେବା ପର୍ଯ୍ୟନ୍ତ ଏହି ଲଢ଼େଇ ଜାରି ରହିବ ।

ରଣଜୀ ଟ୍ରଫି

# ପରାଜୟ ଲଜ୍ଜା ମୁଣ୍ଡାଇଲା ଓଡିଶା

ନାଗପୁର, ୧୧।୧୧(ଏଜେନ୍ସି) : ରଣଜୀ ଟ୍ରଫି ଚତୁର୍ଥ ପର୍ଯ୍ୟାୟ ଲଢେଇରେ ଓଡିଶା ଆଣ୍ଠେଇଛି । ଚାମ୍ପିଅନ ଦଳ ବିଦର୍ଭ ବିପକ୍ଷରେ ପରାଜୟର ଲଜ୍ଜା ମୁଣ୍ଡାଇଛି ଓଡିଶା । ଏକଦା ୩୪୫ ରନ୍‌ର ବିଜୟ ଲକ୍ଷ୍ୟକୁ ଓଡିଶା ଚତୁର୍ଥ ଦିନ ହାସଲ କରିନେବା ଭଳି ଲାଗୁଥିଲା । କିନ୍ତୁ ଶତକୀୟ ଓପନିଂ ପାର୍ଟନରସିପ୍ ସତ୍ତ୍ୱେ ୨୪୪ ରନ୍‌ରେ ଦଳ ଅଲଆଉଟ୍ ହେବା ଦଳର ବ୍ୟାଟିଂ ବିଫଳତା ତଥା ବେପରୁଆ ପ୍ରଦର୍ଶନକୁ ପଦାରେ ପକାଇଛି । ମଧ୍ୟମକ୍ରମ ବ୍ୟାଟରଙ୍କ ଚରମ ବିଫଳତା ଯୋଗୁଁ ଚଳିତ ରଣଜୀ ଋତୁରେ ଓଡିଶା ତୃତୀୟ ପରାଜୟ ବରଣ କରିଛି । ବିଦର୍ଭ ପ୍ରଥମ ଇନିଂସରେ ୨୮୬ ଓ ଦ୍ୱିତୀୟ ଇନିଂସରେ ୨୧୮/୨ ରନ କରି ପାଳି ଘୋଷଣା କରିବା ସହ ଏକ ସାହସିକ ପଦକ୍ଷେପ ନେଇଥିଲା । ଓଡିଶା ପ୍ରଥମ ପାଳିରେ ୧୬୦ ରନ୍ କରି ଅଳ୍ପକେ ଫଲୋ ଅନ୍‌ରୁ ବର୍ତ୍ତି ଯାଇଥିଲା । ୩୪୫ ରନ୍‌ର ବିଜୟ ଲକ୍ଷ୍ୟକୁ ପିଛା କରିଥିବା ଓଡିଶା ୨୪୪ ରନ୍ କରିବାକୁ



ସକ୍ଷମ ହୋଇଥିଲା । ତେଣୁ ବିଦର୍ଭ ୧୦୦ ରନର ବ୍ୟବଧାନରେ ବିଜୟ ଲାଭ କରି ଚଳିତ ରଣଜୀ ଋତୁରେ ୪ ମ୍ୟାଚରୁ ୧୯ ପଏଣ୍ଟ ହାସଲ କରି ଗ୍ରୁପ ଏ ଟେବୁଲ୍ ଶୀର୍ଷରେ ରହିଛି । ଦୁଇଟି ଯାକ ଇନିଂସରେ ଶତକୀୟ ପାଳି (୧୪୪ ଓ ୧୦୧ ରନ୍) ଖେଳିଥିବା ଧ୍ରୁବ ସୋରିଙ୍କୁ ପ୍ଲେୟାର ଅଫ ଦ ମ୍ୟାଚ୍ ବିବେଚିତ କରାଯାଇଥିଲା ।

ତୃତୀୟ ଦିନର ଅସମାପ୍ତ ଇନିଂସ ୪୪/୦ ରୁ ଓଡିଶା ବ୍ୟାଟିଂ ଆରମ୍ଭ କରିଥିଲା । ସ୍ୱସ୍ତିକ ସାମଲ ୨୫ ଓ ଗୌରଭ ଚୌଧୁରୀ ୧୭ ରନ୍ କରି ଅପରାଜିତ ଥିଲେ । ଦୁହେଁ ଇନିଂସକୁ ଆଗେଇ ନେଇଥିଲେ । ସ୍ୱସ୍ତିକ ୧୨୩ ବଲର ସମ୍ମୁଖୀନ ହୋଇ ୯ ଚୌକା ଓ ଗୋଟିଏ ଛକା ସହାୟତାରେ ୬୫ ରନ୍ କରି ଆଉଟ୍ ହେବାରୁ ମ୍ୟାଚ୍‌ର ମୋଡ ବଦଳି ଯାଇଥିଲା । ଗୌରଭ ଚୌଧୁରୀ ମାତ୍ର ୩ ରନ୍ ପାଇଁ ଅର୍ଦ୍ଧଶତକରୁ ବଞ୍ଚିତ ହୋଇଥିଲେ । ସେ ୪୭ ରନ୍ କରି ରେଖଡେଙ୍କ ଶିକାର ହୋଇଥିଲେ । ସନ୍ଦୀପ ପଟ୍ଟନାୟକ ୨୭, ଅଧିନାୟକ ଶୁଭ୍ରାଂଶୁ ସେନାପତି ୨୮ ରନ୍ କରି ଆଉଟ୍ ହେବା ଦଳ ପାଇଁ ଅଡୁଆ ଆଣି ଦେଇଥିଲା । ଚଳିତ ରଣଜୀ ଋତୁରେ ଶୁଭ୍ରାଂଶୁ ୮ ଟି ଇନିଂସ ଖେଳିଲେଣି । କିନ୍ତୁ ଗୋଟିଏ ବି ଶତକ ତାଙ୍କ ବ୍ୟାଟରୁ ଦେଖିବାକୁ ମିଳିନାହିଁ । ଫଳରେ ଓଡିଶାର ଅଦ୍ୟାବଧି ଦଳଗତ ସ୍କୋର ୩୦୦ ଛୁଇଁ ପାରିନାହିଁ । ପ୍ରତି ମ୍ୟାଚରେ ଓଡିଶା କେବଳ ୨୦୦ ରୁ ୨୫୦ ରନ୍ ମଧ୍ୟରେ ସୀମିତ ରହୁଛି । ତେଣୁ ହାତ ପାହାନ୍ତାରେ ଥିବା ବିଜୟ ମ୍ୟାଚକୁ ଓଡିଶା ଦଳ କରାୟତ କରିବା ପରିବର୍ତ୍ତେ ପ୍ରତିପକ୍ଷ ଦଳକୁ ବିଜୟ ଟେକି ଦେଉଛି । ସମ୍ବିତ ବରାଳ ୪, ଗୋବିନ୍ଦ ପୋଦାର ୪୬ ରନ୍ କରି ଆଉଟ୍ ହୋଇଥିବା ବେଳେ ତାଙ୍କ ପରବର୍ତ୍ତୀ ବ୍ୟାଟର ଦୁଇ ଅଙ୍କ ଛୁଇଁ ପାରିନଥିଲେ । ତେଣୁ ଚତୁର୍ଥ ଦିନ ଓଡିଶା ଦଳୀୟ ସ୍କୋରରେ ୨୦୦ ରନ୍ ଯୋଡିବାକୁ ସକ୍ଷମ ହୋଇଥିଲା । ବିଦର୍ଭର ପାର୍ଥ ରେଖଡେ ୫ ଟି , ପ୍ରଫୁଲ ହିଙ୍ଗ ୩ଟି ଓ ନଚିକେତ୍ ଭୁତେ ଗୋଟିଏ ୱିକେଟ୍ ସଫଳତା ହାସଲ କରିଥିଲେ । ବିଜୟ ସହ ବିଦର୍ଭ ୬ ପଏଣ୍ଟ ଲାଭ କରିଛି । ଓଡିଶା ୪ ମ୍ୟାଚରୁ କେବଳ ଗୋଟିଏ ପଏଣ୍ଟ ସହ ଟେବୁଲର ସପ୍ତମ ସ୍ଥାନରେ ରହିଛି ।

# ଇତିହାସ ରଚିଲେ ସମ୍ରାଟ ରାଣା

ନୂଆଦିଲ୍ଲୀ, ୧୧।୧୧(ଏଜେନ୍ସି) : ଇଜିପ୍ଟ କାଇରୋରେ ଭାରତର ସମ୍ରାଟ ରାଣା ଇତିହାସ ରଚିଛନ୍ତି । ଆଇଏସ୍ଏସ୍ଏଫ୍ ବିଶ୍ୱ ଚାମ୍ପିଅନସିପ୍‌ର ୧୦ ମିଟର ଏୟାର ପିସ୍ତଲ ଇଭେଣ୍ଟରେ ରାଣା ପ୍ରଥମ ବିଶ୍ୱ ଚାମ୍ପିଅନ ହୋଇଛନ୍ତି । ୧୦ ମିଟର ଏୟାର ପିସ୍ତଲ ଇଭେଣ୍ଟରେ ଅଲିମ୍ପିକ୍ସରେ ସାମିଲ ଅଛି । ପୁରୁଷ ୧୦ ମିଟର ଏୟାର ପିସ୍ତଲ ଫାଇନାଲରେ ରାଣା ୨୪୩.୭ ସ୍କୋର କରିଥିଲେ । ଚୀନର ହୁ କାଇଙ୍କୁ ମାପ୍ ଦେଇ ପ୍ରଥମରେ ରହିଥିଲେ । ହୁ କାଇ ୨୪୩.୩ ସ୍କୋର କରିଥିଲେ ।



ରାଣା ସ୍ୱର୍ଣ୍ଣ ସଫଳତା ପରେ କହିଛନ୍ତି, ଏବେ ବି ବିଶ୍ୱାସ ହେଉନାହିଁ । କାଇରୋ ସବୁବେଳେ ମୋ ପାଇଁ ସ୍ୱତନ୍ତ୍ର ରହିଛି । ୨୦୨୨ରେ ଜୁନିୟର ବିଶ୍ୱ ଚାମ୍ପିଅନସିପ୍‌ରେ ମୁଁ କାଇରୋରେ ଦୁଇଟି ପଦକ ଜିତିଥିଲି । ଏଠାକାର ମାହୋଲ ଭଲ ଲାଗେ । ଶେଷରେ ପ୍ରତ୍ୟେକ ସଟ୍ ପରେ ନିଜ ଟେକନିକ ଉପରେ ଧ୍ୟାନ ଦେବାକୁ ସେ ପ୍ରୟାସ କରୁଥିଲେ । ପୁରୁଷ ୧୦ ମିଟର ଏୟାର ପିସ୍ତଲ ଇଭେଣ୍ଟ ଫାଇନାଲ ଅତ୍ୟନ୍ତ ରୋମାଞ୍ଚକର ଥିଲା । ରାଣା, ହୁ କାଇ ଓ ଭାରତୀୟ ସୁଟର ବରୁଣ ତୋମାରଙ୍କ ମଧ୍ୟରେ କଡା ମୁକାବିଲା ଦେଖିବାକୁ ମିଳିଥିଲା । ରାଣା ଶେଷ ମୁହୂର୍ତ୍ତ ପର୍ଯ୍ୟନ୍ତ ଧୈର୍ଯ୍ୟ ଧରି ରହିଥିଲେ । ଯାହାର ଲାଭ ତାଙ୍କୁ ମିଳିଥିଲା । ତୋମାରଙ୍କୁ ବ୍ରୋଞ୍ଜ୍ ପଦକରେ ସନ୍ତୁଷ୍ଟ ହେବାକୁ ପଡିଛି । ସେ ୨୨୧.୭ ସ୍କୋର କରିଥିଲେ । ବିଶ୍ୱ ଚାମ୍ପିଅନସିପ୍‌ରେ ଏହା ପ୍ରଥମ ଥର ହୋଇଛି । କାରଣ ଦୁଇ ଭାରତୀୟ ସୁଟର ପୋଡିୟମ୍ ସେୟାର କରିଥିଲେ ।

ସେହିଭଳି ଭାରତୀୟ ପ୍ରତିଯୋଗୀ ଟିମ୍ ଇଭେଣ୍ଟରେ ଭଲ ପ୍ରଦର୍ଶନ ଦେଖାଇଛନ୍ତି । ରାଣା ୫୮୬, ତୋମାର ୫୮୬ ଓ ଶ୍ରବଣ କୁମାର ୫୮୨ ପଏଣ୍ଟ ସହ ଚମତ୍କାର ପ୍ରଦର୍ଶନ ବଳରେ ଦଳଗତ ଇଭେଣ୍ଟରେ ଭାରତ ସ୍ୱର୍ଣ୍ଣ ପଦକ ଜିତିଛି । ଇଟାଲୀ ରୌପ୍ୟ ଓ ଜର୍ମାନୀ ବ୍ରୋଞ୍ଜ ପଦକ ଜିତିଛି । ମହିଳାଙ୍କ ୧୦ ମିଟର ଏୟାର ପିସ୍ତଲ ଇଭେଣ୍ଟରେ ଭାରତର ମନୋଭକ୍କର ଓ ଇସା ସିଂ ଭଲ ପ୍ରଦର୍ଶନ କରିବା ସତ୍ତ୍ୱେ ପୋଡିୟମ୍ ଫିନିସ୍ କରିପାରିନଥିଲେ । ଦୁଇଥର ଅଲିମ୍ପିକ ମେଡାଲିଷ୍ଟରେ ମନୋଭକ୍କର ୧୪ ତମ ସଟ୍ ପରେ ସପ୍ତମ ସ୍ଥାନକୁ ଖସିଥିଲେ । ଇସା ଷଷ୍ଠ ସ୍ଥାନରେ ରହି ଯାତ୍ରା ଶେଷ କରିଛନ୍ତି । ଇସା ମନୁ ଓ ସୁରୁଚି ଇନ୍ଦର ସିଂଙ୍କ ଜମାଣିଆ ପ୍ରୟାସ ଯୋଗୁଁ ଭାରତ ୧୭୪୦ ସ୍କୋର କରି ଟିମ୍ ଇଭେଣ୍ଟରେ ରୌପ୍ୟ ପଦକ ଜିତିଛି ।

# ଭାରତ -ଦ. ଆଫ୍ରିକା ଟେଷ୍ଟ ପାଇଁ ସ୍ୱତନ୍ତ୍ର ମୁଦ୍ରା

କୋଲକାତା, ୧୧।୧୧(ଏଜେନ୍ସି) : ଭାରତ -ଦ. ଆଫ୍ରିକା ମଧ୍ୟରେ ଦୁଇ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ଶୃଙ୍ଖଳା ଖେଳାଯିବ । ନଭେମ୍ବର ୧୪ ରୁ ଏହି ଶୃଙ୍ଖଳା ଆରମ୍ଭ ହେବାକୁ ଯାଉଛି । ମହାତ୍ମା ଗାନ୍ଧି ଓ ନେଲସନ୍ ମଣ୍ଡେଲାଙ୍କ ନାମରେ ଏହି ଟ୍ରଫି ଟୁର୍ଣ୍ଣାମେଣ୍ଟ କରାଯାଇଛି । ଇଡେନ୍ ଗାର୍ଡେନରେ ଏହି ଶୃଙ୍ଖଳାର ପ୍ରଥମ ମ୍ୟାଚ୍ ଖେଳାଯିବ । ଟସ୍ ପାଇଁ ସ୍ୱତନ୍ତ୍ର କଏନ (ମୁଦ୍ରା )ପ୍ରସ୍ତୁତ କରାଯାଇଛି । ଏହି ମୁଦ୍ରାର ଗୋଟିଏ ପଟେ ଗାନ୍ଧିଙ୍କ ପ୍ରତିଛବି ଓ ଅନ୍ୟପଟେ ମଣ୍ଡେଲାଙ୍କ ଛବି ରହିଛି । ଉଭୟ ଦେଶର ମହାପୁରୁଷଙ୍କ ସମ୍ମାନ ପାଇଁ ଏହି



ପଦକ୍ଷେପ ଗ୍ରହଣ କରାଯାଇଛି । ଏହି ଟେଷ୍ଟ ଶୃଙ୍ଖଳା ବିଶ୍ୱ ଟେଷ୍ଟ ଚାମ୍ପିଅନସିପ୍‌ର ଅଂଶବିଶେଷ ଉଭୟ ଦଳ ଏହାକୁ ଜିତି ନିଜ ସ୍ଥିତି ମଜଭୁତ କରିବାକୁ ଚାହିଁବେ । ଇଡେନ୍ ଗାର୍ଡେନ୍‌ରେ ମୋଟ ଉପରେ ୪୩ତମ ଟେଷ୍ଟ ମ୍ୟାଚ୍ ଖେଳାଯିବ । ଘରୋଇ ପରିବେଶରେ ଭାରତର ପଲ୍ଲା ମଜଭୁତ ରହିବ ବୋଲି ଆଶା କରାଯାଉଛି । ୧୫ ବର୍ଷ ହେବ ଦ. ଆଫ୍ରିକା ଦଳ ଭାରତରେ କୌଣସି ଶୃଙ୍ଖଳା ଜିତିନାହିଁ ।

# ରାଜ୍ୟସ୍ତରୀୟ ଦୌଡ଼କୁଦ, ସଫ୍ଟବଲ : ମୟୂରଭଞ୍ଜରୁ ୩୭ ସାମିଲ

ବାରିପଦା, ୧୧।୧୧(ସବ୍ୟୁ) : ଓଡିଶା ରାଜ୍ୟସ୍ତରୀୟ ଦୌଡ଼କୁଦ ଓ ସଫ୍ଟବଲ ପ୍ରତିଯୋଗିତା ଚଳିତ ନଭେମ୍ବର ମାସ ୧୧ ରୁ ୧୫ ତାରିଖ ପର୍ଯ୍ୟନ୍ତ ବାଲେଶ୍ୱର ଜିଲ୍ଲାସ୍ଥିତ ଖ୍ରୀଷ୍ଟିଆନ ଉଚ୍ଚ ବିଦ୍ୟାଳୟ,ବାଲେଶ୍ୱର ଠାରେ ଚାଲୁଅଛି । ମୟୂରଭଞ୍ଜ ଜିଲ୍ଲା ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀଙ୍କ ମାର୍ଗଦର୍ଶନରେ ଓ ଜିଲ୍ଲା ଶାରୀରିକ ଶିକ୍ଷା ପରିଦର୍ଶକ ଭାଗିରଥି ମଲ୍ଲିକଙ୍କ ତତ୍ତ୍ୱାବଧାନରେ ମୟୂରଭଞ୍ଜ ଜିଲ୍ଲାରୁ ଦୌଡ଼କୁଦ ରେ ୨୫ ଜଣ ଓ ସଫଫବଲରେ ୧୨ ଜଣ କ୍ରୀଡାବିତ୍ତ ଯୋଗ ଦେଇଛନ୍ତି । ଦୌଡ଼କୁଦର ଜେନେରାଲ ମ୍ୟାନେଜର ଭାବେ ଗ୍ରାମପଞ୍ଚାୟତ ଉଚ୍ଚ ବିଦ୍ୟାଳୟ, ଖଡ଼ିଶୋଳର ପିଇଟି ସନ୍ତୋଷ କୁମାର ମହାନ୍ତ, ବାଳକ ଟିମ ମ୍ୟାନେଜର ଭାବେ ସରକାରୀ ଉଚ୍ଚ ବିଦ୍ୟାଳୟ, ମଣଦାର ପିଇଟି ପ୍ରଦୀପ କୁମାର ନାୟକ, ବାଳିକା ଟିମ ମ୍ୟାନେଜର ଭାବେ ଆରପଟା ଉଚ୍ଚ ବିଦ୍ୟାଳୟର ପିଇଟି କ୍ଷଣପ୍ରଭା ବାରିକଙ୍କ ନେତୃତ୍ୱରେ ଦୌଡ଼କୁଦରେ ୨୫ ଜଣ କ୍ରୀଡାବିତ୍ତ ଯୋଗ ଦେଇଛନ୍ତି । ସେମାନେ ହେଲେ ୧୭ ବର୍ଷରୁ କମ ବାଳକ ବିଭାଗରେ ଯଶୋବନ୍ତ ବେହେରା, ନଜିର ପଳେଇ, ସୁନ୍ଦର ମୁର୍ମୁ, ବିକାଶ ସେନାପତି, ମହାବୀର କିସ୍କୁ, ରଘୁନାଥ ମାଝୀ ଓ ବାଳିକା ବିଭାଗରେ ସାବିତ୍ରୀ ମୁର୍ମୁ, ସଞ୍ଜିତା ପରମିତା ନାୟକ, ପ୍ରୀତିରାଣୀ ନାଏକ, କମଳିନୀ ମାରାଣ୍ଡି, ରୁକ୍ମଣୀ ହାଁସଦା, ଲକ୍ଷ୍ମୀ ସିଂ । ସେହିପରି ୧୪ ବର୍ଷରୁ କମ ବାଳକ ବିଭାଗରେ ମଙ୍ଗଳ ସୋରେନ, ଯସେତ ସୋରେନ, ରାମଚନ୍ଦ୍ର ମୁର୍ମୁ, ରାଜଶେଖର ଠାକୁର, ସୁଦାମା ଜଗନ୍ନାଥ ହେମ୍ବ୍ରମ, ରାମ ହେମ୍ବ୍ରମ, କୁନୁ ମହାକୁଡ଼ ଓ ବାଳିକା ବିଭାଗରେ ଯମୁନା ମହାନ୍ତ, ବନିତା ମହାନ୍ତ, ଲିଜା ରାଣୀ ଗିରି, ବିନ୍ଦି ସିଂ, ଜୟସ୍ମିତା ସିଂ, ସୁନିତା ପିଙ୍ଗୁଆ । ସଫଫବଲ ବାଳକ ଟିମ ମ୍ୟାନେଜର ଭାବେ କୁଳିଅଣା ବ୍ଲକ ଅନ୍ତର୍ଗତ ଓଏଭି, ଚାନ୍ଦୁଆର ପିଇଟି ଅଞ୍ଜନ କୁମାର ରାଉତଙ୍କ ନେତୃତ୍ୱରେ ୧୨ ଜଣ ଛାତ୍ର ଯୋଗ ଦେଇଛନ୍ତି । ସେମାନେ ହେଲେ ଓଏଭି, ଚାନ୍ଦୁଆ ର ଜୟନ୍ତ ମହାନ୍ତ,ସରକାରୀ ଉଚ୍ଚ ବିଦ୍ୟାଳୟ, ଭୁରୁଙ୍ଗାଶୋଳର ବିଶାଲ ବିନ୍ଧାଣୀ, ସୌଭାଗ୍ୟ ମହାନ୍ତ, ଶିବ ଶଙ୍କର ଥୟାଲ, ସିପୁନ ବାରିକ, ନିତ୍ୟାନନ୍ଦ ଧଳ, ରବୀନ୍ଦ୍ର ତୁଙ୍ଗ,ଶୁଭମ ହେମ୍ବ୍ରମ, ଦେବାଶିଷ ମହାନ୍ତ, ଆଦିତ୍ୟ କାନୁନଗୋ ସରକାରୀ ଉଚ୍ଚ ବିଦ୍ୟାଳୟ, ହାତୀମରାର ଅମିତ କୁମାର ନାଏକ, ଏମକେସି ସରକାରୀ ଉଚ୍ଚ ବିଦ୍ୟାଳୟ, ବାରିପଦାର ଚନ୍ଦ୍ରଭାନୁ ବେହେରା, ଓଏଭି, ରାଣୀଭୋଳ, ବାରିପଦାର ଦୁର୍ଗା ପ୍ରସାଦ ଗିରି । ଏମକେସି ସରକାରୀ ଉଚ୍ଚ ବିଦ୍ୟାଳୟ, ବାରିପଦାରେ ଏକ ଭବ୍ୟ ସମ୍ବର୍ଦ୍ଧନା ସଭାରେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଶଶୀଧର ସିଂହ, ଜିଲ୍ଲା ବିଜ୍ଞାନ ପରିଦର୍ଶକ ଜ୍ଞାନରଞ୍ଜନ ଆଚାର୍ଯ୍ୟ ପ୍ରମୁଖ କ୍ରୀଡ଼ାବିତ ମାନଙ୍କୁ ଶୁଭେଚ୍ଛା ଜଣେଇବା ସହ ରାଜ୍ୟସ୍ତରରେ ସଫଳତା କାମନା କରିଛନ୍ତି ।

# ଶହେବର୍ଷ ପୂର୍ତ୍ତି ଉପଲକ୍ଷେ ମୟୂରଭଞ୍ଜ ଜିଲ୍ଲାରେ ହକି ପ୍ରତିଯୋଗିତା



ବାରିପଦା,୧୧।୧୧ (ସବ୍ୟୁ) : ଭାରତୀୟ ହକିର ଶହେବର୍ଷ ପୂର୍ତ୍ତି ଉପଲକ୍ଷେ ମୟୂରଭଞ୍ଜ ଜିଲ୍ଲା ହକି ଆସୋସିଏସନ ତରଫରୁ ହକି ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ମୋରଡା ବ୍ଲକସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟ, ଚଢ଼େଇଗାଁ ପରିସରରେ ଓଡ଼ିଶା ସରକାର ଓ ଟାଟା ହକି ଦ୍ୱାରା ପରିଚାଳିତ ଗ୍ରାସରୁଟ ହକିକେନ୍ଦ୍ର ଠାରେ ମୟୂରଭଞ୍ଜ ଜିଲ୍ଲାର ୪ଟି ଦଳକୁ ନେଇ ପ୍ରତିଯୋଗିତା ହୋଇଥିଲା । ଭାରତୀୟ ହକିର ଏହି ଶହେ ବର୍ଷ ପୂର୍ତ୍ତି ଅବସରରେ ହକି କେନ୍ଦ୍ରରେ ପ୍ରଶିକ୍ଷଣ ନେଉଥିବା ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୨ଟି ବାଳକ ଓ ୨ଟି ବାଳିକା ଦଳମଧ୍ୟରେ ପ୍ରଦର୍ଶନୀ ମ୍ୟାଚ ଅନୁଷ୍ଠିତ ହୋଇଥିଲା । ମୟୂରଭଞ୍ଜ ଜିଲ୍ଲାର କ୍ରୀଡ଼ା ଅଧିକାରୀ ଶୁଭାଶିଷ ନାୟକଙ୍କ ତତ୍ତ୍ୱାବଧାନରେ କ୍ରୀଡ଼ା ଅନୁଷ୍ଠିତ ହୋଇଥିଲା ଔ ସୁନିଲ କୁମାର ମହାନ୍ତ, ଡେଭିଡ ସାରଙ୍ଗ ଓ ଲକ୍ଷ୍ମୀପ୍ରିୟା ପୃଷ୍ଟି ପ୍ରତିଯୋଗିତା ପରିଚାଳନା କରିଥିଲେ । ମୁଖ୍ୟ ଅତିଥି ଭାବେ ଯୋଗଦେଇ ସରକାରୀ ଉଚ୍ଚ ବିଦ୍ୟାଳୟ, ଚଢ଼େଇଗାଁ ର ପ୍ରଧାନ ଶିକ୍ଷକ ରାଇସେନ ମୁର୍ମୁ ଚାମ୍ପିୟନ ହୋଇଥିବା ଚଢେଇଗାଁ ଉଚ୍ଚ ବିଦ୍ୟାଳୟର ଉଭୟ ବାଳକ ଓ ବାଳିକା ଦଳକୁ ପୁରସ୍କୃତ କରିଥିଲେ ।

# କିଟ୍ କ୍ୟାମ୍ପସରେ ଅଲ୍ ଇଣ୍ଡିଆ ଏଲ୍ଆଇସି କ୍ରୀଡା ଉଦଘାଟିତ

ଭୁବନେଶ୍ୱର,୧୧।୧୧(ସବ୍ୟୁ) : ଭାରତୀୟ ଜୀବନ ବୀମା ନିଗମର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଏବଂ ପରିଚାଳନା ନିର୍ଦ୍ଦେଶକ ଆର. ଦୁରାଇସ୍ୱାମୀ ମଙ୍ଗଳବାର କିଟ କ୍ୟାମ୍ପସରେ ଅଲ୍ ଇଣ୍ଡିଆ ଏଲ୍ଆଇସି ଗେମ୍ସ ୨୦୨୫ ଉଦଘାଟନ କରିଛନ୍ତି । ଚାରି ଦିନ ଧରି ଅନୁଷ୍ଠିତ ହେବାକୁ ଥିବା ଏହି ବାର୍ଷିକ କ୍ରୀଡା ମହୋତ୍ସବରେ ଛଅଟି କ୍ରୀଡା ଯଥା କ୍ୟାରମ୍, ଚେସ୍, ଟେବୁଲ ଟେନିସ୍, ବ୍ୟାଡମିଣ୍ଟନ, ଭଲିବଲ୍ ଏବଂ ଆଥଲେଟିକ୍ସ



ଅନ୍ତର୍ଭୁକ୍ତ ହେବ । କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ (ମାନବ ସମ୍ବଳ ବିକାଶ ଏବଂ ତାଲିମ) ସିଲ୍ଲାଲ ବିନୟ, କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ (କର୍ପୋରେଟ୍ ଯୋଗାଯୋଗ) ଦୀପ ସେନାଇ,, କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶିକା (କାର୍ମିକ) ରିମି ସିଂହ,, ଆଞ୍ଚଳିକ ପରିଚାଳିକା ଶ୍ରୀଶ୍ରୀ ହରି, ଏବଂ ବରିଷ୍ଠ ବିଭାଗୀୟ ପରିଚାଳକ, ଭୁବନେଶ୍ୱର ଡିଭିଜନ ଯମଲ କେ. ମହାନ୍ତି ମଧ୍ୟ ଏହି ଅବସରରେ ଉପସ୍ଥିତ ଥିଲେ । ଖେଳାଳିମାନଙ୍କୁ ସମ୍ବୋଧିତ କରି ଶ୍ରୀ ଦୁରାଇସ୍ୱାମୀ କହିଥିଲେ ଯେ କ୍ରୀଡା କେବଳ ପ୍ରତିଯୋଗିତା ନୁହେଁ, ବରଂ ଏହା ଚରିତ୍ର ଗଠନର ଏକ ମାଧ୍ୟମ । ସେ ଏହା ମଧ୍ୟ ଗୁରୁତ୍ୱାରୋପ କରିଥିଲେ ଯେ ଖେଳାଳିମାନେ ଉତ୍ସାହ, ନିରପେକ୍ଷ କ୍ରୀଡାଭାବ ଏବଂ ସେମାନଙ୍କର ପୂର୍ଣ୍ଣ ସମ୍ଭାବନା ସହିତ କ୍ରୀଡାରେ ଅଂଶଗ୍ରହଣ କରିବା ଉଚିତ । ଖେଳାଳିମାନଙ୍କ ଦ୍ୱାରା ଏକ ମାର୍ଚ୍ଚପାଷ୍ଟ ସହିତ ଉଦଘାଟନୀ ଉତ୍ସବ ଆରମ୍ଭ ହୋଇଥିଲା । ଏହା ପରେ ଶ୍ରୀ ଦୁରାଇସ୍ୱାମୀ ପତାକା ଉତ୍ତୋଳନ କରିଥିଲେ ଏବଂ ଅଖିଳ ଭାରତୀୟ ଏଲଆଇସି ଗେମ୍ସକୁ ଆନୁଷ୍ଠାନିକ ଭାବରେ ଉଦଘାଟନ କରିଥିଲେ । ନିଗମର ଆଠଟି କ୍ଷେତ୍ରରୁ ପ୍ରାୟ ୩୮୨ ଜଣ ଖେଳାଳି ଏହି ଗେମ୍ସରେ ଅଂଶଗ୍ରହଣ କରିବେ । ଅଖିଳ ଭାରତୀୟ ଏଲଆଇସି ଗେମ୍ସ ଆସନ୍ତା ୧୪ରେ ମୁଖ୍ୟ ଅତିଥି, ଭାରତୀୟ ଜୀବନ ବୀମା ନିଗମର ପରିଚାଳନା ନିର୍ଦ୍ଦେଶକ ସତପାଲ ଭାନୁଙ୍କ ଦ୍ୱାରା ସମାପନ ହେବ ।

# ଆନ୍ତଃ ଉଚ୍ଚ ମାଧ୍ୟମିକ କ୍ରିକେଟ ଟୁର୍ଣ୍ଣାମେଣ୍ଟ

## ହାଇଟେକ, ଭୁବନେଶ୍ୱର ଚାମ୍ପିଅନ

ବ୍ୟାସନଗର, ୧୧।୧୧(ସବ୍ୟୁ) : ବ୍ୟାସନଗର କଲେଜ ଖେଳ ପଡିଆରେ ଚାଲୁଥିବା ଆନ୍ତଃ ଉଚ୍ଚ ମାଧ୍ୟମିକ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଫାଇନାଲ ମ୍ୟାଚ ମୁନିସିପାଲ ଉଚ୍ଚ ମାଧ୍ୟମିକ ସ୍କୁଲ, ରାଉରକେଲା ଓ ହାଇଟେକ ମେଡିକାଲ ଉଚ୍ଚ ମାଧ୍ୟମିକ, ଭୁବନେଶ୍ୱର ମଧ୍ୟରେ ହୋଇଥିଲା । ଟସରେ ବିଜୟୀ ହୋଇ ମୁନିସିପାଲ, ରାଉରକେଲା ପ୍ରଥମେ ଫିଲଡିଂ କରିବାର ନିଷ୍ପତି ନେଇଥିଲେ । ହାଇଟେକ, ଭୁବନେଶ୍ୱର ନିର୍ଦ୍ଧାରିତ ୨୦ ଓଭରରେ ୧୦୯ ରନ କରି ଅଲ ଆଉଟ ହୋଇଥିଲେ । ଦଳ ତରଫରୁ ଶୁଭମ ସାହୁ ୨୬ ଓ ଦେବାଂଶୁ ଯାଦବ ୨୮ ରନ କରିଥିଲେ । ଏହାର ଜବାବରେ ମୁନିସିପାଲ ୨୦ ଓଭରରେ ସମସ୍ତ ଉଇକେଟ ହରାଇ ୧୦୭ ରନ କରିଥିଲେ । ମାତ୍ର ୨ରନରେ ହାଇଟେକ, ଭୁବନେଶ୍ୱର ଚମ୍ପିୟାନ ହୋଇଥିଲେ ।

ଆଜିର ଏହି ଉଦଯାପନ ଉତ୍ସବ କଲେଜର ଅଧ୍ୟକ୍ଷ ଶରତ କୁମାର ମଲ୍ଲିକ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା । ମୁଖ୍ୟ ଅତିଥି ଭାବେ କୋରାଇର ମାନ୍ୟବର ବିଧାୟକ ଆକାଶ ଦାସନାୟକ, ସମ୍ମାନିତ ଅଗତିଥି ଭାବେ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦର ସେକ୍ରେଟେରୀ ଶୁଭ୍ରାବାଳା ବେହେରା ଯୋଗ ଦେଇ ଟ୍ରଫି ପ୍ରଦାନ କରିଥିଲେ । ଉପସଭାପତି ଅଥଲେଟିକ କ୍ଲବର ଶଶିକାନ୍ତ ଲେଙ୍କା ଅତିଥି ପରିଚୟ ପ୍ରଦାନ କରିଥିଲେ । ନିରଞ୍ଜନ ପୃଷ୍ଟି ଧନ୍ୟବାଦ ଦେବା ସହିତ ଟୁର୍ଣ୍ଣାମେଣ୍ଟର ବିବରଣୀ ପ୍ରଦାନ କରିଥିଲେ । ହାଇଟେକର ଦେବାଂଶୁ ଯାଦବଙ୍କୁ ତେଜ ହୋଣ୍ଡା ତରଫରୁ ମ୍ୟାନ ଅଫ ଦି ମ୍ୟାଚ ପୁରସ୍କାର ପ୍ରଦାନ କରାଯାଇଥିଲା । ଆଜିର ଖେଳାକୁ ପବିତ୍ର ମଲ୍ଲିକ, ପ୍ରଦୀପ ମଲ୍ଲିକ, ବି. ମୋହନେଶ ପରିଚାଳନା କରିଥିଲେ ।

# ଆନ୍ତଃ ଜିଲ୍ଲା କ୍ରିକେଟ ଟୁର୍ଣ୍ଣାମେଣ୍ଟ : ଆଲଫା ସ୍ପୋର୍ଟିଙ୍ଗ, ଆସ୍କା ପାନାସୋନିକ ବିଜୟୀ

ବ୍ରହ୍ମପୁର, ୧୧।୧୧ (ସବ୍ୟୁ) : ସ୍ଥାନୀୟ ଖଲ୍ଲିକୋଟ ଏକକ ବିଶ୍ୱ ବିଦ୍ୟାଳୟ ପଡିଆ ଠାରେ ଆଲଫା ସ୍ପୋର୍ଟିଙ୍ଗ କ୍ଲବ ଆନୁକୂଲ୍ୟରେ ୩ୟ ତମ ଅଝଲଫା କପ କ୍ରିକେଟ ଟୁର୍ଣ୍ଣାମେଣ୍ଟର ବି,ଗ୍ରୁପର ପ୍ରଥମ କ୍ୱାର୍ଟର ଫାଇନାଲ ଆଲଫା ସ୍ପୋର୍ଟିଙ୍ଗ କ୍ଲବ ବନାମ ଆଲଫା ଜୁନିୟର ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଆଲଫା ସ୍ପୋର୍ଟିଙ୍ଗ କ୍ଲବ ଟସ ଜିତି ପ୍ରଥମେ ବ୍ୟାଟିଙ୍ଗର ନିଷ୍ପତି ନେଇଥିଲେ । ନିର୍ଦ୍ଧାରିତ ୧୫ ଓଭର ବିଶିଷ୍ଟ ମ୍ୟାଚରେ ଅଝଲଫା ସ୍ପୋର୍ଟିଙ୍ଗ ଦଳ ୫ ଗୋଟି ୱିକେଟ ବିନିମୟରେ ୧୪୯ ରନ କରିଥିଲେ । ଦଳ ପକ୍ଷରୁ ସମୀର ସାହୁ ବ୍ୟକ୍ତିଗତ ଅପରାଜିତ ରହି ୨୮ ବଲ ଖେଳି ୫୪ ରନ ଓ ଅଭିଷେକ ପଟ୍ଟନାୟକ ୧୮ ବଲ ଖେଳି ୩୦ ରନ କରିଥିଲେ । ଆଲଫା ଜୁନିୟର ପକ୍ଷରୁ ବୋଲିଙ୍ଗରେ ଦୀନେଶ ରାଉତ ୩ ଓଭର ୩୩ ରନ ଦେଇ ୨ ଗୋଟି ୱିକେଟ ଅକ୍ତିହାର କରିଥିଲେ । ଜବାବରେ ଆଲଫା ଜୁନିୟର ଟିମ ୧୪.୩ ଓଭର ପକାଇ ସମସ୍ତ ୱିକେଟ ହରାଇ ମାତ୍ର ୮୭ ରନ କରିଥିଲେ । ଦଳ ପକ୍ଷରୁ ସୂର୍ଯ୍ୟ ନାରାୟଣ ସାମନ୍ତରାୟ ୨୭ ବଲ ଖେଳି ୪୧ ରନ କରିଥିଲେ । ଆଲଫା ସ୍ପୋର୍ଟିଙ୍ଗ କ୍ଲବ ପକ୍ଷରୁ ବୋଲିଙ୍ଗରେ ସମୀର ସାହୁ ୩ ଓଭର ୧୯ ରନ ଦେଇ ୪ ଗୋଟି ୱିକେଟ ଓ ଅଭିନୀତ କୁମାର ପଟ୍ଟନାୟକ ୨.୩ ଓଭର ପକାଇ ୮ ରନ ଦେଇ ୩ ଗୋଟି ୱିକେଟ ଅକ୍ତିହାର କରିଥିଲେ । ଏହି ମ୍ୟାଚକୁ ଆଲଫା ସ୍ପୋର୍ଟିଙ୍ଗ ଦଳ ବହୁ ବ୍ୟବଧାନରେ ୬୨ ରନରେ ବିଜୟୀ ଲାଭ କରିଲା । ଆଜିର ମ୍ୟାଚରେ ଆଲଫା ସ୍ପୋର୍ଟିଙ୍ଗ କ୍ଲବର ସମୀର ସାହୁଙ୍କୁ ମେନ ଅଫ ଦା ମ୍ୟାଚ ଭାବେ ବିବେଚିତ କରାଯାଇଛି ।

ଆଜିର ମଧ୍ୟାହ୍ନରେ ବି. ଗ୍ରୁପର ଦ୍ୱିତୀୟ କ୍ୱାର୍ଟର ଫାଇନାଲ ମ୍ୟାଚ ପାନାସୋନିକ କ୍ରିକେଟ କ୍ଲବ ବନାମ ସୱରାଜ କ୍ରିକେଟ କ୍ଲବ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ପାନାସୋନିକ ଦଳ ଟସ ଜିତି ପ୍ରଥମେ ବ୍ୟାଟିଙ୍ଗର ନିଷ୍ପତି ନେଇଥିଲେ । ନିର୍ଦ୍ଧାରିତ ୧୮ ଓଭର ବିଶିଷ୍ଟ ମ୍ୟାଚରେ ପାନାସୋନିକ ଦଳ ୯ ଗୋଟି ୱିକେଟ ବିନିମୟରେ ୧୪୯ ରନ କରିଥିଲେ । ଦଳ ପକ୍ଷରୁ ସ୍ମୃତି ରଞ୍ଜନ ପାତ୍ର ୩୧ ବଲ ଖେଳି ୫୧ ରନ ଓ ସୁଶାନ୍ତ ବେହେରା ୨୨ ବଲ ଖେଳି ୩୩ ରନ କରିଥିଲେ । ସ୍ୱରାଜ କ୍ରିକେଟ କ୍ଲବ ପକ୍ଷରୁ ବୋଲିଙ୍ଗରେ ଅଂଶୁମାନ ସାମନ୍ତ ୪ ଓଭର ପକାଇ ୧୬ ରନ ଦେଇ ୩ ଗୋଟି ୱିକେଟ ଅକ୍ତିହାର କରିଥିଲେ । ଜବାବରେ ସ୍ୱରାଜ କ୍ରିକେଟ କ୍ଲବ ୧୮ ଓଭର ଖେଳି ୯ ଗୋଟି ୱିକେଟ ବିନିମୟରେ ମାତ୍ର ୧୦୪ ରନ କରିଥିଲେ । ଦଳ ପକ୍ଷରୁ ସିଦ୍ଧାନ୍ତ କୁମାର ଖାଡ଼ା ୩୧ ବଲ ଖେଳି ୨୯ ରନ ବି.ଏନ ରେଡି ୧୯ ବଲ ଖେଳି ୨୫ ରନ କରିଥିଲେ ୫ ପାନାସୋନିକ କ୍ରିକେଟ କ୍ଲବ ପକ୍ଷରୁ ବୋଲିଙ୍ଗରେ ଜଗମୋହନ ଗୌଡ଼ ୪ ଓଭର ପକାଇ ୨୭ ରନ ଦେଇ ୪ ଗୋଟି ୱିକେଟ ଅକ୍ତିହାର କରିଥିଲେ ।

# ସାମିଙ୍କ ସପକ୍ଷରେ ଗାଙ୍ଗୁଲି

 କୋଲକାତା, ୧୧।୧୧(ଏଜେନ୍ସି) : ସାମି ସମ୍ପୂର୍ଣ୍ଣ ଫିଟ୍ ଅଛନ୍ତି । ସେ ଟେଷ୍ଟ ମ୍ୟାଚ୍ ଖେଳିପାରିବେ । ଦଳରେ ତାଙ୍କୁ ସୁଯୋଗ ଦେଇଥିଲେ ଭଲ ହୋଇଥାନ୍ତା ବୋଲି କହିଛନ୍ତି ପୂର୍ବତନ ବିସିସିଆଇ ମୁଖ୍ୟ ସୌରଭ ଗାଙ୍ଗୁଲି । ସାମି ଭଲ ବୋଲିଂ କରିପାରିବେ ବୋଲି ଗାଙ୍ଗୁଲି ଯୁକ୍ତି ବାଢିଛନ୍ତି । ମୁଖ୍ୟ ଚୟନକର୍ତ୍ତା ଅଜିତ ଅଗରକରଙ୍କ ନେତୃତ୍ୱରେ ଚୟନ କମିଟି ଦକ୍ଷିଣ ଆଫ୍ରିକା ବିପକ୍ଷ ଟେଷ୍ଟ ସିରିଜ ପାଇଁ ଦଳ ଘୋଷଣା କରିଥିଲା । ଏଥିରେ ୩୫ ବର୍ଷୀୟ ମହମ୍ମଦ ସାମିଙ୍କ ନାଁ ନଥିଲା । ଯାହା ପ୍ରଶଂସକଙ୍କୁ ନିରାଶ କରିଥିଲା । ରଣଜୀରେ ଭଲ ପ୍ରଦର୍ଶନ କରିଥିଲେ ବି ସାମିଙ୍କୁ ଦଳରେ ନିଆଯାଉନାହିଁ । ଶେଷଥର ପାଇଁ ତାଙ୍କୁ ଚାମ୍ପିଅନ୍ସ ଟ୍ରଫିରେ ଦେଖିବାକୁ ମିଳିଥିଲା । ଭାରତୀୟ କ୍ରିକେଟ୍‌ରେ ଦାଦା ଭାବେ ପରିଚିତ ଗାଙ୍ଗୁଲିଙ୍କୁ ଦ୍ରୁତ ବୋଲର ସାମିଙ୍କ ସମ୍ପର୍କରେ ପ୍ରଶ୍ନ କରାଯାଇଥିଲା । ଯାହାର ଜବାବ୍‌ରେ ସେ କହିଛନ୍ତି ସାମି ସମ୍ପୂର୍ଣ୍ଣ ଫିଟ୍ ଅଛନ୍ତି । ରଣଜୀ ଟ୍ରଫିର ୩ ଟି ମ୍ୟାଚରେ ସେ ପଶ୍ଚିମବଙ୍ଗକୁ ନିଜ ଦମରେ ଜିତାଇଥିଲେ । ସେ ୯୧ ଓଭର ବୋଲିଂ କରି ୧୫ ୱିକେଟ୍ ଅକ୍ତିଆର କରିଥିଲେ । ୨୦୨୩ ବିଶ୍ୱ କପ୍ ପରେ ତାଙ୍କ ହାତରେ ସର୍ଜରୀ ହୋଇଥିଲା । ସୁସ୍ଥ ହେଲା ପରେ ସେ ତୁରନ୍ତ ଲୟକୁ ଫେରିଥିଲେ । ଚୟନକର୍ତ୍ତା ତାଙ୍କୁ ନଜରରେ ରଖିଛନ୍ତି । ଉଭୟଙ୍କ ମଧ୍ୟରେ ଆଲୋଚନା ହୋଇଥିବ । ଫିଟ୍‌ନେସ୍ ଏବଂ କୌଶଳକୁ ଦେଖିଲେ ସାମି ଆଗ ଭଳି ଅଛନ୍ତି । ସେ ଭାରତ ପାଇଁ ନଖେଳିବାର କୌଣସି କାରଣ ନାହିଁ । ଏବେ ଭାରତ ପାଖରେ ପ୍ରସିଦ୍ଧ କ୍ରୀଷ୍ଣା ଏବଂ ଆକାଶ ଦୀପଙ୍କ ଭଳି ବୋଲର ଅଛନ୍ତି । ତଥାପି ସାମିଙ୍କ ଅନୁଭବ ଭାରତ ପାଇଁ ଭଲ ରହିବ । ଆଗାମୀ ଦିନରେ ସେ ଅନ୍ତର୍ଜାତୀୟ ମ୍ୟାଚଗୁଡିକରେ ନଜର ଆସିବା ସମ୍ପର୍କରେ ଗାଙ୍ଗୁଲି ଆଶା ବ୍ୟକ୍ତ କରିଛନ୍ତି ।



# ଏସିଆ ମାଷ୍ଟର୍ସ ଆଥଲେଟିକ୍ ଚାମ୍ପିଅନସିପ୍

## ପ୍ରତିଚିଙ୍କୁ ରୌପ୍ୟ ପଦକ

ଭୁବନେଶ୍ୱର, ୧୧।୧୧(ସବ୍ୟୁ) : ପୂର୍ବତନ ଓଡିଶା ମୁଖ୍ୟମନ୍ତ୍ରୀ ନୀଳମଣି ରାଉତରାୟଙ୍କ ନାତୁଣୀ ପ୍ରତିଚି ରଶ୍ମି ରାଉତରାୟ ଏସିଆ ମାଷ୍ଟର୍ସ ଆଥଲେଟିକ୍ ମିଟ୍‌ରେ ରୌପ୍ୟ ପଦକ ଜିତି ଗୌରବ ଆଣିଛନ୍ତି । ଏହି ପ୍ରତିଯୋଗିତାର ୩୫ ବର୍ଷରୁ ଉର୍ଦ୍ଧ୍ୱ ମହିଳା ହାମରଥ୍ରୋ ଇଭେଣ୍ଟରେ ଅଂଶଗ୍ରହଣ କରି ପ୍ରତିଚି ଦ୍ୱିତୀୟ ସ୍ଥାନ ସହ ରୌପ୍ୟ ଜିତିଛନ୍ତି । ମାଷ୍ଟର୍ସ ଆଥଲେଟିକ୍ସ ଫେଡରେସନ୍ ଅଫ ଇଣ୍ଡିଆ ଆନୁକୂଲ୍ୟରେ ଚେନ୍ନାଇରେ ଗତ ୫ ରୁ ୯ ତାରିଖ ପର୍ଯ୍ୟନ୍ତ ଏହି ଚାମ୍ପିଅନସିପ୍ ଅନୁଷ୍ଠିତ ହୋଇଥିଲା । ପ୍ରତିଚି ୩୩. ୯୪ ମିଟର ହାମରଥ୍ରୋ କରି ଏହି ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲେ । ଏହି ବର୍ଗରେ ଶ୍ରୀଲଙ୍କା ପ୍ରତିଯୋଗୀ ୪୨.୧୨ ମିଟର ହାମରଥ୍ରୋ କରି ସ୍ୱର୍ଣ୍ଣ ପଦକ ଜିତିଛନ୍ତି । ଭାରତକୁ ବ୍ରୋଞ୍ଜ ପଦକ ସଫଳତା ମଧ୍ୟ ମିଳିଛି । ମାଷ୍ଟର୍ସ ଆଥଲେଟିକ୍ସ ପ୍ରତିଯୋଗିତାରେ ୩୫ ବର୍ଷ କିମ୍ବା ତଦଦର୍ଦ୍ଧ୍ୱ ପ୍ରତିଯୋଗୀ ଅଂଶଗ୍ରହଣ କରିଥାନ୍ତି । ଏହି ପ୍ରତିଯୋଗିତାରେ ୩୦ ଟି ଏସୀୟ ରାଷ୍ଟ୍ରରୁ ୪୦୦୦ ରୁ ଉର୍ଦ୍ଧ୍ୱ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ । ଏସିଆନ୍ ମାଷ୍ଟର୍ସ ଆଥଲେଟିକ୍ସ ଚାମ୍ପିଅନସିପ୍‌ରେ ପ୍ରଥମ ଥର ପାଇଁ ୩୫୦୦ ଆଥଲେଟରଙ୍କୁ ଅଂଶ ଗ୍ରହଣ ନିମନ୍ତେ ଏଣ୍ଟ୍ରି ମିଳିଥିଲା । ପୂର୍ବରୁ ଭାରତରେ ଯେକୌଣସି ମାଷ୍ଟର୍ସ ଟୁର୍ଣ୍ଣାମେଣ୍ଟ ଆୟୋଜିତ ହୋଇଛି, ଏତେ ସଂଖ୍ୟାରେ ପ୍ରତିଯୋଗୀ ଅଂଶଗ୍ରହଣ କରିନଥିଲେ । ଏହା ଦୌଡ କୁଦ ପ୍ରତିଯୋଗୀତାରେ ଏକ ମାଇଲ୍ ଷ୍ଟୋନ୍ ସ୍ଥାପନ କରିଛି । କୋଚ୍ ମଳୟ ରଞ୍ଜନ ପତି କହିଛନ୍ତି ପ୍ରତିଚି ପଦକ ଜିତି ସାରା ଦେଶକୁ ଗର୍ବିତ କରିଛନ୍ତି । ଆଗକୁ ମଧ୍ୟ ତାଙ୍କ ପଦକ ଯାତ୍ରା ଜାରି ରହିବ । ଆହୁରି ଭଲ ପ୍ରଦର୍ଶନ ଦେଖାଇ ସେ ପଦକ ଜିତିବେ ।



ସୂଚନା

ସମୟ BHIM BHARAT INTERFACE FOR MONEY SCAN & PAY

ASHIRBAD PRAKASHAN PVT.LTD.

ଦୈନିକ ଖବରକାଗଜ ସମୟରେ ଛାପିବାକୁ / ଶ୍ରଦ୍ଧାଞ୍ଜଳି ବିଜ୍ଞାପନ ଦେବାକୁ ଚାହୁଁଥିବା ଇଚ୍ଛୁକ ବ୍ୟକ୍ତି ଉପରୋକ୍ତ କ୍ୟୁଆର୍ କୋଡ୍ ସ୍କାନ କରି ଦେୟ ପୈଠ କରିପାରିବେ । ଫୋନ୍ ପେ, ପେଟିଏମ୍, ଗୁଗୁଲ ପେ, ଭାରତ ପେ ଇତ୍ୟାଦିରେ ଦେୟ ପୈଠ କରି ଦେୟ ରସିଦକୁ ବିଜ୍ଞାପନ ସହ ୭୯୭୮୫୩୩୧୭୪ / ଇମେଲ୍:classifiedsamaya@gmail.com ରେ ପଠାଇ ପାରିବେ । ଅଧିକ ସୂଚନା ପାଇଁ ୭୯୭୮୫୩୩୧୭୪ରେ ଯୋଗାଯୋଗ କରନ୍ତୁ ।

Printed & Published by Satyanarayan Mohanty for Ashirbad Prakashan Pvt. Ltd. at its Press at Plot- 44 & 54, Sec.-A, Zone-D, M.I.Estate, Po.:Rasulgarh, Bhubaneswar -10. PBX-0674-7117711, News/Fax-2585740,2586665,
TEL: 2585602, 0674-7117713, Advertisement : 0674-7117734 / 37, Circulation: 0674- 2583867, 7117718, Chief Editor: Gurukalyan Mohapatra, ମୁଖ୍ୟ ସମ୍ପାଦକ: ଗୁରୁକଲ୍ୟାଣ ମହାପାତ୍ର, Editor: Papu Mohanty: ସମ୍ପାଦକ: ପପୁ ମହାନ୍ତି